RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

NITIDIN
# ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

TUESDAY
10 JUNE 2025
ମଙ୍ଗଳବାର
୧୦ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 26 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୨୬ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଚଳନ୍ତା ଟ୍ରେନ୍‌ରୁ ଖସି ୬ ମୃତ

**ଥାଣେ,୯।୬/ଏଜେନ୍ସି:**

ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଏକ ଲୋକାଲ ଟ୍ରେନ୍‌ରୁ ଖସିପଡ଼ି ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୭ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ମୃତାହତ ବ୍ୟକ୍ତିମାନେ ଟ୍ରେନ୍‌ର ଫୁଟବୋର୍ଡରେ ଅତ୍ୟନ୍ତ ବିପଦଜନକ ଭାବେ ଓହଳି ଯାତ୍ରା କରୁଥିବା ବେଳେ ଅନ୍ୟ ଏକ ଟ୍ରାକ୍‌ରୁ ଆସୁଥିବା ଆଉ ଏକ ଟ୍ରେନ୍‌ର ଦ୍ୱାରଦେଶରେ ଓହଳିକରି ଆସୁଥିବା ଯାତ୍ରୀମାନଙ୍କ ସହ ଧକ୍କା ହୋଇଯାଇଥିଲେ, ଯେଉଁ କାରଣରୁ ଏହି ଅଘଟଣ ଘଟିଛି । ସୋମବାର ସକାଳ ୯ଟା ସମୟରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସରୁ ଥାଣେର କସରା ଅଞ୍ଚଳକୁ ଯାଉଥିବା ଲୋକାଲ୍ ଟ୍ରେନରୁ କିଛି ଲୋକ ଟ୍ରାକ୍ ଉପରେ ଖସିପଡ଼ିବାରୁ ଏହି ଅଘଟଣ ଘଟିଛି । ଦୁର୍ଘଟଣା ପାଇଁ ଟ୍ରେନ୍‌ରେ ମାତ୍ରାଧିକ ଭିଡ଼କୁ ଦାୟୀ କରାଯାଉଛି । ଅନ୍ୟପକ୍ଷେ ରେଳ ପ୍ରଶାସନ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରୀୟ ରେଳବାଇ କହିଛି ଯେ ଦୁର୍ଘଟଣାର କାରଣ ଟ୍ରେନ୍‌ରେ ଅତ୍ୟଧିକ ଭିଡ଼ ବୋଲି ଅନୁମାନ କରାଯାଉଥିବା ବେଳେ ଏହାର ତଦନ୍ତ ଆରମ୍ଭ ହୋଇଛି । ତେବେ ଏସବୁ ମଧ୍ୟରେ

▶▶ ୫

## ଆଇଇଡି ବିସ୍ଫୋରଣରେ ଏଏସ୍‌ପି ସହିଦ

**ମାଲକାନଗିରି,୯।୬/ଏନ୍‌ଏନ୍‌ଏସ୍:**



ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ ସୁକମା ଜିଲ୍ଲାର କୋଣ୍ଟାରେ ଆଇଇଡି ବିସ୍ଫୋରଣ ଯୋଗୁଁ କୋଣ୍ଟା ଡିଭିଜନର ଅତିରିକ୍ତ ଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି । କୋଣ୍ଟା ପୁଲିସ ଷ୍ଟେସନ ଇନଚାର୍ଜ (ଟିଆଇ) ସୋନେଲ ଗ୍ୱାଲା ଓ ଏସଡିପିଓ ଭାନୁପ୍ରସାଦ ଚନ୍ଦ୍ରାକର ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ବସ୍ତର ଆଇଜି ସୁନ୍ଦରରାଜ ପି. କହିଛନ୍ତି ଯେ, ମାଓବାଦୀମାନେ ଜୁନ୍ ୧୦ରେ ବନ୍ଦ ଡାକରା ଦେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁକମା ସମେତ ସମଗ୍ର ବସ୍ତରରେ ସୁରକ୍ଷା ବାହିନୀ ସତର୍କ ଅଛନ୍ତି । ସର୍ଚ୍ଚ ଅପରେସନ୍ କରାଯାଉଛି । ସୁକମାରେ ଆକାଶ ରାଓ କୋଣ୍ଟା ଏରାବୋର ରାସ୍ତାରେ ପାଟ୍ରୋଲିଂ ପାଇଁ ବାହାରିଥିଲେ । ଏହି ସମୟରେ ତାଙ୍କ ପାଦ ଏକ ପ୍ରେସର ଆଇଇଡି ବୋମା ଉପରେ ପଡ଼ିଥିଲା, ଯାହା ଫଳରେ ତାହା ବିସ୍ଫୋରଣ ହୋଇଥିଲା । ଯେଉଁଥିରେ ଆକାଶ ରାଓଙ୍କ ଶରୀରର ନିମ୍ନ ଅଂଶର ମାଂସ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ସେହିପରି ଏଥିରେ ଅନ୍ୟ ଜଣେ ଯବାନ ଓ ଅଧିକାରୀ ଆହତ ହୋଇଥିଲେ । ସମସ୍ତଙ୍କୁ ଉଦ୍ଧାର

▶▶ ୫

## ଧର୍ମଗଡ଼ରେ ଉପଜିଲ୍ଲାପାଳଙ୍କ ଅଧର୍ମ କାମ

### ୧୦ ଲକ୍ଷ ଲାଞ୍ଚନେଇ ଗଲେ ଜେଲ୍

**କଟକ,୯।୬/ଏନ୍‌ଏନ୍‌ଏସ୍:**



ଧର୍ମଗଡ଼ରେ ଚାକିରି କରି ଲାଞ୍ଚ ନେବା ଭଳି ଅଧର୍ମ କାମ କଲେ । ଯାହାର ପରିଣାମ ସ୍ୱରୂପ ଜଣେ ଆଇଏଏସଙ୍କୁ ଜେଲ ଯିବାକୁ ପଡ଼ିଛି । ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧର୍ମଗଡ଼ ଉପଜିଲ୍ଲାପାଳ ତଥା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି । କଳାହାଣ୍ଡି ଭିଜିଲାନ୍ସ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍‌କୁ ପଠାଇ ଦିଆଯାଇଛି । ଏନେଇ ଆଜି କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଏମ୍.ରାଧାକ୍ରିଷ୍ଣ ଭବାନୀପାଟଣା ଭିଜିଲାନ୍ସ ୟୁନିଟ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଜୟପାଟଣା

▶▶ ୫

### ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି

## ଏଣିକି ମିଳିବ ୧୦ଲକ୍ଷ

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:**



### ବାସଗୃହ କ୍ଷତିଗ୍ରସ୍ତ ହେଲେ ମିଳିବ ଅନ୍ତ୍ୟୋଦୟ ଗୃହଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ । ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ । ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ । ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ସେହିଭଳି ପକ୍କା ପାଚେରୀ, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

### କେନ୍ଦ୍ରାପଡ଼ାକୁ କରାଯିବ ଆଦର୍ଶ ଜିଲ୍ଲା:ମୁଖ୍ୟମନ୍ତ୍ରୀ

# ବିକାଶମୂଳକ କାର୍ଯ୍ୟରୁ ଆରମ୍ଭ ହେବ ସରକାରଙ୍କ ଦ୍ୱିତୀୟ ବର୍ଷ

- ହେନ୍ତାଳ ଜଙ୍ଗଲ ହେବ ବ୍ୟାପକ
- ଇକୋ ଟୁରିଜିମ୍‌କୁ ଅଧିକ ଗୁରୁତ୍ୱ
- ତ୍ରିରଙ୍ଗା ଯାତ୍ରାରେ ହେଲେ ସାମିଲ୍
- ଶିଳ୍ପର ବିକାଶ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ





**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:**

ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ । ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ । ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ । ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏଭଳି କହିଛନ୍ତି ।

ସମୀକ୍ଷାରୁ ଜଣା ଯାଇଛି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ । କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ

▶▶ ୫

## ଆରମ୍ଭ ହେବ 'ମହାପୁରୁଷ ଆଦର୍ଶ ଗାଁ' ଯୋଜନା

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:**



### ନୂଆରୂପ ନେବ ପ୍ରାୟ ୧୫୦ ଗ୍ରାମ

ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ମହାପୁରୁଷ ଆଦର୍ଶ ଗାଁ ଯୋଜନା । ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଝାସ ଦେଇଥିବା ମହାପୁରୁଷମାନଙ୍କ ଗାଁର ଉନ୍ନତି ପାଇଁ ସରକାର ଏହି ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ କହିଛନ୍ତି ଯେ ମହାପୁରୁଷମାନେ ଜନ୍ମ ହୋଇଥିବା ଗାଁ ଓ ପଞ୍ଚାୟତର ଉନ୍ନତି କରାଯାଇ 'ମହାପୁରୁଷ ଆଦର୍ଶ ଗାଁ' ନାମରେ ନାମିତ କରାଯିବ । 'ମହାପୁରୁଷ ଆଦର୍ଶ ଗାଁ' ଆମର ଅସ୍ମିତା । ଓଡ଼ିଶାକୁ ଯେଉଁମାନେ ସ୍ୱାଧୀନ କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଝାସ ଦେଇଥିଲେ, ସେହି ମହାପୁରୁଷଙ୍କ ଜୀବନୀ ଆମେ ପଢ଼ିଛୁ । ତାଙ୍କ ଜନ୍ମ ବି ଗୋଟେ ଛୋଟ ଗାଁରେ ଏବଂ ପଞ୍ଚାୟତରେ ହୋଇଥିଲା । ସେ ଗାଁ ପଞ୍ଚାୟତ ଆଜି ବି

▶▶ ୫

## ମୋବାଇଲ୍ ଆପ୍‌ରେ ମିଳିବ ୧୮ ରାଜସ୍ୱ ସେବା

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:**



ଏଣିକି ଗୋଟିଏ ମୋବାଇଲ୍ ଆପ୍‌ରେ ପାଖାପାଖି ୧୮ଟି ରାଜସ୍ୱ ସେବା ମିଳିବ । ଘରେ ବସି ସମସ୍ତ ରାଜସ୍ୱ ସଂକ୍ରାନ୍ତ ସୁବିଧା ଲୋକେ ପାଇବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ ଏହି ଆପ୍ ପ୍ରସ୍ତୁତ ହୋଇସାରିଛି । ଖୁବ୍‌ଶୀଘ୍ର ଆପ୍ ଉନ୍ମୋଚନ ହେବାକୁ ଯାଉଛି । ଏହି ଆପ୍ ଦ୍ୱାରା କୌଣସି ସେବା କେନ୍ଦ୍ରକୁ ନଯାଇ ଘରେ ବସି ବିଭିନ୍ନ ସମସ୍ୟାର ସମାଧାନ କରିହେବ । ଛୋଟ ଛୋଟ କାମ ପାଇଁ ରାଜସ୍ୱ ବିଭାଗ କିମ୍ବା ତହସିଲ କାର୍ଯ୍ୟାଳୟକୁ ଲୋକଙ୍କୁ ଦୌଡ଼ିବାକୁ ପଡ଼ିବନି । ଏଥିରେ ବିଭିନ୍ନ ପ୍ରକାର ସେବା ପାଇଁ ଆବେଦନ ହୋଇପାରିବ । ବିଭିନ୍ନ କାଗଜପତ୍ର ଆଦି ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରିହେବ ବୋଲି ସେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ପୂର୍ବରୁ ଲୋକମାନେ ଜାତି, ଆୟ ଓ ଆବାସିକ ପ୍ରମାଣପତ୍ର ପାଇଁ ତହସିଲ ଅଫିସକୁ ଯାଉଥିଲେ । ତହସିଲଦାରଙ୍କ ପାଖରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଥିଲେ । ଆପ୍ ଆସିବା ପରେ ଲୋକଙ୍କୁ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ । ଘରେ ବସି ମୋବାଇଲ୍‌ରେ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ କରିପାରିବେ । ମୋବାଇଲ୍‌ରେ କେଉଁ ବ୍ୟକ୍ତି, କେଉଁ ସମୟ, କେଉଁଠାରୁ ଓ କେଉଁଥି ପାଇଁ ଆବେଦନ କରୁଛନ୍ତି ଏ ସମସ୍ତ ତଥ୍ୟ ପଞ୍ଜିକୃତ ହୋଇ ରହିବ । କେଉଁ ପ୍ରମାଣପତ୍ର କେତେ ସମୟରେ ମିଳିବ, ସେଥିପାଇଁ ସମୟ ଧାର୍ଯ୍ୟ ହେବ ।

▶▶ ୫

## ସମ୍ପର୍କରେ ଲାଗିଲା ରକ୍ତ ଛିଟା

### ସ୍ତ୍ରୀଙ୍କ ଗଳା କାଟିଲା ସ୍ୱାମୀ

**ପାରଳାଖେମୁଣ୍ଡି,୯।୬/ଏନ୍‌ଏନ୍‌ଏସ୍:**

ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗାଁର ଜଣେ ମହିଳାଙ୍କୁ ଗଳା କାଟି ହତ୍ୟା କରାଯାଇଛି । ମୃତ ମହିଳା ଜଣଙ୍କ ହେଲେ ମୋନିକା ପାଇକ । ଏହି କାଣ୍ଡ ଭିଆଇ ଘଟଣା ସ୍ଥଳରୁ ସ୍ୱାମୀ ନରେନ୍ଦ୍ର ପାଇକ ଫେରାର ହୋଇଯାଇଥିବା ଜଣାଯାଇଛି । ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗାଁର ନରେନ୍ଦ୍ର ପ୍ରେମ ବିବାହ କରିଥଲେ । ସେହିଦିନ ଠାରୁ ନରେନ୍ଦ୍ର ଶ୍ୱଶୁର ଘରେ ରହି ଆସୁଥିଲେ । ତେବେ ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା । ଆଜି ଭୋର୍ ସମୟରେ ନରେନ୍ଦ୍ର ସ୍ତ୍ରୀ ମୋନିକାଙ୍କ ଗଳା କାଟି ହତ୍ୟା କରି ଫେରାର ହୋଇଯାଇଛନ୍ତି । ବର୍ତ୍ତମାନ ଘରେ ମୋନିକାଙ୍କ ମା ଏବଂ ୫ବର୍ଷର ଝିଅ ରହିଛନ୍ତି । ଘଟଣା ସ୍ଥଳରେ ସେରଙ୍ଗ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

**ଯୋଡ଼ା,୯।୬/ଏନ୍‌ଏନ୍‌ଏସ୍:**

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୧ ନମ୍ବର ୱାର୍ଡ କଳାପାହାଡ଼ ହୋଟିଂରେ ସ୍ତ୍ରୀ ଏକ ଶୀଳପୋତାରେ ସ୍ୱାମୀଙ୍କୁ ଛେଚି ହତ୍ୟା କରିଛନ୍ତି । ସୂଚନା ଅନୁଯାୟୀ ଗତ ଶନିବାର ସ୍ୱାମୀ କେନ୍ଦୁଆ ଲୋହାର ଏବଂ ସ୍ତ୍ରୀ ଲେମ୍ବ ଲୋହାର ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ଏଥିରେ ଲେମ୍ବ ପ୍ରତିଶୋଧ ପରାୟଣ ହୋଇ ପାଖରେ ଥିବା ଏକ ଶୀଳପୋତାରେ ସ୍ୱାମୀଙ୍କ ମୁଣ୍ଡକୁ ଛେଚି ଦେଇଥିଲେ । ଫଳରେ କେନ୍ଦୁଆ ସେଠାରେ ରକ୍ତାକ୍ତ ଅବସ୍ଥାରେ ପୋଡ଼ିଯାଇଥିଲେ । ତେବେ ସେଠାରେ ଥିବା ତାଙ୍କ ବଡ଼ ଝିଅ ମୋହିନୀ ଲୋହାର ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ । ପରେ ତାଙ୍କୁ କଟକ ମେଡିକାଲକୁ

▶▶ ୫

## ଦୁର୍ଘଟଣାରେ ବାପ,ପୁଅ ମୃତ

**ବାଲିଗୁଡ଼ା,୯।୬/ଏନ୍‌ଏନ୍‌ଏସ୍:**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଅଜଣା ଗାଡ଼ି ଧକ୍କାରେ ବାପା-ପୁଅଙ୍କ ମୃତ୍ୟୁ ହୋଇଛି । ରବିବାର ବିଳମ୍ବିତ ରାତିରେ ବାଲିଗୁଡ଼ା ଥାନା ସିର୍ଶୀପାଙ୍ଗା ଗାଁର ହେମ କହଁର ଓ ତାଙ୍କ ପୁଅ ନୀଳକଣ୍ଠ କହଁର ବାଇକ୍ ଯୋଗେ ରାଇପଙ୍ଗା ଗାଁକୁ ଯାଇ ସେଠାରୁ ଘରକୁ ଫେରୁଥିବା ବେଳେ ଗାଲୀଗୁରା ଘାଟି ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଯାହାଫଳରେ ବାପା ହେମ କହଁରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଥିଲେ । ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ପୁଅ ନୀଳକଣ୍ଠକୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଜାରି ରଖିଛି ।

### ନିଟ୍-ପିଜି ପରୀକ୍ଷା

## ଏନ୍‌ବିଇଏମ୍‌ଏସ୍‌ର ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ

**ନୂଆଦିଲ୍ଲୀ, ୯।୬/ଏଜେନ୍ସି:**

ସୁପ୍ରିମକୋର୍ଟଙ୍କ ଅନୁମତି ମିଳିବା ପରେ ଜାତୀୟ ମେଡିକାଲ୍ ସାଇନ୍ସ ପରୀକ୍ଷା ବୋର୍ଡ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ନିଟ-ପିଜି ପରୀକ୍ଷା-୨୦୨୫ ପାଇଁ ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି । ଏଥିରେ ଅଗଷ୍ଟ ୩ରେ ଏକକ ସିଫ୍ଟରେ (ସକାଳ ୯ ଟାରୁ ମଧ୍ୟାହ୍ନ ୧୨ :୩୦ଟା) ପରୀକ୍ଷା ଅନୁଷ୍ଠିତ ହେବ ଏବଂ ସେପ୍ଟେମ୍ବର ୩ ସୁଦ୍ଧା ରେଜଲ୍ଟ ଘୋଷଣା କରାଯିବ ବୋଲି ଉଲ୍ଲେଖ କରାଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରାର୍ଥୀମାନେ ଜୁନ୍ ୧୩ (ଅପରାହ୍ନ ୩ଟା) ରୁ ଜୁନ୍ ୧୭ ପର୍ଯ୍ୟନ୍ତ ସରକାରୀ ୱେବସାଇଟ୍ natboard.edu.in ମାଧ୍ୟମରେ ନିଜ ସୁବିଧା ମୁତାବକ ସହର ତଥା ପରୀକ୍ଷା କେନ୍ଦ୍ରର ବିକଳ୍ପ ଦେବା ପାଇଁ ସୁଯୋଗ ପାଇବେ । ପରୀକ୍ଷା ସହର ଚୟନ ପାଇଁ 'ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ' ନୀତିକୁ ଏନ୍‌ବିଇଏମ୍‌ଏସ୍ କାର୍ଯ୍ୟକାରୀ କରିବ ବୋଲି କହିଛନ୍ତି । ଅର୍ଥାତ୍ ଆଶାୟୀମାନେ ପରୀକ୍ଷା ସେଣ୍ଟରଗୁଡ଼ିକରେ

▶▶ ୫

### ଦ୍ୱିତୀୟ ସମନ୍ୱୟ ବୈଠକରେ ନିଷ୍ପତ୍ତି

# ରଥଯାତ୍ରାରେ ମୃତ୍ୟୁହେଲେ ୫ ଲକ୍ଷ ବୀମା

**ପୁରୀ,୯।୬/ଏନ୍‌ଏନ୍‌ଏସ୍:**




- କେବଳ ପୁରୀ ପୌରାଞ୍ଚଳରେ ଅଘଟଣ ଘଟିଲେ ବୀମା ବ୍ୟବସ୍ଥା
- ସ୍ୱାସ୍ଥ୍ୟସେବା ଲାଗି ନିୟୋଜିତ ହେବେ ୩୦୦ ଡାକ୍ତର
- କୋଭିଡ୍ ଲକ୍ଷଣ ଥିଲେ ନଆସିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶ
- ରଥଯାତ୍ରାରେ ମିଳିବ ମାଗଣା ଅଟୋରିକ୍ସା ସେବା

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଯଦି କୌଣସି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୁଏ ତେବେ ସେମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯାଇଛି । ରଥ ଯାତ୍ରା ଉତ୍ସବ ସମୟ ଭିତରେ ଅର୍ଥାତ ଜୁନ ୨୬ରୁ ୯ ଜୁଲାଇ ଭିତରେ ଯଦି କୌଣସି ଅଘଟଣରେ କାହାର ମୃତ୍ୟୁ ହୁଏ ବୀମା କମ୍ପାନୀ କ୍ଷତିପୂରଣ ରାଶି ପ୍ରଦାନ କରିବ । ତେବେ କେବଳ ପୁରୀ ପୌରାଞ୍ଚଳ ଭିତରେ ଅଘଟଣ ଘଟିଲେ ଏହି ବୀମା ବ୍ୟବସ୍ଥା କାମ କରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ସୋମବାର ପୂର୍ବାହ୍ଣରେ ଟାଉନ ହଲ ପରିସରରେ ଅନୁଷ୍ଠିତ ଚଳିତ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକରେ ଶ୍ରୀ ପାଢ଼ୀ ଏହି ସୂଚନା ଦେଇଛନ୍ତି । ବୈଠକରେ ରଥଯାତ୍ରା ନିମନ୍ତେ ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡ଼ା ସଂଗ୍ରହ, ନୀତି ସଂପାଦନ , ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି ବୋଲି ସୂଚନା ଦେଇଥିଲେ ।

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ

▶▶ ୫

## ଖସିବ ପାରଦ, କମିବ ତାତି

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:**

### ରଜରେ ପ୍ରବଳ ବର୍ଷା

ଅସହ୍ୟ ଗରମ ଓ ଗୁଳୁଗୁଳିରୁ ମିଳିବ ସାମନ୍ୟ ତ୍ରାହି । ଆଗାମୀ ସାତ ଦିନ ଧରି ରାଜ୍ୟରେ ବର୍ଷା ଜାରି ରହିବ । ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ସହ ଝଟକା ଲାଗି ରହିବ । ଏପରିକି ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି । ବଜ୍ରପାତ ଆଶଙ୍କା କରି ମଧ୍ୟ ୯ ରୁ ୧୩ ତାରିଖ ଯାଏଁ ସତର୍କତା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୧୧ ତାରିଖ ପର ଠାରୁ ରାଜ୍ୟରେ କମିପାରେ ତାପମାତ୍ରା । ଲଗାତାର କିଛି ଦିନ ଧରି ମୌସୁମୀ ଜନିତ ବର୍ଷା ଯୋଗୁଁ ଯେଉଁଭଳି ତାପମାତ୍ରା ବୃଦ୍ଧି ହେଉଥିଲା ସେଥିରୁ ତାହା କମିବ । ଆଗାମୀ ୧୧ ଓ ୧୨ ବେଳକୁ ରାଜ୍ୟରେ ପୁଣି ମୌସୁମି ଜନିତ ବର୍ଷା ଜାରି ରହିବ । କିନ୍ତୁ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ଗୁଳୁଗୁଳି ଜାରି ରହିବ । ହେଲେ ୨୪ ଘଣ୍ଟା ପରେ ଗୁଳୁଗୁଳିରୁ ମିଳିପାରେ ମୁକ୍ତି । ତେବେ ପହିଲି ରଜରୁ ବର୍ଷା ବର୍ଷିବା ଆରମ୍ଭ ହେବ । ବର୍ଷା ଯୋଗୁଁ ଉତ୍ତର ଓ ଉପକୂଳ ଓଡ଼ିଶାରେ ଫିକା ପଡିବ ରଜ । ୧୪ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତକ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଓ ଝଟକା ପବନ ମଧ୍ୟ ପୂର୍ବାନୁମାନ ରହିଛି । ୧୪ ଓ ୧୫ ତାରିଖରେ କେନ୍ଦୁଝର ଓ ମୟୂରଭଞ୍ଜରେ ବର୍ଷା ହେବ । ସେହିପରି ୧୫ ରୁ ୧୬ ତାରିଖ କଟକ ଓ ନୟାଗଡ଼ରେ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ

▶▶ ୫

# ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରୁଛି ତୁର୍କୀ !

**ଜମାତ-ଏ-ଇସଲାମିକୁ ଯୋଗାଉଛି ଅର୍ଥ, ଅସ୍ତ୍ରଶସ୍ତ୍ର ଓ କୂଟନୈତିକ ସହାୟତା**



**ନୂଆଦିଲ୍ଲୀ,୯।୬/ଏଜେନ୍ସି:** ଭାରତ ପାଇଁ ତୁର୍କୀ ଏବେ ଏକ ବଡ଼ ବିପଦ ସାଜିବାକୁ ଯାଉଛି। ତୁର୍କୀ, ଭାରତରେ ହିଂସାକାଣ୍ଡ, ଆତଙ୍କବାଦ ଭଳି ଘଟଣା ଘଟାଇବା ଉଦ୍ଦେଶ୍ୟରେ ଏବେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କରିବା ଆରମ୍ଭ କରିଛି। ଏଭଳି ଏକ ଗୁଇନ୍ଦା ସୂଚନା ମିଳିବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ରିପୋର୍ଟ ଅନୁସାରେ ତୁର୍କୀ, ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର କରୁଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ କରାଇ ଭାରତରେ ଅସ୍ଥିରତା ସୃଷ୍ଟି କରିବା। ତୁର୍କୀ ଏବେ ବାଂଲାଦେଶର ଇସଲାମିକ୍ ମୌଳବାଦୀ ସଂଗଠନ ଜମାତ-ଏ-ଇସଲାମିକୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଦେଉଛି, ଏହାର ଆତଙ୍କବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଉଛି। ରାଜନୈତିକ ସାହାଯ୍ୟ ମଧ୍ୟ ଯୋଗାଇ ଦେଉଛି। ତୁର୍କୀ ସେମାନଙ୍କୁ ଗୋଟିଏ ସର୍ତ୍ତରେ ଏସବୁ ଯୋଗାଇବା ଆରମ୍ଭ କରିଛି। ସର୍ତ୍ତଟି ହେଉଛି ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ପ୍ରସାର କରିବା। ଯଦିଓ ଏସବୁ କରିବା ପଛରେ କେବଳ ବାଂଲାଦେଶରେ ରାଜନୈତିକ ହସ୍ତକ୍ଷେପ ବୋଲି ତୁର୍କୀ ଦର୍ଶାଇବାକୁ ଚେଷ୍ଟା କରୁଛି ବାସ୍ତବରେ ଏହା କେବଳ ବାଂଲାଦେଶ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଏସବୁ ଭାରତର ଉତ୍ତର-ପୂର୍ବ ରାଜ୍ୟ, ପଶ୍ଚିମବଙ୍ଗ, କେରଳ ଏବଂ କାଶ୍ମୀରକୁ ମଧ୍ୟ ଅନେକାଂଶରେ ପ୍ରଭାବିତ କରିବ।

ରିପୋର୍ଟରେ କୁହାଯାଇଛି ଯେ ତୁର୍କୀ ଗୁପ୍ତଚର ସଂସ୍ଥାଗୁଡ଼ିକ ଢାକାର ମୋଘବଜାରରେ ଅବସ୍ଥିତ ଜମାତ-ଏ-ଇସଲାମିର କାର୍ଯ୍ୟାଳୟର ପୁନଃନିର୍ମାଣ ପାଇଁ ଟଙ୍କା ପଠାଇଛି। ଏହି ପାଣ୍ଠି କେବଳ କୋଠା ପାଇଁ ନୁହେଁ, ବରଂ ସଂଗଠନ ଗଠନ ଏବଂ ପ୍ରଚାର ତନ୍ତ୍ରକୁ ମଜବୁତ କରିବା ପାଇଁ ବ୍ୟବହୃତ ହେଉଛି। ଏହା ସହିତ, ଜମାତ ସହିତ ଜଡିତ ଛାତ୍ର ନେତା ସାଦିକ୍ କୟାମଙ୍କ ପରି କର୍ମୀମାନଙ୍କୁ ତୁର୍କୀର ଅସ୍ତ୍ରଶସ୍ତ୍ର କାରଖାନାକୁ ଗସ୍ତରେ ନିଆଯାଉଛି। ଏହାର ସିଧାସଳଖ ଅର୍ଥ ହେଉଛି ସାମରିକ ପ୍ରଯୁକ୍ତିବିଦ୍ୟା ଏବଂ ନେଟୱାର୍କିଂ ବିଷୟରେ ସୂଚନା ଦିଆଯାଉଛି। ପ୍ରକାଶ, ପାକିସ୍ତାନ ସହ ଭାରତର ତିକ୍ତତା ତଥା ଯୁଦ୍ଧ ପରିସ୍ଥିତି ମଧ୍ୟରେ ତୁର୍କୀ ପାକିସ୍ତାନକୁ ସବୁପ୍ରକାର ସାହାଯ୍ୟ କରିଥିଲା। ଏହାକୁ ନେଇ ତୁର୍କୀ ଏବଂ ଭାରତ ମଧ୍ୟରେ ସମ୍ପର୍କ ପ୍ରଭାବିତ ହୋଇଛି। ଏର୍ଦୋଗନ୍ ଯେବେଠାରୁ ତୁର୍କୀ ରାଷ୍ଟ୍ରପତି ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି ସେବେଠାରୁ ପାକିସ୍ତାନ ପ୍ରତି ତାଙ୍କର ଅନୁରକ୍ତି ତଥା ମାତ୍ରାଧିକ ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ ଭାରତ ପ୍ରତି ତାଙ୍କ ଅସୂୟାଭାବ ମଧ୍ୟ ସ୍ପଷ୍ଟ ବାରି ହୋଇପଡିଛି।

# ସ୍କାଏ ଡାଇଭିଂ ବିମାନ ଦୁର୍ଘଟଣାଗ୍ରସ୍ତ

**ୱାଶିଂଟନ,୯।୬/ଏଜେନ୍ସି:** ଆମେରିକାର ଟେନେସି ଅଞ୍ଚଳରେ ଏକ ସ୍କାଏ ଡାଇଭିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ୨୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ୨ ଇଞ୍ଜିନ୍ ବିଶିଷ୍ଟ ବିମାନରେ ଦୁଇଟି ଯାକ ଇଞ୍ଜିନ୍‌ରେ ଏକସଙ୍ଗେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଯୋଗୁ ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି। ତେବେ ଆଶ୍ୱସ୍ତିର ବିଷୟ ହେଉଛି ଯେ ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନଥିଲେ ମଧ୍ୟ ଅନେକ ଯାତ୍ରୀ ଗୁରୁତର ହୋଇଛନ୍ତି, ଯେଉଁମାନଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା କୁହାଯାଉଛି। ସେହିପରି ବାକି ଯାତ୍ରୀମାନେ ସାମାନ୍ୟ ଆଘାତ ପାଇଥିବା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି ଏବଂ ସେମାନେ ସୁରକ୍ଷିତ ନିଜ ଘରକୁ ଫେରିଛନ୍ତି। ଫେଡେରାଲ୍ ଏଭିଏସନ୍ ଆଡ୍‌ମିନିଷ୍ଟ୍ରେଶନ (ଏଫ୍ଏଏ) ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ନାଶଭିଲ୍‌ଠାରୁ ପ୍ରାୟ ୭୭ କିଲୋମିଟର ଦକ୍ଷିଣ ପୂର୍ବ କଫି କାଉଣ୍ଟିର ତୁଲାହୋମା ଆଞ୍ଚଳିକ ବିମାନବନ୍ଦର ନିକଟରେ ଏହି ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀମାନେ ରିପୋର୍ଟ କରିଛନ୍ତି ଯେ ଦୁର୍ଘଟଣା ପୂର୍ବରୁ ବିମାନଟି ଏକ ଗଛରେ ପିଟି ହୋଇଥିଲା।



# ତୃତୀୟ ନୟନ ଖୋଲିବ ଆଇଏଏଫ୍

## ଆସିବ ୩ ହାଇଟେକ୍ ସ୍ପାଏ ପ୍ଲେନ୍ 'ଆଇ-ଷ୍ଟାର୍'

- ଶତ୍ରୁର ପ୍ରତ୍ୟେକ ଗତିବିଧି ଉପରେ ରହିବ ନଜର
- ୧୦,୦୦୦ କୋଟି ଟଙ୍କା ବ୍ୟୟବରାଦ



**ନୂଆଦିଲ୍ଲୀ,୯।୬/ଏଜେନ୍ସି:** ଭାରତ ଏବେ ଆକାଶ ମାର୍ଗରେ ନିଜ ଦୃଷ୍ଟିକୁ ଆହୁରି ଅଧିକ ତୀକ୍ଷ୍ଣ କରିବାକୁ ଯୋଜନା କରୁଛି। ରିପୋର୍ଟ ଅନୁସାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଆଇ-ଷ୍ଟାର ନାମକ ଏକ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପକୁ ଅନୁମୋଦନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଭାରତୀୟ ବାୟୁସେନାକୁ ୧୦ହଜାର କୋଟି ଟଙ୍କା ମୂଲ୍ୟର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଥିବା ୩ଟି ହାଇଟେକ୍ ସ୍ପାଏ ପ୍ଲେନ୍ ବା ଆଇ-ଷ୍ଟାର ବିମାନ ଯୋଗାଇ ଦିଆଯିବ। ଏହି ବିମାନରେ ଇଣ୍ଟେଲିଜେନ୍ସ, ସର୍ଭିଲାନ୍ସ, ଟାର୍ଗେଟ, ଆକ୍ୱିଜିସନ ଏବଂ ରିକୋନାଇସାନ୍ସ ଭଳି ପ୍ରଯୁକ୍ତିବିଦ୍ୟା ତଥା କୌଶଳକୁ ସାମିଲ କରାଯାଇଥିବାରୁ ଏସବୁର ମୂଳ ଇଂରାଜୀ ଅକ୍ଷରକୁ ନେଇ ଏହାର ନାମକରଣ ଆଇ-ଷ୍ଟାର କରାଯାଇଛି। ଏହି ପ୍ରକଳ୍ପ ଭାରତୀୟ ସେନାର କାମକୁ ଅନେକାଂଶରେ ସହଜ କରିପାରିବ।

ସାମରିକ ଅଧିକାରୀଙ୍କ କହିବାନୁସାରେ ଏହି ଗୁଇନ୍ଦା ବିମାନ ମୁଖ୍ୟତଃ ଆକାଶ ମାର୍ଗରେ ଶତ୍ରୁପକ୍ଷଙ୍କ ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିବା ସହ ଭାରତୀୟ ସେନା କମାଣ୍ଡକୁ ରିପୋର୍ଟ କରିବ। ଏହି ବିମାନ ଆକାଶ ମାର୍ଗରୁ ଭୂଭାଗ ଉପରେ ନଜର ରଖିବା ଦିଗରେ ସିଦ୍ଧହସ୍ତ ହେବ। ଆଇ-ଷ୍ଟାର ସେନାକୁ ଏୟାର-ଟୁ-ଗ୍ରାଉଣ୍ଡ ନିରୀକ୍ଷଣ ପ୍ରଦାନ କରେ। ଏହା ଆକ୍ରମଣ ସମୟରେ ଶତ୍ରୁ ବିଷୟରେ ସଠିକ ସୂଚନା ପ୍ରଦାନ କରିବ ଏବଂ ଯେକୌଣସି ଅପରେଶନ ସମୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଭାରତୀୟ ବାୟୁସେନା ଆକାଶରୁ ଭୂମିକୁ ଏକ ସ୍ପଷ୍ଟ ଚିତ୍ର ପାଇପାରିବ ଏବଂ ଏହା ସହଜରେ ଶତ୍ରୁର ଭୂମି ଲକ୍ଷ୍ୟସ୍ଥଳ (ଯେପରିକି ରାଡାର ଷ୍ଟେଶନ, ଏୟାର ଡିଫେନ୍ସ ୟୁନିଟ) ଉପରେ ଆକ୍ରମଣ କରିପାରିବ। ସିଧାସଳଖ ଭାବେ କହିବାକୁ ଗଲେ ଏହା ଏକ ଗୁଇନ୍ଦା ବିମାନ ଯାହାକି ଗୁପ୍ତଚରୀ କାର୍ଯ୍ୟରେ ନିୟୋଜିତ ରହିବ। ଆଗାମୀ ଦିନରେ ଅର୍ଥାତ୍ ଅଧିକରୁ ଅଧିକ ଜୁନ୍ ଚତୁର୍ଥ ସପ୍ତାହ ବେଳକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ପ୍ରସ୍ତାବ ଉପସ୍ଥାପନ କରାଯିବା ସହ ଅନୁମୋଦନ ମିଳିବା ନେଇ ଆଶା କରାଯାଉଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥାନ (ଡିଆରଡିଓ) ଦ୍ୱାରା ବିକଶିତ ଏହି ଗୁପ୍ତଚର ବିମାନ ପ୍ରକଳ୍ପରେ ବୋଇଂ ଏବଂ ବମ୍ବାର୍ଡିୟର ସମେତ ବିଦେଶୀ ନିର୍ମାତାଙ୍କଠାରୁ ଖୋଲା ଟେଣ୍ଡର ମାଧ୍ୟମରେ ୩ଟି ବିମାନ ଅଧିଗ୍ରହଣ ପାଇଁ ପ୍ରସ୍ତାବ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ବିମାନ ଭାରତୀୟ ସେନାରେ ସାମିଲ ହେବା ପରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଠାରୁ ଆରମ୍ଭ କରି ସୀମାରେଖାରେ ଅନୁପ୍ରବେଶ ତଥା ପାକିସ୍ତାନ ଓ ଚୀନ୍ ସେନାର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିବା ସହଜ ହୋଇଯିବ। ସବୁଠୁ ବଡ଼ କଥା ହେଉଛି ଏହି ବିମାନ ଦ୍ୱାରା ମିଳିଥିବା ସୂଚନା ଯୋଗୁ ଭାରତୀୟ ସେନା ଠିକଣା ସ୍ଥାନରେ ସଠିକ୍ ଆକ୍ରମଣ କରିବା ଆହୁରି ସହଜସାଧ୍ୟ ହୋଇଯିବ। ଆଇ-ଷ୍ଟାର ନାମକ ଏହି ଗୁପ୍ତଚର ବିମାନ ଆସିବା ପରେ ଭାରତକୁ ଏକ ସ୍ୱତନ୍ତ୍ର ତାଲିକାରେ ସାମିଲ କରାଯିବ। କାରଣ ଏପ୍ରକାର ଗୁଇନ୍ଦା ବିମାନ ଆମେରିକା, ୟୁକେ ଏବଂ ଇସ୍ରାଏଲ ଭଳି ବହୁତ କମ ଦେଶଙ୍କ ପାଖରେ ରହିଛି। ଆଇ-ଷ୍ଟାର ସମୟ-ସମ୍ବେଦନଶୀଳ ଟାର୍ଗେଟିଂ କ୍ଷମତା ପ୍ରଦାନ କରେ ଏବଂ ଏହା ସହିତ ସୁରକ୍ଷା ସ୍ତର ବୃଦ୍ଧି କରେ। ଏଥିରେ ମଲ୍ଟି-ସ୍ପେକ୍ଟ୍ରାଲ ନିରୀକ୍ଷଣ କ୍ଷମତା ଅଛି।

**ଆଶା ଦେଖାଇଲେ କୃଷିମନ୍ତ୍ରୀ**

# ଖରିଫ ଋତୁରେ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ




**ନୂଆଦିଲ୍ଲୀ,୯।୬/ଏଜେନ୍ସି:** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଦେଶର କୋଟି କୋଟି ଚାଷୀଙ୍କ ସମେତ ସାଧାରଣ ଲୋକଙ୍କୁ ଏକ ବଡ଼ ଆଶା ଦେଖାଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ମାସରୁ ଆରମ୍ଭ ହେଉଥିବା ୨୦୨୫-୨୬ ଖରିଫ ଋତୁରେ ଭାରତ ସମ୍ଭବତଃ ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ନୂତନ ରେକର୍ଡ ହାସଲ କରିବ, ଯାହା ସାଧାରଣଠାରୁ ଅଧିକ ମୌସୁମୀ ବର୍ଷାର ପୂର୍ବାନୁମାନ କାରଣରୁ ଆକଳନ କରାଯାଇଛି। ସେହିପରି ବିପୁଳ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ଯୋଗୁ ଦେଶରେ ଦରଦାମ୍ ମଧ୍ୟ ଆଖିଦୃଶିଆ ଭାବେ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଚୌହାନ୍‌ଙ୍କ କହିବାନୁସାରେ ନକଲି ଏବଂ ନିମ୍ନମାନର କୀଟନାଶକ ବିକ୍ରିକୁ ରୋକିବା ପାଇଁ ସରକାର କଠୋର ଆଇନ କାର୍ଯ୍ୟକାରୀ କରିବା ସହ ସନ୍ତୁଳିତ ସାର ବ୍ୟବହାର ପାଇଁ ମାଟି ସ୍ୱାସ୍ଥ୍ୟ କାର୍ଡର ଉନ୍ନତ କାର୍ଯ୍ୟକାରିତା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଖରିଫ ବୁଣିବା ପୂର୍ବରୁ ଏହି ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଯାହାକି କୃଷି ଉତ୍ପାଦନ ବୃଦ୍ଧି ପାଇଁ ନୀତି ଏବଂ ଗବେଷଣା ଯୋଜନାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଚୌହାନ କହିଛନ୍ତି, ଚାଲୁ ଅଭିଯାନ ଖରିଫ ଋତୁରେ କୃଷି ଉତ୍ପାଦନକୁ ଆହୁରି ବୃଦ୍ଧି କରିବାରେ ସାହାଯ୍ୟ କରିବ କାରଣ ସରକାର ଚାଷୀଙ୍କ ଚିନ୍ତାକୁ ସମାଧାନ କରିବାକୁ ଏବଂ ନୂତନ ପ୍ରଯୁକ୍ତି ଏବଂ ଅଭ୍ୟାସ ବିଷୟରେ ସେମାନଙ୍କୁ ଶିକ୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ଆଉ ଏକ ବଡ଼ ସୂଚନା ଦେଇ ସେ କହିଛନ୍ତି ଯେ, ୨୦୨୪-୨୫ ଖରିଫ ଋତୁରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ୧୬୮.୦୬ ନିୟୁତ ଟନରେ ଏକ ରେକର୍ଡ ସ୍ଥାପନ କରିଛି। ୨୦୧୪-୧୫ ତୁଳନାରେ ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୩୧.୨୩ ପ୍ରତିଶତ ବୃଦ୍ଧି ପାଇଛି।

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଏବେ ଦେଶବ୍ୟାପୀ ୧୫ ଦିନିଆ ବିକଶିତ କୃଷି ଅଭିଯାନର ନେତୃତ୍ୱ ନେଉଛନ୍ତି। ଏହି ଅଭିଯାନ ଅନ୍ତର୍ଗତ ସେ ଏବେ ରାଜ୍ୟ ରାଜ୍ୟ ପରିଦର୍ଶନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ଟି ରାଜ୍ୟ ଗସ୍ତ କରିସାରିଥିବା ଶ୍ରୀ ଚୌହାନ୍ କହିଛନ୍ତି ଯେ ସେ ଚାଷୀମାନଙ୍କଠାରୁ ଜାଣିଛନ୍ତି ଯେ କିଛି ଅଞ୍ଚଳରେ ବିଦ୍ୟମାନ ଫସଲ ଜାତିଗୁଡ଼ିକ ଉଭୟମାନ କୀଟଙ୍କ ପ୍ରତି ପ୍ରତିରୋଧ ସୃଷ୍ଟି କରିଛି। ଚାଷୀମାନେ ନକଲି କୀଟନାଶକ ବିଷୟରେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ଏବଂ ମୂଲ୍ୟ ହ୍ରାସ ସମୟରେ ଅଧିକ ସୁରକ୍ଷା ଦାବି କରିଛନ୍ତି। ଏହି ମତାମତ ଆଧାରରେ ସ୍ୱଳ୍ପ, ମଧ୍ୟମ ଏବଂ ଦୀର୍ଘମିଆଦୀ କାର୍ଯ୍ୟକାରୀ ପାଇଁ ଗବେଷଣା ଯୋଜନା ଏବଂ ନୀତି ପ୍ରସ୍ତୁତ କରାଯିବ, ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦକ୍ଷିଣ-ପଶ୍ଚିମ ମୌସୁମୀ ଆରମ୍ଭ ହେବା ସହିତ ଜୁଲାଇରେ ଧାନ ଭଳି ଖରିଫ ଫସଲର ବୁଣିବା ଆରମ୍ଭ ହୁଏ। ଏହି ବର୍ଷ ମୌସୁମୀ ବର୍ଷା ସାଧାରଣ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ୨୦୨୫ ମୌସୁମୀ (ଜୁନରୁ ସେପ୍ଟେମ୍ବର) ପାଇଁ ସାଧାରଣଠାରୁ ଅଧିକ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ପୂର୍ବାନୁମାନ କରିଛି।

# ଲସ୍ ଆଞ୍ଜେଲ୍ସରେ ବ୍ୟାପକ ପୋଡ଼ାଜଳା, ହିଂସା

**ୱାଶିଂଟନ,୯।୬/ଏଜେନ୍ସି:** ଆମେରିକାର ଲସ ଆଞ୍ଜେଲ୍ସରେ ପ୍ରବାସୀ ପ୍ରସଙ୍ଗରେ ଚାଲିଥିବା ହିଂସା ଥମିବାର ନାଁ ନେଉନାହିଁ। ଲସ ଆଞ୍ଜେଲ୍ସର ରାସ୍ତାରେ ଅରାଜକତାର ପରିବେଶ ଦେଖାଦେଇଛି ଏବଂ ଅନେକ ସ୍ଥାନରେ କାରଗୁଡିକୁ ପୋଡ଼ି ଦେଉଥିବା ଦେଖାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲସ୍ ଆଞ୍ଜେଲସରେ ନ୍ୟାଶନାଲ ଗାର୍ଡ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ନ୍ୟାଶନାଲ ଗାର୍ଡ ମୁତୟନ ସତ୍ତ୍ୱେ ପରିସ୍ଥିତି ନିୟନ୍ତ୍ରଣକୁ ଆସୁନାହିଁ। ବେଆଇନ ପ୍ରବାସୀମାନଙ୍କ ଦ୍ୱାରା ଆମେରିକାର ଲସ୍ ଆଞ୍ଜେଲ୍ସରେ ଚାଲିଥିବା ବିରୋଧ ପ୍ରଦର୍ଶନ ଧୀରେ ଧୀରେ ହିଂସାତ୍ମକ ରୂପ ନେବାରେ ଲାଗିଛି।



ଏହାକୁ ଦୃଷ୍ଟିରେ ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାସ୍କ ପିନ୍ଧିଥିବା ପ୍ରତିବାଦକାରୀଙ୍କୁ ଗିରଫ କରିବାକୁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ପ୍ରଦର୍ଶନକାରୀମାନେ ଅନେକ ପୋଲିସ ଗାଡ଼ି ପୋଡ଼ି ଦେଇଛନ୍ତି ଏବଂ ଅନେକ ରାସ୍ତା ଅବରୋଧ କରିଛନ୍ତି। ସୁରକ୍ଷା ବାହିନୀ ପ୍ରତିବାଦକାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଲୁହ ବୁହା ଗ୍ୟାସ ସେଲ ଫୁଟାଇଛନ୍ତି ଏବଂ ରବର ଗୁଳି ବ୍ୟବହାର କରିଛନ୍ତି। ଲସ ଆଞ୍ଜେଲସରେ ହିଂସା ଆରମ୍ଭ ହେବାର ତିନି ଦିନ ବିତିଗଲାଣି ଏବଂ ନ୍ୟାଶନାଲ ଗାର୍ଡ ମୁତୟନ ଏହି ହିଂସାକୁ ଆହୁରି ତୀବ୍ର କରିଛି। କିଛି ପ୍ରଦର୍ଶନକାରୀ ପୋଲିସ ଗାଡ଼ି ଉପରେ ପଥର ମାଡ଼ ମଧ୍ୟ କରିଥିଲେ। ଏସବୁ ମଧ୍ୟରେ କାଲିଫର୍ଣ୍ଣିଆ ରାଜ୍ୟପାଳ ଗାଭିନ ନ୍ୟୁଜମ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକ ଚିଠି ଲେଖି ନ୍ୟାଶନାଲ ଗାର୍ଡ ମୁତୟନକୁ ହଟାଇବା ପାଇଁ ଦାବି କରିଛନ୍ତି। ଗାଭିନ ନ୍ୟୁଜମ ଲେଖିଛନ୍ତି ଯେ ନ୍ୟାଶନାଲ ଗାର୍ଡ ମୁତୟନ ସହରରେ ଉତ୍ତେଜନା ସୃଷ୍ଟି କରୁଛି। ସେ ନ୍ୟାଶନାଲ ଗାର୍ଡ ମୁତୟନକୁ ରାଜ୍ୟର ସାର୍ବଭୌମତ୍ୱର ଗମ୍ଭୀର ଉଲ୍ଲଘଂନ ବୋଲି କହିଛନ୍ତି।

**ବହୁ ଚର୍ଚ୍ଚିତ ମେଘାଳୟ ମର୍ଡର ଆଣ୍ଡ୍ ମିସିଂ କେସ୍: ସୋନମ୍ ହିଁ ଅସଲ ଖଳନାୟିକା**

# ବାହାନା ଥିଲା ହନିମୁନ୍, ଉଦ୍ଦେଶ୍ୟ ସ୍ୱାମୀଙ୍କ ହତ୍ୟା



**ଶିଲଂ,୯।୬/ଏଜେନ୍ସି:** ବହୁ ଚର୍ଚ୍ଚିତ ମେଘାଳୟ ମର୍ଡର ଆଣ୍ଡ୍ ମିସିଂ କେସ୍‌ରେ ଗତ ଦୁଇ ସପ୍ତାହରୁ ଅଧିକ ଦିନ ଧରି ଚାଲିଥିବା ସସ୍‌ପେନ୍ସ ଉପରୁ ପର୍ଦ୍ଦା ହଟିଛି। ରାଜା ରଘୁବଂଶୀଙ୍କୁ ତାଙ୍କ ସ୍ତ୍ରୀ ସୋନମ୍ ହିଁ ସୁପାରି କିଲରଙ୍କ ଜରିଆରେ ହତ୍ୟା କରିଥିବା ପୁଲିସ୍ କହିଛି। ମେଘାଳୟ ଡିଜିପି ଆଇ ନୋଙ୍ଗରାଙ୍ଗ କହିଛନ୍ତି, ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ପ୍ରଥମେ ଉତ୍ତରପ୍ରଦେଶରୁ ଧରାପଡ଼ିଥିଲେ। ତା' ଠାରୁ ସୂଚନା ପାଇବା ପରେ ଅନ୍ୟ ଦୁଇଜଣଙ୍କୁ ଇନ୍ଦୋର ଅଞ୍ଚଳରୁ ଗିରଫ କରାଯାଇଥିଲା। ସୋନମ ଉତ୍ତରପ୍ରଦେଶର ଗାଜିପୁର ନନ୍ଦଗଞ୍ଜ ଥାନାରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କୁ ଜେରା ସମୟରେ ସେମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ସ୍ୱୀକାର କରିସାରିଛନ୍ତି। ସୋନମ ସେମାନଙ୍କୁ ତାଙ୍କ ସ୍ୱାମୀ ରାଜାଙ୍କୁ ହତ୍ୟା କରିବା ଲାଗି ସୁପାରି ଦେଇଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ହେଲେ ବିଶାଲ ଚୌହାନ, ରାଜ କୁଶୱାହା ଏବଂ ଅକ୍ଷତ ରାଜପୁତ। ଏମାନଙ୍କ ମଧ୍ୟରୁ ରାଜ କୁଶୱାହା, ସୋନମଙ୍କର ପୂର୍ବତନ ପ୍ରେମିକ ହୋଇଥିବା ବେଳେ ବାକି ୨ଜଣ ଅର୍ଥାତ୍ ବିଶାଲ ଚୌହାନ୍ ଏବଂ ଅକ୍ଷତ ରାଜପୁତ୍ ସୁପାରୀ କିଲର ବୋଲି ସେମାନଙ୍କ କଲ ଡିଟେଲ୍ସରୁ ଜଣାପଡିଛି।

ଇନ୍ଦୋରର ରାଜା ରଘୁବଂଶୀ ଏବଂ ସୋନମ୍ ଗତ ମେ' ୧୧ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପରେ ସୋନମ୍ ହନିମୁନ୍ ପାଇଁ ଶିଲଂ ଯିବାକୁ ପ୍ଲାନ୍ କରିଥିଲେ। ଗତ ୨୦ ତାରିଖରେ ଏହି ନବ ବିବାହିତ ଦମ୍ପତି ମେଘାଳୟରେ ପହଞ୍ଚିଥିଲେ ଏବଂ ୨୨ ତାରିଖ ପର୍ଯ୍ୟନ୍ତ ପରିବାରଙ୍କ ସହ ସମ୍ପର୍କରେ ଥିଲେ। କିନ୍ତୁ ୨୩ ତାରିଖ ବେଳକୁ ଉଭୟଙ୍କ ମୋବାଇଲ୍ ସ୍ୱିଚ୍ ଅଫ୍ ହୋଇଯାଇଥିଲା। ଉଭୟ ସେଠାରେ ନିଖୋଜ ହୋଇଯାଇଥିଲେ। ପରେ ମେଘାଳୟ ପୁଲିସ୍ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିଲା। ତେବେ ଜୁନ୍ ୨ ତାରିଖରେ କେବଳ ରାଜା ରଘୁବଂଶୀଙ୍କ ମୃତଦେହ ୱେଇ ସୋଡୋଙ୍ଗ ଜଳପ୍ରପାତ ନିକଟ ଏକ ନାଳରେ ପଡିଥିବା ଅବସ୍ଥାରେ ମିଳିଥିଲା। କିନ୍ତୁ ସୋନମ୍‌ଙ୍କ କୌଣସି ଖୋଜ୍ ଖବର ନଥିଲା। କିନ୍ତୁ ସୋନମ୍ ହିଁ ଏହି ହତ୍ୟାକାଣ୍ଡର ଅସଲ ସୂତ୍ରଧର ଥିଲେ। ଆତ୍ମସମର୍ପଣ କରିବା ପୂର୍ବରୁ ସୋନମ୍ ଅନେକ ନାଟକ ମଧ୍ୟ କରିଥିଲେ ଯାହା ସମ୍ପର୍କରେ ପୁଲିସ୍‌କୁ ସୂଚନା ମିଳିଛି। ସୋନମ୍ ଆତ୍ମସମର୍ପଣ କରିବା ପୂର୍ବରୁ ଭରପୁର ଚେଷ୍ଟା କରିଥିଲେ ଯେ, ତାଙ୍କୁ ବଞ୍ଚାଇବାକୁ ଯାଇ ରାଜା ରଘୁବଂଶୀ ହତ୍ୟାର ଶିକାର ହୋଇଛନ୍ତି ବୋଲି ଯେପରି ସେ ସମସ୍ତଙ୍କୁ ବିଶ୍ୱାସ କରାଇପାରିବେ। କିନ୍ତୁ ସବୁକିଛି ଓଲଟା ପଡ଼ିଯାଇଥିଲା।

# କାର୍ଗୋ ସିପ୍‌ରେ ଭୟଙ୍କର ବିସ୍ଫୋରଣ





**କୋଚି,୯।୬/ଏଜେନ୍ସି:** ସୋମବାର ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ ଅଭିମୁଖେ ଯାଉଥିବା ଏକ ମାଲବାହୀ ଜାହାଜ (କାର୍ଗୋ ସିପ୍)ରେ ସିରିଜ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ସୋମବାର ସମୁଦ୍ର ମଧ୍ୟଭାଗରେ ଜାହାଜଟି ଥିବା ବେଳେ ଏହି ବିସ୍ଫୋରଣ ହୋଇଛି। ଏଥିରୁ ବାହାରୁଥିବା ଧୂଆଁ ଏତେ ଭୟଙ୍କର ଦେଖାଯାଉଛି ଯେ, ଏଥିରୁ ବିସ୍ଫୋରଣ ଭୟାବହତା ସହଜରେ ଅନୁଭବ କରାଯାଇପାରେ। ଅନ୍ୟପକ୍ଷେ ବିସ୍ଫୋରଣ ପରେ ଜାହାଜରେ ଥିବା କେତେଜଣ କ୍ରୁ୍ୟ ସଦସ୍ୟ ନିଖୋଜ ହୋଇଯାଇଥିବା କୁହାଯାଉଛି। ସେହିପରି ୫ଜଣ କ୍ରୁ୍ୟ ସଦସ୍ୟ ଏହି ବିସ୍ଫୋରଣରେ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ।

ଜାହାଜଟି ସିଙ୍ଗାପୁରର ବୋଲି ସୂଚନା ମିଳିଛି। ଏଥିରେ ପ୍ରାୟ ୫୦ କଣ୍ଟେନର ରହିଥିଲା। କିନ୍ତୁ ବିସ୍ଫୋରଣ ଯୋଗୁ ସମୁଦ୍ର ଭିତରେ ପ୍ରାୟ ୪୦ଟି କଣ୍ଟେନର ଖସିପଡିଛି। ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ବିସ୍ଫୋରଣର ସଠିକ୍ କାରଣ ଜଣାପଡିନାହିଁ। ଏନେଇ ତଦନ୍ତ ଜାରି ରହିଛି। ତେବେ ନିଆଁରୁ ରକ୍ଷା ପାଇବା ପାଇଁ ଅନେକ କ୍ରୁ୍ୟ ସଦସ୍ୟ ସମୁଦ୍ରକୁ ଡେଇଁ ପଡ଼ିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ସିଙ୍ଗାପୁର ପତାକାଧାରୀ ୱାନ୍ ହାଏ ୫୦୩ ଦକ୍ଷିଣ ଭାରତୀୟ ରାଜ୍ୟ କେରଳର ଉପକୂଳରୁ ପ୍ରାୟ ୧୪୪ କିଲୋମିଟର (୯୦ ମାଇଲ) ଦୂରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ସଚିବ ଶେଖର କୁରିଆକୋସେ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଜାହାଜଟି ବୁଡ଼ିନଥିବା ସେ ସ୍ପଷ୍ଟ କହିଛନ୍ତି। ଉଦ୍ଧାର କାର୍ଯ୍ୟ ଭାରତୀୟ ନୌସେନା ଏବଂ ସମୁଦ୍ର ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଦ୍ୱାରା ତ୍ୱରାନ୍ୱିତ କରାଯାଇଥିଲା।

ପ୍ରକାଶ, ଗତ ମାସରେ କେରଳ ଉପକୂଳରେ ଅନ୍ୟ ଏକ ଦୁର୍ଘଟଣାରେ, ଏକ କଣ୍ଟେନର ଜାହାଜ ବୁଡ଼ି ୧୦୦ଟି ମାଲବାହୀ କଣ୍ଟେନର ଆରବ ସାଗରରେ ଢାଳି ଦେଇଥିଲା। ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ ଶୁକ୍ରବାର ଦିନ କହିଛି ଯେ ସେହି ଘଟଣା ଯୋଗୁଁ ତେଲ ପ୍ରଦୂଷଣର କୌଣସି ରିପୋର୍ଟ ନାହିଁ।

**ମାଲେସିଆରେ ବସ୍ ଦୁର୍ଘଟଣା**

# ଆଖିବୁଜିଲେ ୧୫ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ



**କ୍ୱାଲାଲମ୍ପୁର,୯।୬/ଏଜେନ୍ସି:** ମାଲେସିଆର ପେରାକ୍ ଠାରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି ଯେଉଁଥିରେ ୧୫ କଲେଜ୍ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ରିପୋର୍ଟ ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଘରୁ ଆଣି ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଫେରୁଥିବା ଏକ ବସ୍ ରାସ୍ତାରେ ଭାରସାମ୍ୟ ହରାଇ ଏକ କାର ସହିତ ଧକ୍କା ଦେଇଥିଲା ଏବଂ ପରେ ଓଲଟିପଡ଼ିଥିଲା। ବସ୍‌ଟି ଦ୍ରୁତବେଗରେ ଥିବାରୁ ଏବଂ ଓଲଟି ପଡ଼ିବାରୁ ବସ୍‌ରେ ଥିବା ଛାତ୍ରଛାତ୍ରୀମାନେ ଗୁରୁତର ଭାବେ ରକ୍ତାକ୍ତ ହୋଇପଡିଥିଲେ। ଘଟଣା ସ୍ଥଳରେ ହିଁ ୧୩ ଛାତ୍ରଛାତ୍ରୀ ପ୍ରାଣ ହରାଇଥିବା ବେଳେ ବାକି ୨ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳ ସମୟରେ ପେରାକ୍ ପୂର୍ବ-ପଶ୍ଚିମ ରାଜପଥରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ଗଭୀର ଆଘାତ ପାଇଥିଲେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, କାର ସହିତ ଧକ୍କା ହେବା ପରେ ବସ୍ ନିୟନ୍ତ୍ରଣ ହରାଇଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀମାନେ ସୁଲତାନ ଇଡ୍ରିସ୍ ଶିକ୍ଷା ବିଶ୍ୱବିଦ୍ୟାଳୟର ବୋଲି ଜଣାପଡିଛି। ଦୁର୍ଘଟଣା ସମୟରେ ବସ୍‌ରେ ୪୮ ଜଣ ଛାତ୍ରଛାତ୍ରୀ ଥିଲେ। ଦୁର୍ଘଟଣାରେ ଅନେକ ଛାତ୍ର ଆହତ ହୋଇଛନ୍ତି।

ନିତିଦିନ NITIDIN










କ୍ୟାମେରା ଫ୍ରେମ୍‌ରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ କେନ୍ଦ୍ରାପଡ଼ା ଗସ୍ତ ।

# କାହାକୁ ଛଡ଼ାଯିବ ନାହିଁ

## ଦୁର୍ନୀତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ



**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର କୌଣସି ପ୍ରକାରର ଦୁର୍ନୀତିକୁ ବରଦାସ୍ତ କରିବେ ନାହିଁ। ଦୁର୍ନୀତି ବିରୋଧରେ ଅଭିଯାନ ଆରମ୍ଭ ହୋଇଛି ଏବଂ କାହାକୁ ଛଡ଼ାଯିବ ନାହିଁ। ଯିଏ ଦୁର୍ନୀତିରେ ଲିପ୍ତ ରହିବେ ସେ ଜେଲ୍ ଯିବେ। ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେଇ ଏଭଳି କହିଛନ୍ତି ଓଡ଼ିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ସମ୍ପ୍ରତି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଅନେକ ସରକାରୀ ଅଧିକାରୀ ପୂର୍ବରୁ ତଦନ୍ତ ଏବଂ ଗିରଫଦାରୀର ସମ୍ମୁଖୀନ ହୋଇଛନ୍ତି। ରବିବାର ଦିନ ଜଣେ ଆଇଏଏସ୍ ଅଧିକାରୀଙ୍କ ବାସଭବନରେ ଚଢାଉ କରାଯାଇ ୪୭ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏନେଇ ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ଲାଞ୍ଚ ଦାବି କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ସରକାର ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ଶ୍ରାଦ୍ଧଦିବସ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି

# 'ଭବିଷ୍ୟତ ପିଢ଼ିଙ୍କ ପାଇଁ ସେ ହେଉଛନ୍ତି ଆଲୋକବର୍ତ୍ତିକା'

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢ଼ୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର। ଏହି ଆନ୍ଦୋଳନର ମୁଖ୍ୟ ସୂତ୍ରଧର ମହାନ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ। ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ଏବଂ ଭୟଭୀତ କରି ରଖିଥିଲେ। ଏହିଭଳି ଏକ ସନ୍ଧିକ୍ଷଣରେ ମହାନ ବିପ୍ଳବୀ ତଥା ସ୍ୱାଧୀନଚେତା ବିର୍ସା ମୁଣ୍ଡାଙ୍କର ଆବିର୍ଭାବ ଘଟିଥିଲା। ସେ ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ। ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ। ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି। ଆଜି ସେ ଆଦିବାସୀମାନଙ୍କ ନିମନ୍ତେ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ନିମନ୍ତ ଆଲୋକବର୍ତ୍ତିକା ବୋଲି ମତପ୍ରକାଶ ପାଇଛି।

# ଜଟଣୀ ବ୍ଲକକୁ ସାଂସଦଙ୍କ ୫୦ ଲକ୍ଷର ପ୍ରକଳ୍ପ ଭେଟି

**ଖୋର୍ଦ୍ଧା,୯।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଦେଇଛନ୍ତି ଭେଟି। ଜଟଣୀ ବ୍ଲକର କୁସୁମାଟି ପଞ୍ଚାୟତ ଅନ୍ତର୍ଗତ ଛଣଘର ଠାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦ। ଏହି ପ୍ରକଳ୍ପ ଦ୍ୱାରା ୨୦ ହଜାର ଲୋକ ଉପକୃତ ହେବେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାସ୍ତା, ପାନୀୟ ଜଳ ଏବଂ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ଯେ ଗାଁ ଗାଁରେ ଅନେକଗୁଡ଼ିଏ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କରାଯାଉଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟ କିପରି ହେବ ତାହା ତାଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ପ୍ରତ୍ୟକ ଘରକୁ ରାସ୍ତା, ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ମୂଳ ଲକ୍ଷ୍ୟ। ଆଗାମୀ ୪ ବର୍ଷରେ ଏହି ଲକ୍ଷ୍ୟକୁ ପୂରଣ କରାଯିବ। ୨୦୧୯ ପରେ ୨୦୨୪ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଲୋକଙ୍କ ସେବା କରିବାର ସୁଯୋଗ ତାଙ୍କୁ ମିଳିଛି। ଏଥିପାଇଁ ସେ ଗର୍ବିତ ଏବଂ ଅଞ୍ଚଳବାସୀଙ୍କ ଋଣ ପରିଶୋଧ କରିବେ ବୋଲି ସେ କହିଥିଲେ। ଏହାଛଡ଼ା ବିକାଶର କୌଣସି ଦଳ ନଥାଏ ଏବଂ ଦଳମତ ନିର୍ବିଶେଷରେ ଗାଁର ବିକାଶରେ ସାମିଲ ହେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ସେ କହିଛନ୍ତି ଯେ ଏକ ବର୍ଷ ପରେ ଗାଁରେ ପଲଟିକାଲ ଅଡିଟ୍ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଲଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନ ମୂଳକ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି।



ଉପକୃତ ହେବେ ୨୦ ହଜାର ଲୋକ

ସୂଚନା ଯୋଗ୍ୟ ଯେ କୁସୁମାଟି ପଞ୍ଚାୟତର ଅନେକ ଗୁଡ଼ିଏ ଗାଁକୁ ଭଲ ରାସ୍ତା ନଥିଲା। ଅନେକ ଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ଆଜି ତାହା ପୂରଣ ହୋଇଛି । ରାସ୍ତା, ପାନୀୟ ଜଳ ଏବଂ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସରପଞ୍ଚ ଶୁଭାଷୀନି ବିଶ୍ୱାଳ, ସମିତି ସଭ୍ୟ ହରମୋହନ ଏବଂ ଜଟଣୀ ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀ ଶତପଥୀଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପୂର୍ବତନ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୯୪ ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ଦାସ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଭୁବନେଶ୍ୱରରେ ଥିବା ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀଦାସ ନନ୍ଦିନୀ ଶତପଥୀଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ କଂଗ୍ରେସ ଦଳ ବିଶେଷକରି ଓଡ଼ିଶା ପାଇଁ ନନ୍ଦିନୀ ଶତପଥୀ ବହୁ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ମୁଁ କେନ୍ଦ୍ର ମନ୍ତ୍ରୀ ଥିଲାବେଳେ ତାଙ୍କୁ ଅନେକଥର ସାକ୍ଷାତ କରି ବହୁ ପ୍ରସଙ୍ଗରେ ଆଲୋଚନା କରିଛି। ନନ୍ଦିନୀ ଶତପଥୀଙ୍କୁ ଓଡ଼ିଶାରେ ବହ୍ନି କନ୍ୟା ବା ଲୌହମାନବୀ ଭାବରେ ଜାଣନ୍ତି। ଓଡ଼ିଶାକୁ ଆଜି ନନ୍ଦିନୀ ଶତପଥୀଙ୍କ ଭଳି ନାରୀନେତ୍ରୀ ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, ଜ୍ୟୋତିଷ ସାହୁ, ଉଷାରାଣୀ ବେହେରା, ଦୀପକ କୁମାର ସାହୁ, ମନୋରଞ୍ଜନ ରାଉତରାୟ, ଦୀପକ କୁମାର ମହାପାତ୍ର, ମିହିର ଆଚାର୍ଯ୍ୟ, ଖଗେଶ୍ୱର ମଲ୍ଲିକ, ସୁଭାଷ ପ୍ରଧାନ, ଏମଡି ସାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ନିଳାଦ୍ରୀବିହାର ଓ ଶୈଳଶ୍ରୀବିହାର ହଟ୍‌ସ୍ପଟ୍

## ଭୁବନେଶ୍ୱରରେ ମାଡ଼ିଲା ଡେଙ୍ଗୁ

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୭ ପାର୍ କରିଛି। ଜୁନ୍ ପହିଲାରୁ ପ୍ରତ୍ୟେକ ଦିନ ଭୁବନେଶ୍ୱରରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବାବେଳେ ଶୈଳଶ୍ରୀ ବିହାରରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି। ଜାନୁଆରୀରୁ ମେ ଶେଷ ଯାଏଁ ଯେଉଁଠି ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦୁଇରୁ ୩ ମଧ୍ୟରେ ରହୁଥିଲା। ମାତ୍ର ଜୁନ୍ ମାସରେ ଏହି ସଂଖ୍ୟା ଦୁଇ ଅଙ୍କ ଛୁଇଁଛି। ଏଯାବତ୍ ଶୈଳଶ୍ରୀ ବିହାର, ଲିଙ୍ଗରାଜ ମନ୍ଦିର ନିକଟ ଓ ଶିଖରଚଣ୍ଡୀ ନଗରରୁ ଏକାଧିକ ମାମଲା ସାମ୍ନାକୁ ଆସିଛି। ସେହିପରି ପଟିଆ,ନିଳାଦ୍ରୀ ବିହାର, ନୟାପଲ୍ଲୀ ଅଞ୍ଚଳର ନୂଆ ମାମଲା ଠାବ ହୋଇଛି। ନୂଆ ଅଞ୍ଚଳରୁ ମଧ୍ୟ ଡେଙ୍ଗୁ ମାମଲା ସାମ୍ନାକୁ ଆସିବା ପରେ ଡେଙ୍ଗୁ ନିୟନ୍ତ୍ରଣ ଲାଗି ସଚେତନତା ଓ ପଦକ୍ଷେପକୁ ବ୍ୟାପକ କରାଯିବ ବୋଲି ଏଡିପିଏଚଓ ନୀଳମଣି ସେନାପତି କହିଛନ୍ତି। ଅନ୍ୟପକ୍ଷରେ ୭୦ଟି ସ୍ପ୍ରେ ମେସିନ୍ ସହ କର୍ମଚାରୀଙ୍କୁ ମଶା ଲାର୍ଭା ନଷ୍ଟ କରିବାକୁ ଫିଲ୍ଡକୁ ପଠାଯିବ ଓ ଏହାସହ ଘରକୁ ଘର ବୁଲି ଡେଙ୍ଗୁ ସଚେତନତାକୁ ବ୍ୟାପକ କରାଯିବବୋଲି ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। ବଢୁଥିବା ଡେଙ୍ଗୁ ମାମଲାକୁ ବିଏମସି ଗମ୍ଭୀର ଭାବେ ଗ୍ରହଣ କରିଛି। ୧ ତାରିଖରୁ ଡେଙ୍ଗୁ ସମ୍ପର୍କରେ ସଚେତନତା ଅଭିଯାନକୁ ଜୋରଦାର କରାଯାଇଥିବାବେଳେ ୩ ଜୋନ ଲାଗି ୩ ସୁପର ଭାଇଜରଙ୍କୁ ନିଯୁକ୍ତ କରାଯାଇଥିବା ଶ୍ରୀ ସାହୁ କହିଛନ୍ତି।

# ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦେଲା ଓଡ଼ିଶା ଡ୍ରାଇଭର ସଂଘ

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ଡ୍ରାଇଭର ଓ ଏକତା ମଞ୍ଚ ପକ୍ଷରୁ ଆସନ୍ତା ଜୁଲାଇ ୮ ତାରିଖରୁ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ଡାକରା ଦିଆଯାଇଛି। ୬ ଦଫା ଦାବି ପୂରଣ ନେଇ ଏହି ଆନ୍ଦୋଳନ ଆହ୍ୱାନ କରାଯାଇଛି। ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଯଦି ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱ ସହକାରେ ନଶୁଣେ ତେବେ ଜୁଲାଇ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ି ଆନ୍ଦୋଳନକୁ ତୀବ୍ରତର କରିବେ।

## ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ମିଶ୍ରଣ ପର୍ବ

# ପଦ୍ମ ଧରିଲେ ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ



**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ବିଜେପି ସରକାର ସମେତ ଏମ୍‌ପି, ବିଧାୟକଙ୍କ ୧ ବର୍ଷ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନିଲେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେମାନଙ୍କ ସମେତ ଅମଲାଭଟା ଗ୍ରାମପଞ୍ଚାୟତ ସମିତି ସଭ୍ୟା ବିଦୁସ୍ମିତା ଜାନି, କାମତା ପଞ୍ଚାୟତ ସମିତି ସଭ୍ୟା, ମଂଚାଗାଁ ସରପଞ୍ଚ ତିରୁପତି ମହାନ୍ତି, ବିଜେଡି କର୍ମୀ ଜି.ସତ୍ୟମ ନାଇଡୁ, ଗୋଲକ ନାୟକ, ସିନ୍ଧୁ ନାୟକ, ଲମ୍ବୋଦର ନାୟକ, ପୁରଷୋତ୍ତମ ଜାନି, ପଦଲାମ ସଗରିଆ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ଗୌରୀ ଶଙ୍କର ମାଝି, ବିଧାୟକ ରୂପ ଭତ୍ରା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରୟଣ ତ୍ରିପାଠୀ, ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, କାହ୍ନୁ ଦାସ, ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ହରେକୃଷ୍ଣ ମୁଦୁଲି, ଧରଣୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ବିଭାଗ-ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ବୁଝାମଣା

**ଭୁବନେଶ୍ୱର,୯।୬/ଏନ୍‌ଏନ୍‌ଏସ୍:** ଆଜି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ, ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେସ୍‌ନାଲ୍ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। ଆଜିର ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଆଜିର ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଆମ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଲାଭ କରିପାରିବେ। ଉଚ୍ଚଶିକ୍ଷା ଲାଭ କରିବାରେ ପାଠ୍ୟକ୍ରମର ଭାଷା ବା ମାଧ୍ୟମ ଆଉ ବାଧକ ସାଜିବ ନାହିଁ। 'ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ଏହାକୁ ସୁନିଶ୍ଚିତ କରାଯାଇପାରିବ। ଏଥିସହିତ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷାଦାନର ମାଧ୍ୟମ ଓ ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରିବା ନିମନ୍ତେ ପ୍ରାଧାନ୍ୟ ଦିଆଯାଇଛି। ଆଜିର ଏହି ବୁଝାମଣା ପତ୍ର ସ୍ୱାକ୍ଷର ହେବା ଦ୍ୱାରା ଉଚ୍ଚଶିକ୍ଷାର ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରାଯିବାର ଲକ୍ଷ୍ୟକୁ ପୂରଣ କରାଯାଇପାରିଛି। ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ହୋଇପାରିବ। ଏହିସହିତ ଏହା ଉଚ୍ଚଶିକ୍ଷା କ୍ଷେତ୍ରରେ ଡ୍ରପ୍ ଆଉଟ୍ ସଂଖ୍ୟାକୁ କମାଇବା ସହ ସାମଗ୍ରିକ ନାମଲେଖା ଅନୁପାତକୁ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି ।ଆଜିର ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ବାଲେଶ୍ୱର ଠାରୁ ନେଇ ମାଲକାନଗିରି ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ରେଜିଷ୍ଟ୍ରାର ଡ଼.ଆଲୋକ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀହୀନ ହୋଇପଡ଼ିଛି କଣ୍ଟିଲୋ ଗାନ୍ଧୀପାର୍କ

## ମଞ୍ଜୁର ୫୦ଲକ୍ଷ ଟଙ୍କା ପଡ଼ିରହିଛି କାହା ସ୍ୱାର୍ଥରେ



**କଣ୍ଟିଲୋ,୯।୬/ଏନ୍ଏନ୍ଏସ୍:** ୪୮ନଂ ରାଜ୍ୟ ରାଜପଥ ସନ୍ନିକଟ ତଥା କଣ୍ଟିଲୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିସ୍ତୀର୍ଣ୍ଣ ସମତଳ ଜାଗା, ଯାହାକୁ ଏ ଅଞ୍ଚଳର ସର୍ବସାଧାରଣ ଜନତା ଗାନ୍ଧୀ ପାର୍କ ନାମରେ କୁହନ୍ତି, ତାହା ବାସ୍ତବରେ ପାର୍କ ନୁହେଁ। ଯେ କୌଣସି ବ୍ୟକ୍ତି ଏହି ଜାଗାକୁ ଦେଖିବେ, ଏଠି ପାର୍କର ଚିହ୍ନ ବର୍ଣ୍ଣ ନାହିଁ। ଏହି ସ୍ଥାନଟି ଏତେ ଦୟନୀୟ ଓ ଶୋଚନୀୟ ତଥା ଶ୍ରୀହୀନ ହୋଇପଡ଼ିଛି ଯେ, ନିଜେ ଆଖିରେ ନ ଦେଖିଲେ ଆଦୌ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏହି ସ୍ଥାନକୁ ପ୍ରକୃତରେ ପାର୍କରେ ପରିଣତ କରିବା ପାଇଁ ଆସିଥିବା ୫୦ ଲକ୍ଷ ଟଙ୍କା ଅନୁଦାନ ରାଶିକୁ ବିନିଯୋଗ ନକରି କାହା ସ୍ୱାର୍ଥ ପାଇଁ ରଖାଯାଇଛି ବୋଲି ଗୁଜବ ହେବା ସଙ୍ଗେ ସଙ୍ଗେ ଅଭିଯୋଗ ମଧ୍ୟ ହେଉଛି। ସୂଚନାରୁ ଜଣାପଡିଛି ଯେ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ କଣ୍ଟିଲୋ ରାଜସ୍ୱ ଗ୍ରାମର ସରକାରୀ ଗୋଚର ପ୍ଲଟ୍ ୧୮୯୩ ଯାହା ପଞ୍ଚାୟତ କାର୍ଯ୍ୟାଳୟର ଠିକ୍ ସମ୍ମୁଖରେ ଅବସ୍ଥିତ ତାକୁ ତତ୍କାଳୀନ କଣ୍ଟିଲୋ ଗ୍ରାମ ପଞ୍ଚାୟତର ପ୍ରଥମ ସରପଞ୍ଚ ସ୍ୱର୍ଗୀୟ ନରସିଂହ ମହାରଣାଙ୍କ ସମୟରୁ ପାର୍କ କରିବା ପାଇଁ ମନସ୍ଥ କରି ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ଗାନ୍ଧୀ ପାର୍କ ନାମରେ ନାମିତ କରିଥିଲେ। ରାଜା ରାଜୁଡା ଶାସନ ସମୟରୁ ଏବଂ ଦେଶ ସ୍ୱାଧୀନ ହେବା ପରଠାରୁ ଏହି ଶ୍ରୀହୀନ ପାର୍କ ପ୍ଲଟ୍‌କୁ ପାର୍କର ବାସ୍ତବ ରୂପ ଦେବା ପାଇଁ ଦୀର୍ଘବର୍ଷ ବିତିଯାଇଥିଲେ ହେଁ, ଓଡ଼ିଶାର ପ୍ରତ୍ୟେକ ପ୍ରାକ୍ତନ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ପରିତାପ ଓ ଆଶ୍ଚର୍ଯ୍ୟ ଲାଗୁଛି ଯେ ଆଜକୁ ଦୀର୍ଘ ୬ମାସ ପୂର୍ବରୁ ଏହି ଗାନ୍ଧୀ ପାର୍କର ଉନ୍ନତି ପାଇଁ ୫୦ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟ ଆଜି ସୁଦ୍ଧା ଆରମ୍ଭ ନ ହୋଇ କାହା ସ୍ୱାର୍ଥ ପାଇଁ ଏହା ସ୍ଥଗିତ ରହିଛି ବୋଲି ସର୍ବସାଧାରଣ ଅଭିଯୋଗ କରୁଛନ୍ତି। ଯଥାଶୀଘ୍ର ଉକ୍ତ ଅନୁଦାନ ରାଶିକୁ ବିନିଯୋଗ କରି ପାର୍କ ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ନୟାଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ରଘୁନାଥଜିଉ ରାମଲୀଳାରେ ରାମ ପର୍ଶୁରାମ ଭେଟ



**କଣ୍ଟିଲୋ,୯।୬/ଏନ୍ଏନ୍ଏସ୍:** କଂସାରି ସାହି ପାଟଣା ରଘୁନାଥ ଜିଉ ରାମଲୀଳା ନାଟ୍ୟ ସମିତି, ବାପୁଜୀ ନଗର କଣ୍ଟିଲୋ ଅନୁଷ୍ଠାନ ତରଫରୁ ଗତକାଲି ରବିବାର ତୃତୀୟ ରଜନୀରେ ମର୍ଯ୍ୟାଦା ପୁରୁଷ ରଘୁ କୁଳ ନନ୍ଦନ ଭଗବାନ ଶ୍ରୀରାମଙ୍କ ସହିତ ପର୍ଶୁରାମଙ୍କ ଭେଟ, ଭଗବାନ ଶ୍ରୀରାମଙ୍କ ଶବର ରାଜାଙ୍କ ସହିତ ସାକ୍ଷାତ ଓ ମନ୍ଥରାର କୁଟ ଚକ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଯାଇଛି। ଏଥିରେ ଅଭିନୟ କରିଥିବା ଶ୍ରୀରାମ,ଲକ୍ଷ୍ମଣ, ସୀତା, ଦଶରଥ, ଜନକ, ପର୍ଶୁରାମ, ବିଶ୍ୱାମିତ୍ର, ଶିବ, ଶବର ଓ ମନ୍ଥରା ଇତ୍ୟାଦି କଳାକାର ମାନେ ହେଲେ ଯଥାକ୍ରମେ - ସୁରଜ୍, ଅସିତ୍, ରୁଦ୍ର ମାଧବ, ଶରତ,ଭିକାରୀ, ସିପୁ(ପର୍ଶୁରାମ), ବୁଢା, ସୁବାସ ଓ ଦିପୁ(ମନ୍ଥରା) ପ୍ରମୁଖ କଳାକାରମାନଙ୍କର ଚିତ୍ତାକର୍ଷକ ଓ ନିଖୁଣ ଅଭିନୟରେ ପ୍ରାୟ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମୁଗ୍ଧ ହୋଇ ପ୍ରତ୍ୟେକ ବିଷୟଗୁଡ଼ିକୁ ଉପଭୋଗ କରିବା ସହିତ ପର୍ଶୁରାମ ଓ ଲକ୍ଷ୍ମଣ ଉଭୟ କଳାକାରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗତକାଲିର ଅତିଥି ଭାବେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ କଳାକାରଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ଓ ସମସ୍ତ ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହିତ ଧନ୍ୟବାଦ ଜଣାଇଥିଲେ। ଆଜି ରାତ୍ରରେ ଭଗବାନ ଶ୍ରୀରାମ ମାତା ସୀତାଙ୍କ ସହିତ ବନବିହାର ଶେଷକରିବା ପରେ ଲଙ୍କାର ନରେଶ ରାବଣ ଦ୍ୱାରା ମାତା ସୀତା ଚୋରି ନାଟକ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# 'ସମସ୍ତଙ୍କ ପାଇଁ ଶିକ୍ଷା' ସଚେତନତା



**ଖଣ୍ଡପଡ଼ା,୯।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତଙ୍କ ପାଇଁ ଶିକ୍ଷା ସଂର୍ପକିତ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କିଟ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ସୁକୁମାର ଦାଶ ମୁଖ୍ୟ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଜଗଦୀଶ ପ୍ରସାଦ ମହାପାତ୍ର, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ ସଂଗଠକ ସୁପ୍ରିୟା ଦାଶ ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ଅଟେ ବୋଲି ଅତିଥିମାନେ ମତ ଦେଇଥିଲେ। ସମସ୍ତଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ଥିବା ବେଳେ ଏ ଦିଗରେ ଅଭିଭାବକମାନେ ଯତ୍ନବାନ ହେବା ଜରୁରୀ ଅଟେ ବୋଲି ପ୍ରଫେସର ଶ୍ରୀ ଦାଶ ମତ ଦେଇଥିଲେ। ସେହିପରି ଶିକ୍ଷାଗ୍ରହଣ ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ସମାଜରେ ଜଣେଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇପାରିବେ ବୋଲି ଅତିଥିମାନେ ମତ ଦେବାସହ କିଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜୀବନି ସଂପର୍କରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସଂର୍ପକିତ ପୁସ୍ତକ ବଣ୍ଟନ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ୩୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମେଧା ଛାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା



**ଫୁଲନଖରା,୯।୬/ଏନ୍ଏନ୍ଏସ୍:** ବିଶିଷ୍ଟ ସମାଜସେବୀ ଡକ୍ଟର ଅମରେନ୍ଦ୍ର ମହାନ୍ତି ଓ ଆଦର୍ଶ ନାରୀ ପ୍ରତିଭା ସାଗ୍ନିକା ସିଂଙ୍କ ସୁକନ୍ୟା ଅମ୍ବିକା ମହାନ୍ତି ଚେନ୍ନାଇ ସ୍ଥିତ ସେଣ୍ଟ ଜୋହନସ୍ ପବ୍ଲିକ ସ୍କୁଲର ଚଳିତବର୍ଷ ଦଶମ ଶ୍ରେଣୀରେ ସମୁଦାୟ ୯୬.୪% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳତଃ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ ସହ ଉତ୍ତରୋତ୍ତର କାମନା କରାଯାଇଛି। ଭବିଷ୍ୟତରେ ଜଣେ ସୁନାମଧନ୍ୟ ଯନ୍ତ୍ରୀ ଭାବେ ମା, ମାଟି ଓ ଅଞ୍ଚଳର ସୁନାମ ରକ୍ଷା କରିବା ପାଇଁ ତାଙ୍କର ଆଶା ରହିଛି। ସୂଚନାଯୋଗ୍ୟ ଯେ ମେଧା ପ୍ରତିଭା ଅମ୍ବିକାଙ୍କ ପିତା ଦକ୍ଷ ସଙ୍ଗଠକ ଗବେଷକ ଡକ୍ଟର ଅମରେନ୍ଦ୍ର ମହାନ୍ତି ସାମାଜିକ ସଙ୍ଗଠନ 'ଆମ ମହଙ୍ଗା' ପ୍ରତିଷ୍ଠା କରି ପ୍ରବାସୀ ଓଡ଼ିଆ ଭାବେ ସମଗ୍ର କଟକ ଜିଲ୍ଲା ସହ ନିଜ ଗାଁ ମାଟିର ବିକାଶ ତଥା ବହୁବିଧ ସମାଜସେବାରେ ବ୍ରତୀ ଜଣେ ବହୁମୁଖୀ ପ୍ରତିଭାଧାରୀ ଉଦାହରଣୀୟ ବ୍ୟକ୍ତିତ୍ୱ।

## ଆଠଗଡ଼ ବୟନଶିଳ୍ପ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର

# ଅଭିଯୋଗ କଲେ ବୁଣାକାରଙ୍କୁ ମିଳୁଛି ଧମକ

### କର୍ମଚାରୀଙ୍କ ବିରୁଦ୍ଧରେ ଏତଲା

**ଆଠଗଡ଼,୯।୬/ଏନ୍ଏନ୍ଏସ୍:** ଆଠଗଡ଼ ବୟନଶିଳ୍ପ ବିଭାଗରେ ହୋଇଥିବା କେଳେଙ୍କାରୀ ମାମଲା ଯାଇ ଏବେ ଆଠଗଡ଼ ଥାନାରେ ପହଞ୍ଚିଛି। ବୁଣାକାରମାନଙ୍କଠାରୁ ସିଧାସଳଖ ଲାଞ୍ଚ ନେବା ଘଟଣାକୁ ନେଇ ଅଭିଯୋଗ କଲେ ଅସାମାଜିକ ଲୋକଙ୍କୁ ଲଗାଇ ଜୀବନରୁ ମାରିଦେବା ଭଳି ଧମକ ଚମକ ମିଳୁଥିବାର ସଙ୍ଗୀନ ଅଭିଯୋଗ ହୋଇଛି ଆଠଗଡ଼ ଥାନାରେ। ଘଟଣା ତଥା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଗତ ୨୦୨୪ ଜାନୁଆରୀ ମାସରେ ତିଗିରିଆ ଥାନା ଅନ୍ତର୍ଗତ କୋଇଲି କନିଆଁ ଗ୍ରାମର ପ୍ରତାପ ଚନ୍ଦ୍ର ମନ୍ତ୍ରୀ ଜଣେ ପେଷାଦାର ବୁଣାକାର ଭାବରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ବୁଣାକାର ସହାୟତା ପାଇବା ପାଇଁ ଆବେଦନ କରିଥିଲେ। କିନ୍ତୁ ତଦନ୍ତ ପାଇଁ ଯାଇଥିବା ବୈଷୟିକ ସହାୟକ କୈଳାଶ ଚନ୍ଦ୍ର ସ୍ୱାଇଁ ତାଙ୍କୁ ଏଥିପାଇଁ ସାଧାସଳଖ ଲାଞ୍ଚ ବାବଦରେ ୧୫୦୦ଟଙ୍କା ଦେବାକୁ କହିଥିଲେ। ସେହି ଗ୍ରାମର ସଞ୍ଜୟ ମନ୍ତ୍ରୀ, ରଶ୍ମିତା ଜେନା, ପ୍ରଭାତୀ ମନ୍ତ୍ରୀ, ସୁକାନ୍ତୀ ମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରତାପ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ୧୫୦୦ଟଙ୍କା ଦେଇଥିବା ଅଭିଯୋଗ ହୋଇଛି। ମାତ୍ର ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଚୂଡାନ୍ତ ହିତାଧିକାରୀ ତାଲିକାରେ ତାଙ୍କର ନାଁ ନ ରହିବାରୁ ମାର୍ଚ୍ଚ ୨୮ ତାରିଖରେ ଆଠଗଡ଼ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ବିଭାଗ ଶ୍ରୀକାନ୍ତ ନାଏକଙ୍କୁ ଭେଟି ଅଭିଯୋଗ କଲା ପରେ କିଛି ଅସାମାଜିକ ଯୁବକଙ୍କ ସହାୟତାରେ ପ୍ରତାପଙ୍କୁ ଭୟଭୀତ କରାଇ ଅଭିଯୋଗ ମିଥ୍ୟା ବୋଲି ସାଧାକାଗଜରେ ଲେଖାଇ ନେଇଥିବା ଅଭିଯୋଗ ହୋଇଛି। ଏଥି ସହିତ ବୟନଶିଳ୍ପ କାର୍ଯ୍ୟାଳୟ ରେ ଉପସ୍ଥିତ ଥିବା କର୍ମଚାରୀ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ଶ୍ରୀକାନ୍ତ ନାଏକ, ସୁପରଭାଇଜର ଦାମୋଦର ବେହେରା ଏବଂ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରରୋଚନାରେ କିଛି ଅସାମାଜିକ ଯୁବକ ତାଙ୍କ ଘରକୁ ଯାଇ ଜୀବନରେ ମାରି ଦେବାକୁ ମଧ୍ୟ ଧମକ ଚମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ବାବଦରେ ଗତ ୩ ତାରିଖ ଦିନ ରାଜ୍ୟ ବୟନଶିଳ୍ପ ମନ୍ତ୍ରୀଙ୍କୁ ଦେଖାକରି ପ୍ରତାପ ଅଭିଯୋଗ କରିବା ପରେ ତୁରନ୍ତ ଆଠଗଡ଼ ଥାନାରେ ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ଏ ବାବଦରେ ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତିଙ୍କୁ ପଚାରିବାରୁ ବୟନଶୀଳ୍ପ ବିଭାଗ ବିରୁଦ୍ଧରେ ଏକ ଅଭିଯୋଗ ଆସିଛି। ଏ ବାବଦରେ ତଦନ୍ତ କରାଯିବା ସହିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଆଠଗଡ଼ ବୟନଶିଳ୍ପ କାର୍ଯ୍ୟାଳୟରେ ବୁଣାକାରମାନଙ୍କ ସହାୟତା ରାଶି ହଡ଼ପ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଆଠଗଡ଼ ଆସି ଏହାର ତଦନ୍ତ କରିବା ସହିତ ପ୍ରାଥମିକ ତଦନ୍ତରୁ ଦୁର୍ନୀତି ହୋଇଥିବାର ସ୍ୱୀକାର କରିଥିଲେ। ଯୋଗ୍ୟ ହିତାଧିକାରୀ ବୁଣାକାରଙ୍କ ପରିବର୍ତ୍ତେ କିଛି ଅଣ ବୁଣାକାରଙ୍କୁ ବିଭାଗୀୟ ଅଧିକାରୀ କର୍ମଚାରୀ ଅହେତୁକ ଅନୁକମ୍ପା ଦେଖାଉଥିବା ବେଳେ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗତ ମେ ମାସ ୩୦ ତାରିଖରେ ଜନୈକ ବୁଣାକାର ପରିବାର କଟକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

**ବଳଙ୍ଗା,୯।୬/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମ ପଡିଆରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ବଳଙ୍ଗା ପୁଲିସ ପକ୍ଷରୁ ରବିବାର ସକାଳେ ଚଢ଼ଉ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଜୁଆ ଖେଳ ସାମଗ୍ରୀ, ୪ଟି ମୋବାଇଲ, ନଗଦ ୧୨ଶହ ଟଙ୍କା ଓ ଗୋଟିଏ ମଟର ସାଇକେଲ ଜବତ କରିବା ସହ ଜୁଆ ପାଲି ପକାଇଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଡାଙ୍ଗୁରା ଗ୍ରାମର ଅଶ୍ୱିନୀ କୁମାର ବରାଳ ଓ ରଞ୍ଜନ ବରାଳ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଅଭିଯୁକ୍ତ ମାନେ ଗାଁ ପଡିଆରେ ବେଆଇନ ଭାବେ ଜୁଆଖେଳ କରୁଥିବା ବେଳେ ଆଜି ଏ ସଂପର୍କରେ ବଳଙ୍ଗା ପୁଲିସକୁ ସୂଚନା ମିଳିଥିଲା।

# ମହାପ୍ରଭୁଙ୍କ ପାଖରେ ପୁଲିସ ବ୍ୟବସ୍ଥାବଳୀ ପୁସ୍ତକ ସମର୍ପିତ

**ପୁରୀ,୯।୬/ଏନ୍ଏନ୍ଏସ୍:** ଆଜି ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରବପ୍ରବଣୀ କକ୍ଷର ସମସ୍ତ ସଦସ୍ୟ ଉପସ୍ଥିତରେ ଦେବସ୍ନାନ ପୋଲିସ ବ୍ୟବସ୍ଥାବଳୀ ପ୍ରଥମ ପୁସ୍ତକ ପୂଜାର୍ଚ୍ଚନା ପାଇଁ ମହାପ୍ରଭୁଙ୍କ ପାଖରେ ସମର୍ପିତ କରାଯାଇଛି। ଏହା ସହ ସନ୍ଧ୍ୟାରେ ଜିଲ୍ଲା ବାହାରୁ ଅଥବା ରାଜ୍ୟରୁ ଆସିଥିବା ସମସ୍ତ ଅଧିକାରୀ ଓ ଫୋର୍ସଙ୍କୁ ନେଇ କେନ୍ଦ୍ରାଞ୍ଚଳ ଆଇଜି ଓ ଏସ୍ପି ପୁରୀ ସମସ୍ତଙ୍କୁ ଜଣାଇଥିଲେ ଯେ ଆମର ଭାଗ୍ୟ ମହାପ୍ରଭୁଙ୍କ ସେବା କରିବାକୁ ମିଳିଛି ଏହାକୁ ସଫଳ କରିବା ସମସ୍ତଙ୍କର କର୍ତ୍ତବ୍ୟ। ଏହା ସହ ପୁସ୍ତକ ପୂଜା ସମୟରେ ଏସ୍ପି ପୁରୀ ବିନୀତ ଅଗ୍ରୱାଲ, ଦଳପତି ଜଗନ୍ନାଥ ବାଟାଲିୟନର ତାପସ ଦାସ, ଉପ ଦଳପତି କୌଶିକ ନାୟକ, ଏସି ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ସୌମ୍ୟରଂଜନ ଦାଶ, ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର, ଯଯାତି ଦାଶ, ଦୁଷ୍ମନ୍ତ ସାହୁ, ଜ୍ଞାନରଞ୍ଜନ ପାତାଳସିଂ ଉପସ୍ଥିତ ଥିଲେ।



# ବଜ୍ରପାତରେ ଜଣେ ମୃତ, ୨ ଶିଶୁ ଗୁରୁତର

**ମୁଣ୍ଡମୁହାଣ,୯।୬/ଏନ୍ଏନ୍ଏସ୍:** ଆଜି କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସହ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ବଜ୍ରପାତ ଘଟି ଜଣେ ଯୁବକ ମୃତ୍ୟୁବରଣ କରିଥିବା ବେଳେ ଦୁଇଜଣ ଶିଶୁ ଗୁରୁତର ଆହତ ହୋଇଥିବା ଖବର ମିଳିଛି। ମୃତ ଯୁବକ ଜଣକ ହେଲେ ଗୁପ୍ତପଡ଼ାର ଦୁଃଶାସନ ନାଏକ(୨୮)। ଆହତ ଦୁଇ ଶିଶୁ ହେଲେ କନ୍ଦଳେଇ ଗ୍ରାମର ବାବୁଲି ଚତରଙ୍କ ପୁଅ ସମା ଚତର(୧୦) ଓ ଜେନା ବଇପାଇଙ୍କ ପୁଅ ସୁନିଲ। ମିଳିଥିବା ସୂଚନା ଅନୁସାରେ ଆଜି ଅପରାହ୍ନରେ ହଠାତ୍ କାଳବୈଶାଖୀ ପ୍ରଭାବରେ ପାଣି ପବନ ମାଡି ଆସିଥିଲା। ସେହି ସମୟରେ ଦୁଃଶାସନ କୌଣସି କାମରେ କନ୍ଦଳେଇ ଗ୍ରାମକୁ ଆସିଥିଲେ। ପ୍ରବଳ ବଜ୍ରପାତ ଯୋଗୁ ସେ ଯାଇପାରି ନଥିଲେ। ଜଣକ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ତେବେ ବଜ୍ରପାତ ଘଟିବା ଫଳରେ ଦୁଃଶାସନ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଠିକ ୩/୪ ମିନଟ ପରେ ଆଉ ଏକ ବଜ୍ରପାତ ହୋଇଥିଲା। ଜେନା ବଇପାଇଙ୍କ ଘରେ ତାଙ୍କ ପୁଅ ସୁନିଲ ଓ ପଡ଼ୋଶୀ ଘରର ସମା ଖେଳୁଥିଲେ। ଏହି ବଜ୍ରପାତ ଏତେ ଜୋର୍ ଥିଲା ଯେ ଜେନାଙ୍କ ଘର କାନ୍ଥ ଓ ଆଜବେଷ୍ଟସ ଫାଟିଯିବା ସହ ଦୁଇଶିଶୁ ଗୁରୁତର ଆହତ ହୋଇଥିଲେ। ଜେନାଙ୍କ ସ୍ତ୍ରୀ ଘରୁ ବାହାରି ଡାକ ପକାଇଥିଲେ। ସ୍ଥାନୀୟ ଲୋକ ମୃତାହତ ମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଠାଇଥିଲେ। ଡାକ୍ତର ସେଠାରେ ଦୁଃଶାସନଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଆହତ ଶିଶୁ ଏବେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଚନ୍ଦକା ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏନେଇ ଛତାବର ରାଜସ୍ୱ ନିରୀକ୍ଷକଙ୍କୁ ମଧ୍ୟ ସୂଚନା ଦିଆଯାଇଛି।

# ସୁଭଦ୍ରା ଶକ୍ତି ପକ୍ଷରୁ ପାରମ୍ପରିକ ଖାଦ୍ୟମେଳା



**ଓଡ଼ଗାଁ,୯।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ସୁଭଦ୍ରା ଶକ୍ତି ପକ୍ଷରୁ ବ୍ଲକ ରୋଡ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆଜି ପାରମ୍ପରିକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ଯଥା ବରା, ଦହିବରା, ଏଣ୍ଡୁରି, ମଣ୍ଡା,ଗଇଁଠା, କାକରା, ପୋଡପିଠା, ମାଣ୍ଡିଆଲଡୁ, ଗୁଡତିଆରି ଛେନାପୋଡ଼, ମାଟିହାଣ୍ଡି ଆଳୁଦମ୍ ଭଳି ଅନେକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ତେବେ ଓଡ଼ଗାଁ ବିଜୟମଣ୍ଡପ ସାହିର ବାଣିଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ଦହିବରା, ମାଟିହାଣ୍ଡି ଆଳୁଦମ୍, ପୋଦିନା ଚଟଣୀ ଓ ଭେଜିଟେବୁଲ ବରା ପ୍ରସ୍ତୁତକରି ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ମଗରବନ୍ଧ ପଞ୍ଚାୟତ ଦରପଦାର ଦକ୍ଷିଣକାଳୀ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ତିଆରି ଛେନାପୋଡ଼ ଓ ମାଣ୍ଡିଆ ଛେନାପୋଡ଼ ପ୍ରସ୍ତୁତକରି ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ଏବିଡିଓ କବିତା ପ୍ରଧାନ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ଶିକ୍ଷକ ଭାବଗ୍ରାହୀ ମହାପାତ୍ର ଅତିଥି ତଥା ବିଚାରକ ଭାବେ ଯୋଗଦେଇ ପ୍ରଥମ ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା ସହିତ ପ୍ରଶଂସାପତ୍ର ଓ ଦ୍ୱିତୀୟ ଗୋଷ୍ଠୀଙ୍କୁ ୪ ହଜାର ଟଙ୍କା ସହିତ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ବାଣିଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବାବେଳେ କାର୍ଯ୍ୟକ୍ରମକୁ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସୁରେଶ କୁମାର ବେହେରା, ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବେହେରା ଓ ଗୋଷ୍ଠୀ ଜୀବିକା ସଂଯୋଜକ ସମୀର ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

# କୋଣାର୍କ ଏନ୍ଏସିର ୩ ନମ୍ବର ୱାର୍ଡରେ ଷ୍ଟ୍ରୀଟ୍ ଲାଇଟ୍ ଅଚଳ

## ହେଉନି ମରାମତି, ଚିନ୍ତାରେ ୱାର୍ଡବାସୀ

**କୋଣାର୍କ,୮।୬/ଏନ୍ଏନ୍ଏସ୍:** କୋଣାର୍କ ଏନଏସିର ୩ ନମ୍ବର ୱାର୍ଡ ରାସ୍ତାଘାଟ ଏବେ ଅନ୍ଧାରରେ ରହିଥିବା ଦେଖିବାକୁ ମିଳିଛି। ମୁଳିସାହି ଗ୍ରାମର ମୁଖ୍ୟରାସ୍ତାରେ କୋଣାର୍କ ଏନ୍ଏସି ପକ୍ଷରୁ ଲାଗିଥିବା ୩୮ ଗୋଟି ଖୁଣ୍ଟିରେ ଷ୍ଟ୍ରୀଟ୍ ଲାଇଟ୍‌ଗୁଡିକ ଏବେ ଜଳୁନଥିବା ଦେଖାଯାଇଛି। ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାର ହୋଇରହିଥିବାକୁ ନେଇ ରାସ୍ତାରେ ଯାଉଥିବା ଗ୍ରାମବାସୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ।ସୂଚନା ଥାଉକି ୧୩ ଗୋଟି ୱାର୍ଡ ରେ ଜନସାଧାରଣଙ୍କ ରାସ୍ତାରେ ସୁଗମ ଯାତାୟତ ପାଇଁ କୋଣାର୍କ ଏନଏସି ପକ୍ଷରୁ ଗ୍ରୀନ୍ ଫିଲ୍ଡ ନାମକ ଏକ ଘରୋଇ ସଂସ୍ଥାକୁ ଷ୍ଟ୍ରିଟ ଲାଇଟି ଆଲୋକୀକରଣ ବ୍ୟବସ୍ଥା କରାଇବାକୁ ଗତ ୨୦୧୯-୨୦ ମସିହାରେ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏହି ସଂସ୍ଥାର ବେପାରୁଆ ନୀତି ପାଇଁ କୋଣାର୍କ ଏନଏସିର ବିଭିନ୍ନ ୱାର୍ଡ ଗୁଡିକରେ ସଠିକ ଆଲୋକିକରଣ ସହ ସଠିକ ମରାମତି କାର୍ଯ୍ୟ କରାଯାଉ ନଥିବା ଦେଖିବାକୁ ମିଳିଛି। ଯାହା ଚିନ୍ତାର ବିଷୟ ପାଲଟିଛି। ଏନେଇ କୋଣାର୍କ ଏନଏସି ରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ନିମ୍ନମାନର ବୈଦୁତିକ ସାମଗ୍ରୀ ଲାଗିଥିବାକୁ ନେଇ ଅନେକ ସମୟରେ ଷ୍ଟ୍ରୀଟ୍‌ଲାଇଟ୍‌ଗୁଡିକ ଜଳୁନଥିବା ଦେଖାଯାଇଛି । ଅଭିଯୋଗ ହେଲେ ନାମକୁ ମାତ୍ର ଯାଇ କାର୍ଯ୍ୟ କରି ଦିନେ ଦୁଇଦିନ ଜଳିବା ପରେ ପୁଣି ଷ୍ଟ୍ରିଟ ଲାଇଟି ଗୁଡିକ ନ ଜଳି ଅନ୍ଧାର ହୋଇ ପଡିରହୁଛି। ଏ ନେଇ ୩ନଂ ୱାର୍ଡ କାଉନସିଲର ସମୟ ରଞ୍ଜନ ସାହୁଙ୍କୁ ପଚାରିବାରେ ସେ ନିଜେ ଏନ୍ଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିବା ଓ ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ମିଳିଥିବା ସେ କହିଥିଲେ। ବାରମ୍ବାର ଏପରି ସମସ୍ୟା ୱାର୍ଡଗୁଡିକରେ ପରିଲକ୍ଷିତ ହେଉଥିଲେ ମଧ୍ୟ କୋଣାର୍କ ଏନଏସି ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନଥିବା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଗତ ଥାଇ ସୁଦ୍ଧା ଚୁପ୍‌ଚାପ୍ ହୋଇ ବସିରହିବାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।



ନିତିଦିନ NITIDIN



# ବିକଶିତ କୃଷି ସଂକଳ୍ପ ଅଭିଯାନ




**ସାକ୍ଷୀଗୋପାଳ,୯।୬ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଅଧୀନ ବଳପୁର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ଆନୁକୁଲ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡକ୍ଟର ସୂର୍ଯ୍ୟନାରାୟଣ ମିଶ୍ର କୃଷି ବିକାଶ ଓ କୃଷକ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିବା ସହ କୃଷିଜାତ ଦ୍ରବ୍ୟ କିପରି ବଜାର ଭିତ୍ତିକ ହୋଇପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକା ଡ଼. ସୁମିତା ଆଚାର୍ଯ୍ୟ ଆନୁସଙ୍ଗିକ କୃଷି ତଥା ଛତୁ ଚାଷ, କୁକୁଡ଼ା ଚାଷ, ମହୁ ଚାଷ ଏବଂ ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ଦିଗରେ ମହିଳା ଚାଷୀ ମାନଙ୍କୁ ଉତ୍ସାହିତ କରାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ପ୍ରକଳ୍ପର ସହକର୍ମୀ ଶୁଭମ ସାଗର ନାୟକ, ରୁଦ୍ରନାରାୟଣ ସ୍ୱାଇଁ କୃଷକ ଭାଇ ଭଉଣୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନର ବାଟ କିପରି ହୋଇପାରିବ ସେ ଦିଗରେ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ବାବେନୀ ସେଠୀ ଏବଂ ମାଧବ ଭୋଇ ପ୍ରମୁଖ ଯୋଗଦେଇ ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବଳପୁର ଗ୍ରାମପଞ୍ଚାୟତର ମିଶନଶକ୍ତି ସଭାପତି ଲକ୍ଷ୍ମୀପ୍ରିୟା ଦାସ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି ଯୋଜନା ଏବଂ ମହୁ ଚାଷ , ପ୍ରାକୃତିକ କୃଷି ପତ୍ରିକା ବିତରଣ କରାଯାଇଥିଲା ।

# ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ



**ଚାରିଛକ,୯।୬/ଏନ୍‌ଏନ୍‌ଏସ୍:** ୧୯୮୧ ବ୍ୟାଚ୍ ନିମାପଡ଼ା ମହାବିଦ୍ୟାଳୟର ସ୍ନାତକ ଡିଗ୍ରୀ ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଆଶ୍ରିତ, ଅଙ୍କିତ ଉଦ୍ୟାନ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିବା ସହିତ ପରସ୍ପର ମଧ୍ୟରେ ଭାବ ବିନିମୟର ଆଦାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ପତିତପାବନ ସେବା ସଂଘର ପରିଚାଳକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ସୁଧିର ରଂଜନ ବରାଳ, ପବିତ୍ର ସ୍ୱାଇଁ, ନଟବର ମହାନ୍ତି, ଜାନକୀ ମିଶ୍ର, ଭଗବାନ ବେହେରା, ବେଣୁଧର ବେହେରା, ଦିପ୍ତୀ ନନ୍ଦ, ଅନ୍ନପୂର୍ଣ୍ଣା ଦାସ, ସୁଷମା ସ୍ୱାଇଁ, ଆରତୀ ପାତ୍ର ଓ ବନବିହାରୀ ନାୟକଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସମାଜରୁ ପରଶ୍ରୀକାତରତା ଦୂରକରିବା ପାଇଁ ଏହି ବନ୍ଧୁମିଳନର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପୁରୁଣା ସ୍ମୃତିକୁ ମନେ ପକାଇବା ପାଇଁ ଏହି ବନ୍ଧୁମିଳନ ଉତ୍ସବ ପ୍ରତିବର୍ଷ କରିବାକୁ ସମସ୍ତେ ସହମତି ପ୍ରକାଶ କରିଥିଲେ ।

# ବଦଳିଲେ ଓଡ଼ଗାଁ ବିଡିଓ



**ଓଡ଼ଗାଁ,୯।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କ ବଦଳି ହୋଇଛି । ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି । ସେ ଗତ ଦୁଇବର୍ଷ ଧରି ଓଡ଼ଗାଁ ବ୍ଲକ୍‌ର ୩୬ ଗୋଟି ପଞ୍ଚାୟତରେ କାର୍ଯ୍ୟ ତୁଲାଇ ଆସୁଥିଲେ । ଲୋକଙ୍କୁ ସରକାରଙ୍କ ମୌଳିକ ସୁବିଧା ସୁଯୋଗରେ ଅନ୍ତର୍ଭୁକ୍ତ କରିବା ସହିତ ବିକାଶ ଦିଗରେ ବେଶ୍ ଗୁରୁତ୍ୱ ଦେଉଥିଲେ । ତାଙ୍କ ସମୟରେ ଅଧିକାଂଶ ଅଧାଗଢ଼ା ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରିଥିଲେ । ଏହା ସହିତ ଓଡ଼ଗାଁ ଏନଏସି ଦାୟିତ୍ୱରେ ମଧ୍ୟ କିଛି ମାସଧରି ସଫଳତାର ସହିତ କାର୍ଯ୍ୟ ତୁଲାଇ ଆସିଥିଲେ ।

## ଜଗନ୍ନାଥ ମନ୍ଦିର ଉନ୍ନତିକରଣ ଅର୍ଥକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ

# ନିର୍ମାଣ କାର୍ଯ୍ୟରେ ସ୍ଥଗିତାଦେଶ, ଠିକାଦାରଙ୍କ ତାଲିପକା କାମକୁ ନିନ୍ଦା

**ଜଟଣୀ,୯।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାଛରା ପାଟଣା ଅଞ୍ଚଳରେ ସରକାରୀ ଗୋଚର ଜମିରେ ଥିବା ଜଗନ୍ନାଥ ମନ୍ଦିରର ପରିଚାଳନାକୁ କେନ୍ଦ୍ରକରି ଜୟୀ ରାଜଗୁରୁ କ୍ଲବ କମିଟି ଓ ଉକ୍ତ ଅଞ୍ଚଳର କିଛି ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେବା ସହ ଛକାପଞ୍ଝା ଲାଗିରହିଥିବା ଜଣାପଡ଼ିଛି । ଗତ ୨୦୨୪ ଫେବୃୟାରୀ ମାସରେ ବିରୋଧୀ ମନୋଭାବ ଯୋଗୁଁ ସ୍ଥାନୀୟ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମହିଳାମାନେ ମନ୍ଦିର କବାଟରେ ଚାବି ପକାଇବା ଫଳରେ ପ୍ରାୟ ୨୫ଦିନ ଧରି ମନ୍ଦିରରେ ତାଲା ପଡି ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ ରହି ଠାକୁର ଉପବାସରେ ରହିଥିବାକୁ ନେଇ ଜଗନ୍ନାଥ ପ୍ରେମୀ ତଥା ସମଗ୍ର ସହରରେ ଅଶାନ୍ତି ବ୍ୟାପିଥିଲା । ଏପରିକି ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ମରଣାନ୍ତକ ଆକ୍ରମଣରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଥିଲେ । ସୂଚନା ଅନୁସାରେ ଜୟୀ ରାଜଗୁରୁ କ୍ଲବ ପକ୍ଷରୁ ତାହାର ସଭାପତି ଡଃ ମୁରଲୀଧର ଶାସ୍ତ୍ରୀ ଉକ୍ତ ମନ୍ଦିରର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବଙ୍କ ଜରିଆରେ ଏକ ପତ୍ର ଲେଖି ଅନୁରୋଧ କରିଥିଲେ । ସଚିବ ଉକ୍ତ ଲେଖାକୁ ଭିତ୍ତିକରି ପତ୍ର ମାଧ୍ୟମରେ କ୍ଲବ ସଭାପତିଙ୍କ ନିକଟକୁ ତାଙ୍କ ପତ୍ର ବିଚାରକୁ ନିଆଯାଇଛି ଏବଂ ମନ୍ଦିରର ଉନ୍ନତିକରଣ ପାଇଁ ୬ଲକ୍ଷ ଟଙ୍କା ନଗରପାଳିକା ମାଧ୍ୟମରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଏହାପରେ ପୌରପାଳିକା ପକ୍ଷରୁ ଏକ କାର୍ଯ୍ୟାଦେଶ ଇସ୍ୟୁ କରାଯାଇଥିଲେ ହେଁ କ୍ଲବ କର୍ତ୍ତୃପକ୍ଷଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟାଦେଶ ହସ୍ତାନ୍ତର ନକରି ଉକ୍ତ କାର୍ଯ୍ୟାଦେଶକୁ ବାତିଲ କରି କାଉନ୍ସିଲ ରେଜ୍ୟୁଲୁସନରେ ଅନୁମୋଦନ କରି ଏକ କାର୍ଯ୍ୟାଦେଶ ସତ୍ୟବ୍ରତ ନାୟକ ନାମକ ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ପୌରପାଳିକାର ଏଭଳି ମନୋମୁଖୀ କାର୍ଯ୍ୟ ବିରୁଦ୍ଧରେ କ୍ଲବ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାପରେ ନ୍ୟାୟାଳୟ ପକ୍ଷରୁ ଜୟୀରାଜଗୁରୁ କ୍ଲବକୁ କାର୍ଯ୍ୟାଦେଶ ଦିଆଯିବ କି ଦିଆଯିବ ନାହିଁ ବୋଲି ଏବଂ ରିଜିନ ଆଦେଶ



ଦିଆଯାଇଥିଲା ଓ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ପରେ ନଗରପାଳିକା ପକ୍ଷରୁ ଚିଠି ନଂ ୩୦୨୮ ଆଧାରରେ ଅଭିଯୋଗକାରୀ କ୍ଲବ ସଭାପତିଙ୍କୁ ପୌରପାଳିକା ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା । କିନ୍ତୁ ଆପଣ ଉକ୍ତ କାର୍ଯ୍ୟକୁ ଏକ ମାସ ମଧ୍ୟରେ ଆରମ୍ଭ ନକରିବାରୁ ଆମ୍ଭେ ସତ୍ୟବ୍ରତ ନାୟକ ନାମକ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛୁ ବୋଲି ଉଲ୍ଲେଖ ରହିଥିଲା । ସେହିପରି ପୌରପାଳିକା ଉଚ୍ଚ ନ୍ୟାୟାଳୟର ଆଦେଶ ପାଇଛୁ ବୋଲି ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ ହେଁ ପୋଷ୍ଟାଲ ତଥ୍ୟ ଅନୁସାରେ ନୋଟିସ ପୌରପାଳିକାର ହସ୍ତଗତ ହୋଇଛି ବୋଲି କୋର୍ଟ ଉପଲବ୍ଧି କରିଥିଲେ । ସେହିପରି ଏହି ନିମ୍ନମାନର ଓ ପୌରପାଳିକାର ବେଆଇନ କାର୍ଯ୍ୟ ବିରୁଦ୍ଧରେ ଜଣେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ କରାଯାଇଥିବା ଡବ୍ଲ୍ୟୁପିସି ଏକ ପିଆଇଏଲ ଦାୟର କରାଯାଇଥିବା ବେଳେ ଉକ୍ତ ଅଭିଯୋଗକୁ ଭିତ୍ତିକରି ଖୋରଧା ଜିଲ୍ଲାପାଳ ଓ ପୌରନିର୍ବାହୀ ଅଧିକାରୀଙ୍କୁ ନୋଟିସ ଜାରି ହୋଇଥିଲା । ସେହିପରି ଏହି ଅଭିଯୋଗର ଶୁଣାଣି ଆସନ୍ତା ୨୩ରେ ଧାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ସମ୍ପୃକ୍ତ କରି ଜିଲ୍ଲାପାଳଙ୍କ ଆଦେଶନାମା ଅନୁସାରେ ସରକାରୀ ଜମିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ଚିଠି କରିଥିଲେ । ତଦନୁଯାୟୀ ଉପଜିଲ୍ଲାପାଳ ଏହାର ନକଲ ତହସିଲଦାରଙ୍କୁ ପ୍ରେରଣ କରିଥିଲେ । ତେବେ ଆଶ୍ଚର୍ଯ୍ୟର ବିଷୟ ନ୍ୟାୟପାଳିକା ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରି ନଗରପାଳିକାର ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ । ଅନ୍ୟପକ୍ଷରେ ଜୟୀ ରାଜଗୁରୁ କ୍ଲବ ପକ୍ଷରୁ ୱାର୍କ ଅର୍ଡ଼ର ବାତିଲକୁ ଚ୍ୟାଲେଞ୍ଜ କରି ହୋଇଥିବା ମାମଲାରେ ଉଚ୍ଚନ୍ୟାୟାଳୟ କାର୍ଯ୍ୟ ସ୍ଥଗିତାଦେଶ ଜାରି କରିଥିବା ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମନ୍ଦିରର ନବୀକରଣ ପାଇଁ ଦିଆଯାଇଥିବା ସରକାରୀ ଅର୍ଥ ଏକ ପଞ୍ଜୀକୃତ ସଂସ୍ଥା ଦ୍ୱାରା କରାଯିବାର ଷ୍ଟାଣ୍ଡିଂ ରୁଲ୍ ଥିବାବେଳେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ କେଉଁ ସ୍ୱାର୍ଥ ଦୃଷ୍ଟିରୁ ପଞ୍ଜୀକୃତ ସଂସ୍ଥାର ୱାର୍କ ଅର୍ଡ଼ରକୁ ରଦ୍ଦକରି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଠିକାଦାରକୁ ସମସ୍ତ ନ୍ୟାୟାଳୟ ଆଦେଶ, ସରକାରୀ ନିୟମ ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରି ନ୍ୟାୟାଳୟଙ୍କୁ ମିଥ୍ୟା ତଥ୍ୟ ଦେବାକୁ ମଧ୍ୟ ପଛାଇନଥିବା ସାଧାରଣରେ ଆଲୋଚନା ହେଉଛି ।

## ଫେଲ୍ ମାରିଲା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହିଳାଙ୍କ ଦାବିପତ୍ର




**ସାଲେପୁର,୯।୬/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଥିବାବେଳେ କଟକ ଜିଲ୍ଲା ସାଲେପୁର ବ୍ଲକ ରେ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖା ଦେଇଛି । ସାଲେପୁର ବ୍ଲକର ୩୫ ପଞ୍ଚାୟତ ଗ୍ରୁପର ମହିଳାମାନେ ଚିଠି ନପାଇବାରୁ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିଲେ ନାହିଁ ବୋଲି ଅଭିଯୋଗ ହୋଇଛି । କଟକ ଜିଲ୍ଲା ସାଲେପୁର ବ୍ଲକର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଧୁମଣ୍ଡପରେ ଅନୁଷ୍ଠିତ ହେଉଥିବା ବେଳେ ଅଂଶ ଗ୍ରହଣ କରି ପାରିଲେ ନାହିଁ ମିଶନଶକ୍ତିର ଗ୍ରୁପର ମହିଳାମାନେ । ଏ ନେଇ ମିଶନଶକ୍ତି ଗ୍ରୁପର ମହିଳାମାନେ କାର୍ଯ୍ୟକ୍ରମ ବନ୍ଦ କରିବା ସହ ପ୍ରତିବାଦ କରିଥିଲେ । ଅଭିଯୋଗ ମୁତାବକ ଦୀର୍ଘ ୨୫ବର୍ଷ ଧରି ଚାଲିଥିବା ସରକାରରେ ବିପିଏମ୍, ଏମ୍‌ବିକେ, ସିଆର୍‌ପି, ଇସିମାନଙ୍କ ମନମାନି ପାଇଁ ସାଲେପୁର ବ୍ଲକର ୩୫ ପଞ୍ଚାୟତର ଅନେକ ମିଶନଶକ୍ତି ମହିଳାମାନଙ୍କୁ ସରକାରଙ୍କ କାର୍ଯ୍ୟକ୍ରମକୁ ଜଣାଉ ନାହାନ୍ତି ବୋଲି ମିଶନଶକ୍ତିର ମହିଳାମାନେ ଅଭିଯୋଗ କରିଛନ୍ତି ।

ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ସାଲେପୁର ବ୍ଲକର ୩୫ ପଞ୍ଚାୟତର ମିଶନଶକ୍ତି ଗ୍ରୁପର ମହିଳା ମାନେ ଅଂଶଗ୍ରହଣ କରିବାକୁ ଥିବାବେଳେ ହାତଗଣତି କେତୋଟି ଗ୍ରୁପ୍‌ର ମହିଳାମାନେ ଭାଗ ନେଇଥିବା ବେଳେ ଅନ୍ୟ ଗ୍ରୁପର ମହିଳାମାନେ ଏହାକୁ ବିରୋଧ କରିଥିଲେ । ଦୀର୍ଘ ୨୫ବର୍ଷ ଧରି ପୂର୍ବ ସରକାରରେ କାର୍ଯ୍ୟରତ ବିପିଏମ, ଏମବିକେ, ସିଆରପି, ଇସି ବିଭିନ୍ନ ସମୟରେ ଅନିୟମିତତା କରୁଥିବାରୁ ନୂତନ ସରକାରରେ ସେମାନଙ୍କୁ ପରିବର୍ତ୍ତନ କରାଯାଇ ନୂତନ ଭାବେ ନିଯୁକ୍ତି ଦିଆଯିବାକୁ ଦାବି କରିଛନ୍ତି । ସାଲେପୁର ବ୍ଲକର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନ ନେଇ ପରିବାରୁ ତେନ୍ତଲୋ ପଞ୍ଚାୟତ, ନାଦୋଳ ପଞ୍ଚାୟତର ମହିଳାମାନଙ୍କ ସହ ଅନ୍ୟ ପଞ୍ଚାୟତ ଗ୍ରୁପର ମହିଳାମାନେ ପୁନର୍ବାର ସବୁ ଗ୍ରୁପକୁ ସରକାରୀ ସ୍ତରରେ ଜଣାଇବା ପରେ ଦିନ ଧାର୍ଯ୍ୟ କରି କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ତହସିଲଦାର, ବିଡ଼ିଓ, ସିଡିପିଓ, ବିଜେପି ନେତା ହିମାଂଶୁ ମହାନ୍ତିଙ୍କୁ ଦାବି କରିଛନ୍ତି ।

# ରାସ୍ତାରେ ଲହଡ଼ି ମାରୁଛି ଡ୍ରେନ୍ ପାଣି, ତୁରନ୍ତ ପ୍ରତିକାର ଦାବି



**କଣ୍ଟିଲୋ,୯।୬/ଏନ୍‌ଏନ୍‌ଏସ୍:** ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ, ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର, ଜନବହୁଳ ଏକକ ଗ୍ରାମ ପଞ୍ଚାୟତ, କଂସା ପିତ୍ତଳ ବାସନ ପାଇଁ ପ୍ରସିଦ୍ଧ, ବ୍ୟବସାୟିକ କେନ୍ଦ୍ର ଭାବେ ସର୍ବ ବିଦ୍ୟମାନ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ର ଗ୍ରାମ ପଞ୍ଚାୟତର ଅଧିକାଂଶ ୱାର୍ଡର ଡ୍ରେନ ଗୁଡ଼ିକ ପୋତି ହୋଇଯାଇଥିବା ଓ ଭାଙ୍ଗି ଯାଇଥିବା ଫଳରେ ମଇଳା, ପୋଚ, ଦୁର୍ଗନ୍ଧ, ଦୂଷିତ ଡ୍ରେନ ପାଣି ରାସ୍ତା ଉପରେ ଲହଡ଼ି ମାରୁଥିବାର ଅଭିଯୋଗ ହେଉଛି । ସୂଚନାରୁ ଜଣାପଡିଛି ଯେ, କଣ୍ଟିଲୋ ଗ୍ରାମ ପଞ୍ଚାୟତ ର ସର୍ବ ମୋଟ ୨୫ ୱାର୍ଡ ମଧ୍ୟରୁ ୫ ଓ ୧ ୱାର୍ଡ ପରିସୀମା ମଧ୍ୟରେ ବହୁ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଡ୍ରେନ ଗୁଡ଼ିକ କମ୍ ଗଭୀର ଓ ଅଣ ଓସାରିଆ ଯୋଗୁ ପୋତି ହୋଇଯାଇଥିବା ଏବଂ ଅଧିକାଂଶ ସ୍ଥାନରେ ଭାଙ୍ଗି ଯାଇଥିବା ତଥା ପର୍ଯ୍ୟାୟ କ୍ରମେ ଆବଶ୍ୟକତା ଅନୁଯାୟୀ ମରାମତି ହେଉ ନଥିବାରୁ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଆଜି କଣ୍ଟିଲୋର ସର୍ବସାଧାରଣ ଜନତାଙ୍କ ସହ ବାହାରୁ ଆସୁଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ମାନେ ଏହି ପୂତିଗନ୍ଧମୟ, ଦୂଷିତ, ଦୁର୍ଗନ୍ଧ, ପୋଚ ଅପରିଷ୍କାର ପାଣିରେ ଯାତାୟାତ ପାଇଁ ବାଧ୍ୟ ହେଉଛନ୍ତି । ଫଳରେ ଶ୍ରଦ୍ଧାଳୁମାନେ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ତୁରନ୍ତ ମରାମତି ପାଇଁ ଅଭିଯୋଗ କରିଛନ୍ତି । ଏ ସମ୍ପର୍କେ ୫ନଂ ୱାର୍ଡସଭ୍ୟ ବାବୁଲି ମିଶ୍ର କୁହନ୍ତି ଯେ ବଂଶଲ୍ ଠିକା ସଂସ୍ଥା କାର୍ଯ୍ୟ କରିବା ବେଳେ କାହାର ପରାମର୍ଶକୁ ଭ୍ରୁକ୍ଷେପ ନକରି ତାଙ୍କ ମନ ଇଚ୍ଛା ମୁତାବକ ଡ୍ରେନ୍ ରାସ୍ତାଗୁଡ଼ିକ ବନ୍ଦ କରିଦେଇଛି । ଯାହାଫଳରେ ଏଭଳି ଅବସ୍ଥା ଦେଖାଦେଇଛି । ଯଥାଶୀଘ୍ର ପଞ୍ଚାୟତ ତରଫରୁ ଆବଶ୍ୟକୀୟ ଅର୍ଥ ଯୋଗାଇଦେଲେ ତାହା ମରାମତି ହେବ । ଦ୍ୱିତୀୟତଃ ୧ନଂ ୱାର୍ଡ ପରିସର ମଧ୍ୟରେ ବିଦ୍ୟାଳୟ ପାଖରେ ଯାଇଥିବା ଡ୍ରେନ ସଙ୍କୁଚିତ ହୋଇଥିବା ଯୋଗୁ ସେଠି ପାଣି ବ୍ଲକ ହୋଇ ରହୁଛି । ଏ ସମ୍ପର୍କେ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରେ ଜଣାଗଲା ଯେ ମରାମତି କରିବାକୁ ଶ୍ରମିକମାନଙ୍କ ଅଭାବ ଯୋଗୁ କାର୍ଯ୍ୟରେ ବିଳମ୍ବ ଘଟୁ ଥିଲେ ମଧ୍ୟ,ଏହି ଦୁଇ ଦିନ ମଧ୍ୟରେ ନିଶ୍ଚିତ ଭାବେ ହାଟମୁଣ୍ଡ ପାଟଣା ଜନ କଲ୍ୟାଣ କ୍ଲବ ପାଖ ଡ୍ରେନ ସଫା ଓ ମରାମତି କାର୍ଯ୍ୟ ସମ୍ପନ୍ନ ହେବ ।ସବୁଠାରୁ ବେଶୀ ଦୁଃଖ ଲାଗୁଛି ଏହି ସାହିରେ ବହୁ ମାନ୍ୟ ଗନ୍ୟ ବରିଷ୍ଠ ବ୍ୟକ୍ତିଙ୍କ ସହ ମିଡ଼ିଆ ଭାଇ ମାନେ ଥାଇ ଆଜକୁ ପ୍ରାୟ ମାସେ ପାଖା ପାଖି ହେବ, ଚନ୍ଦନ ଯାତ୍ରା ସମୟରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେଇ ନଥିବା ଯୋଗୁଁ, ଶ୍ରୀ ଜିଉମାନେ ଏହି ମଇଳା ପାଣି କୁଦି ଚାଟେରୀ ଭୋଗ ଖାଇବାକୁ ଯାଉଥିବା ଅଭିଯୋଗ ହୋଇଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା,୯।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ଚିଲିକା ବ୍ଲକ ଅନ୍ତର୍ଗତ, ବିରିବାଡି ଗ୍ରାମ ପଞ୍ଚାୟତର ଶ୍ରୀଲୋକନାଥ ଦେବ ମାନସିଂ ବିଦ୍ୟାପୀଠ ପରିସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନାରାନୀ ବେହେରା, ବିଡିବାଡ଼ି ଗ୍ରାମପଞ୍ଚାୟତ ସରପଞ୍ଚ ବିଷ୍ଣୁ ପ୍ରିୟା ସେନ୍, ବିଡିଓ ପୂର୍ଣ୍ଣ ମହାପାତ୍ର, ତହସିଲଦାର କାହ୍ନୁଚରଣ ଦଳାଇ, ଡେପୁଟି କଲେକ୍ଟର ଜରୁରୀ ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ ଅଭିଯୋଗ ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୬୬ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୫୫ଗୋଟି ଅଭିଯୋଗ ବ୍ୟକ୍ତିଗତ, ୧୫ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟାଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୫ଗୋଟି ଅଭିଯୋଗର ତୁରନ୍ତ




ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବିରିବାଡି, ଚିଲିକାର ମନୋଜ କୁମାର ଗୁମାନସିଂଙ୍କୁ ପନ୍ଦର ହଜାର, ହରିପୁର, ଚିଲିକାର, ହକିମ୍ ଦଲାଇଙ୍କୁ ପନ୍ଦର ହଜାର ଏବଂ କୁହୁଡିର ମେଘ ନାଦ ତାରାଇଙ୍କୁ ଦଶ ହଜାରକୁ ନେଇ ଚିକିତ୍ସା ନିମନ୍ତେ ସିଏମ୍‌ଆର୍‌ଏଫ୍ ପାଣ୍ଠିରୁ ପଚାଶ ହଜାର ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ସୋରୋଣ, ଚିଲିକାର ରଞ୍ଜିତା ବାରିକଙ୍କୁ କୋଡ଼ିଏ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତାକୁ ନେଇ ସର୍ବମୋଟ ଷାଠିଏ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରିଥିଲେ । ପରେ ଜିଲ୍ଲାପାଳ ଶ୍ରୀ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ଷ୍ଟଲ୍, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ସହରାଞ୍ଚଳ, ସରକାରଙ୍କ ଯୋଜନା ସହ ଆର୍ଥିକ ଅନଗ୍ରସରଙ୍କୁ ଯୋଡ଼ିବାର ମାଧ୍ୟମ (ସହଯୋଗ ଷ୍ଟଲ୍ ) ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟଲ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ଷ୍ଟଲ୍, ପୋଷଣ ମାସ ଏବଂ ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଆଦି ନିର୍ମିତ ସଚେତନତା ଷ୍ଟଲ୍ଲ ବୁଲି ଦେଖିଥିଲେ କ୍ଷ ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁଗୁଡା ମୁର୍ମୁ, ଏସ୍‌ଡିଓ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ସ୍ମିତା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ ।

# ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଜନ୍ମ ଉତ୍ସବ

**ନୟାହାଟ,୯।୬/ଏନ୍‌ଏନ୍‌ଏସ୍:** ସର୍ବଧର୍ମ ସମନ୍ୱୟ ପୀଠ ତଥା ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ପ୍ରତିଷ୍ଠାଥା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କର ୧୦୬ତମ ଜନ୍ମ ଉତ୍ସବ ମହା ଆନନ୍ଦ ଓ ଉଲ୍ଲାସରେ ପବିତ୍ର ଚମ୍ପକଦ୍ୱାଦଶୀ ତିଥିରେ ଆଶ୍ରମ ପରିସରରେ ଆଶ୍ରମ ମୁଖ୍ୟବାବାଜୀ ଦାମୋଦାର ଦାସଙ୍କ ତତ୍ତ୍ୱାବଧାନରେ ଆଜି ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସମୂହ ବିଶ୍ୱଶାନ୍ତି ପାର୍ଥନା ପରେ ଗୁରୁ ଦେବ ଙ୍କ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ବାତ୍ସଲ୍ୟ ଭାବରେ ମାଆମାନେ ଝୁଲଣ, କ୍ଷୀର ପାନ ସେମାନଙ୍କ ଭାବରେ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ବାତ୍ସଲ୍ୟ ଭଜନ ଗୁଡ଼ିକ ସେବିକା ସବିତା ଦାସ, ଶକୁନ୍ତଳା ଦାସ, ଅନୁ ମା', ବାସନ୍ତୀ ମା'ଙ୍କ ସମେତ ଶହ ଶହ ମାଆମାନେ ଆନନ୍ଦରେ ଗାଉଥିଲେ । ପ୍ରେମାଚାର୍ଯ୍ୟ ମଧୁସୂଦନ ଜଗତସିଂହପୁର ଜିଲ୍ଲାର ସ୍ୱର୍ଗବ୍ରହ୍ମପୁର ଗ୍ରାମରେ ଜନ୍ମ ହୋଇ ପୁରୀ ଜିଲ୍ଲା ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ କିପରି ଲୀଳା କରି ଛନ୍ତି,ତାହା ଉପରେ ଡାକ୍ତର ରତ୍ନାକର ମହାନ୍ତି ଆଲୋକପାତ କରିଥିଲେ । ଏହି ଜନ୍ମଉତ୍ସବ ମୁଖ୍ୟ ଆଶ୍ରମ ସହିତ ଜନ୍ମ ସ୍ଥାନ ସ୍ୱର୍ଗବ୍ରହ୍ମପୁର, କର୍ମ କ୍ଷେତ୍ର ମଙ୍ଗୁଳି ଆଶ୍ରମ, ଖଣ୍ଡଗିରୀ ଆଶ୍ରମ ପୋଦନା ଆଶ୍ରମ,ବଲାଙ୍ଗୀରି ଆଶ୍ରମ, ପଦ୍ମପୁର ଆଶ୍ରମରେ ପାଳିତ ହୋଇଛି । ଗୁରୁଦେବଙ୍କ ଜନ୍ମ ଉତ୍ସବ ର ପାଞ୍ଚ ଦିନରେ ପଞ୍ଚୁଯାତି ପୂଜା, ଷଷ୍ଠି ଦିନରେ ଷଷ୍ଠୀପୂଜା ଓ ଏକୋଇଶା ପୂଜା ଯଥା ବିଧିରେ ସବୁବର୍ଷ ପରି ପାଳନ ହେବ ବୋଲି ପ୍ରଚାରପ୍ରସାର ସେବକ ପ୍ରୀତିରଂଜନ ଦାସ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ମହେଶ ସାହୁ, ନୀଳମଣି ସାହୁ, କୃଷ୍ଣଚନ୍ଦ୍ର ଓଝା, ବ୍ରଜବନ୍ଧୁ ସାହୁ, ରମେଶ ବିଟି ଓ ବଜରଙ୍ଗ ଦଳର ସମସ୍ତ ସଭ୍ୟ ପରିଚାଳନା କରିଥିଲେ ।



**ନିତି ଭାରତୀ**

ବର୍ତ୍ତମାନ ସମୟ ହିଁ ସବୁବେଳେ ଅତୀତକୁ ପରିବର୍ତ୍ତିତ କରି ଦେଇଥାଏ । ପଛକୁ ଚାହିଁଲେ ଯାହା ଆମେ ଛାଡ଼ି ଆସିଥାଉ, ତାହା ଆଉ ଆମେ ଖୋଜି ପାଇନଥାଉ । - **କିରଣ ଦେଶାଇ**


NITIDIN

ନିତିଦିନ

ମଙ୍ଗଳବାର, ୧୦ ଜୁନ୍ ,୨୦୨୫

# ଆଗେ ରାଷ୍ଟ୍ର ହିତ, ପରେ ରାଜନୀତି

ରାଷ୍ଟ୍ର ହିତ ସର୍ବୋପରି । ଦେଶର ସ୍ୱାର୍ଥ ମୁଖ୍ୟ, ବ୍ୟକ୍ତିଗତ ସ୍ୱାର୍ଥ ଗୌଣ । କଥାରେ ଅଛି- ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା । ବିପରୀତ ଚିତ୍ର ଦେଖିବାକୁ ମିଳେ ଆମ ଦେଶର ରାଜନୀତିରେ । ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗରେ ବି ରାଜନୀତି ହୁଏ । ଅପରିପକ୍ୱ ମନ୍ତବ୍ୟ ଦିଅନ୍ତି ରାଜନେତାମାନେ । ସେମାନଙ୍କ ଭିତରେ ନା ଥାଏ ଅନୁଶୋଚନା, ନା ପ୍ରାୟଶ୍ଚିତର ଭାବନା । ପସନ୍ଦ କରନ୍ତି ଅପରିଣାମଦର୍ଶୀ, ଅପରିପକ୍ୱ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିବାକୁ । ଦେଶର ବିପତ୍ତି ବେଳେ ଦଳମତ ନିର୍ବିଶେଷରେ ଏକାଠି ହେବାର ଆବଶ୍ୟକତା ଅପରିହାର୍ଯ୍ୟ । ପରିତାପର ବିଷୟ, ସମ୍ବେଦନଶୀଳ ସମୟରେ ରାଷ୍ଟ୍ରୀୟ ପ୍ରଶ୍ନ ଉପରେ ଏକତା ନାହିଁ । ଚାଲିଛି ଆରୋପ-ପ୍ରତ୍ୟାରୋପ, ତର୍କ-



**ଦିବ୍ୟଜ୍ୟୋତି ପାଣି**

ବିତର୍କ । ସମାଜକୁ ଜଗାଇବାର, ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ କରିବାର ରାଜନୀତି ଏବେ ଆଉ ନାହିଁ । ସଂପ୍ରତିକ ରାଜନୀତିର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଭୋଟ୍ ବ୍ୟାଙ୍କ୍ ସୁରକ୍ଷିତ ରଖିବା । ଭାରତୀୟ ରାଜନୀତିରେ ଅଜବ ପରିସ୍ଥିତି । ସାଧାରଣ ଜନତାଙ୍କ ଭିତରେ ଦେଖିବାକୁ ମିଳୁଛି ରାଷ୍ଟ୍ରଭକ୍ତିର ଭାବନା । ମାତ୍ର ରାଜନୀତିକ ଦଳଙ୍କ ମଧ୍ୟରେ ନାହିଁ ସହମତି ।

ଏହାର ସ୍ପଷ୍ଟ ଝଲକ ଦେଖିବାକୁ ମିଳିଛି ନିକଟରେ । ପାକିସ୍ତାନର ଅସଲ ମୁଖା ଖୋଲିବାକୁ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବିଶ୍ୱବ୍ୟାପି ଯାଇଥିବା ବେଳେ ହୀନ ରାଜନୀତି ଆରମ୍ଭ ହୋଇ ଯାଇଛି ଏଠାରେ । ରାଜନେତାମାନଙ୍କର ତୁ ତୁ ମେଁ ମେଁ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି କରୁଛି । ଭାରତୀୟଙ୍କ ମନୋବଳକୁ ଭାଙ୍ଗି ଦେଉଛି । ମନେ ରଖିବାକୁ ହେବ, ସବୁ ସମସ୍ୟାର ସମାଧାନ ନୁହେଁ ରାଜନୀତି । ବେଳେବେଳେ ସାମାଜିକ ପୁନର୍ଜାଗରଣ ଅନିବାର୍ଯ୍ୟ । ସଚେତନ ରାଷ୍ଟ୍ରଭକ୍ତ ଶାଶ୍ୱତ, ଚିରନ୍ତନ ମୂଲ୍ୟବୋଧ ଓ ଆଦର୍ଶ ପ୍ରତିଷ୍ଠା ପାଇଁ ପ୍ରୟାସ କରେ । ଲୋକଙ୍କ ଭିତରେ ଏଥି ନିମନ୍ତେ ଜାଗରଣ ସୃଷ୍ଟି କରେ । ଭାରତର ସାଂସ୍କୃତିକ ମୂଲ୍ୟବୋଧ ଓ ରାଷ୍ଟ୍ରଭାବ ବିକଶିତ ହୋଇ ଆସିଛି କିଛି ମହନୀୟ ବ୍ୟକ୍ତିବିଶେଷଙ୍କ ବିଚାର ପାଇଁ । ବସ୍ତୁତଃ, କୌଣସି ବି ସମାଜ ବ୍ୟବସ୍ଥା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ; ଏପରିକି ରାଜନୀତି । ବିଶ୍ୱର ପ୍ରତିଟି ସମାଜରେ ରହି ଆସିଛି ଅନ୍ତର୍ବିରୋଧ । ଆଜି ବି ସେକଥା ଦେଖିବାକୁ ମିଳେ । ୟୁରୋପ୍ ସମାଜରେ ଏକଦା ଦେଖିବାକୁ ମିଳିଥିଲା ଘନ ଅନ୍ଧକାର । ଅନ୍ଧବିଶ୍ୱାସ, କୁସଂସ୍କାରରେ ଭରପୂର ଥିଲା ୟୁରୋପୀୟ ସମାଜ । ୧୩ଶ ଶତାବ୍ଦୀରେ ପୁନର୍ଜାଗରଣ ଆରମ୍ଭ କଲେ ସେ ଦେଶର ରାଜନୀତିକ କାର୍ଯ୍ୟକର୍ତ୍ତାମାନେ । ପୁନର୍ଜାଗରଣ ମାଧ୍ୟମରେ ୟୁରୋପୀୟ ସମାଜ ଓ ଦୃଷ୍ଟିକୋଣରେ ଦେଖିବାକୁ ମିଳିଲା ଅଭୂତପୂର୍ବ ପରିବର୍ତ୍ତନ ।

ଭାରତର ମୁକ୍ତି ସଂଗ୍ରାମ ଥିଲା ବିଶ୍ୱ ଇତିହାସରେ ସବୁଠୁ ବଡ଼ ରାଷ୍ଟ୍ରୀୟ ଆନ୍ଦୋଳନ । ଦୀର୍ଘ ସମୟ ଧରି ଚାଲିଥିଲା ଏହି ସଂଗ୍ରାମ । ଶାସନ ପରିବର୍ତ୍ତନ ଏହି ଆନ୍ଦୋଳନର ଲକ୍ଷ୍ୟ ନଥିଲା । ୧୯୪୨ ମସିହାରେ ସଂଘଟିତ ହେଲା ଭାରତ ଛାଡ଼ ଆନ୍ଦୋଳନ । ଉତ୍ପୀଡ଼ିତ ହେଲେ ଲକ୍ଷାଧିକ ସାଧାରଣ ଜନତା । ତାଡ଼ନାର ଶିକାର ହେଲେ ଲେଖକ, ବୁଦ୍ଧିଜୀବୀ, ସାମାଜିକ କାର୍ଯ୍ୟକର୍ତ୍ତା । କ୍ଷମତା ହାସଲ ଆନ୍ଦୋଳନର ଉଦ୍ଦେଶ୍ୟ ନଥିଲା । ମାତ୍ର ଆନ୍ଦୋଳନ ସ୍ୱାଭିମାନ, ସ୍ୱଦେଶୀ ଓ ସ୍ୱରାଷ୍ଟ୍ର ଭାବରେ ଜଡ଼ିତ ଥିଲା । ମହାତ୍ମା ଗାନ୍ଧୀ କହିଥିଲେ, ଆମେ ଆନ୍ଦୋଳନ କରୁନାହୁଁ କେବଳ ଇଂରେଜ ଶାସନକୁ ହଟାଇବା ପାଇଁ । ଆମେ ଇଂରେଜ ସାମଗ୍ରୀକୁ ଆଧାର କରି ଦେଶ ଚଳାଇ ପାରିବୁ ନାହିଁ । ଏହାଠାରୁ ତ ଇଂରେଜ ଶାସନ ଶ୍ରେୟସ୍କର ! ରାଜନୀତିକ କ୍ଷମତାର ଶକ୍ତି ତ ବଡ଼ ହୋଇପାରେ । ମାତ୍ର କ୍ଷମତା ଜରିଆରେ ସାମାଜିକ ପରିବର୍ତ୍ତନ ଏତେଟା ସହଜ ନୁହେଁ । ରାଜନୀତିର ଗୋଟିଏ ନିର୍ଦ୍ଦିଷ୍ଟ ସୀମା ରହିଛି । ଜନଶକ୍ତି ଅସୀମ, ଅପାର । ଗାନ୍ଧିଜୀ କହିଥିଲେ, କ୍ଷମତା ପରିବର୍ତ୍ତନ ଆମର ଲକ୍ଷ୍ୟ ନୁହେଁ । ଆମେ ଚାହୁଁ, ରାଷ୍ଟ୍ର ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତ୍ତନ । ସମ୍ବିଧାନ ପ୍ରଣେତା ଆମ୍ବେଦକର ଚାହିଁଥିଲେ କ୍ଷମତା ସହ ସମସ୍ତ ଗଣତାନ୍ତ୍ରିକ ଉପାୟ ମାଧ୍ୟମରେ ସାମାଜିକ ପରିବର୍ତ୍ତନ । ଡକ୍ଟର ରାମ ମନୋହର ଲୋହିଆ କହିଥିଲେ, ସେହି ଲୋକମାନେ ମୂର୍ଖ ଅଟନ୍ତି, ଯେଉଁମାନେ ଇଂରେଜୀମାନଙ୍କର ବଚସ୍କର ଅଟନ୍ତି ଏବଂ ଜାତି ଆଧାରିତ ବିଷୟ ଉପରେ ଯୁକ୍ତି କରନ୍ତି । ଏହିପରି କାର୍ଯ୍ୟ ସର୍ବଦା ଜନତା ହିଁ କରିଥାନ୍ତି । ଦୀନଦୟାଲ ଉପାଧ୍ୟାୟଙ୍କ ଭାଷାରେ ଦୁଇ ପ୍ରକାରର ଦଳ ଦେଖା ଯାଆନ୍ତି, ଦଳେ ପରିବର୍ତ୍ତନର ପକ୍ଷଧର । ଅନ୍ୟ ଦଳ ଯଥାସ୍ଥିତି ରକ୍ଷାର ପକ୍ଷଧର ।

ଜନମତର ଶୁଦ୍ଧତାରେ ହିଁ ରାଷ୍ଟ୍ର ଜୀବନର ଲକ୍ଷ୍ୟ ସମ୍ଭବ ହୋଇପାରେ । ମୁକ୍ତି ସଂଗ୍ରାମର ଲକ୍ଷ୍ୟ ଥିଲା ବ୍ୟାପକ । ଏହା ଦ୍ୱାରା ଏକ ନୂତନ ରାଜନୀତିକ ସଂସ୍କୃତିର ଅଭ୍ୟୁଦୟ ଘଟିଥିଲା । ତ୍ୟାଗ, ତିତିକ୍ଷା, ସ୍ୱଦେଶୀ ଆଧାରିତ ଏହି ଆନ୍ଦୋଳନ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ସ୍ୱାଧୀନତା ପରେ ସମସ୍ତ ସଂକୀର୍ଣ୍ଣତା ବିରୁଦ୍ଧରେ ସଂଗ୍ରାମ ଚଳାଇବାର ଆବଶ୍ୟକତା ଥିଲା । ସ୍ୱାଧୀନତା ସଂଗ୍ରାମର ପ୍ରତିଷ୍ଠା ବିଷୟରେ ଉଲ୍ଲେଖ ରହିଛି ଭାରତୀୟ ସମ୍ବିଧାନରେ




ଧାରା ୫୧(କ)ରେ । ଏହା ଅବଶ୍ୟ ପଠନୀୟ । ଏଥିରେ ଉଲ୍ଲେଖ ରହିଛି- ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ, ଏହାର ପ୍ରତିଟି ବାକ୍ୟକୁ ଅକ୍ଷରେ ଅକ୍ଷରେ ପାଳନ, ରାଷ୍ଟ୍ରଧ୍ୱଜ ଏବଂ ରାଷ୍ଟ୍ରଗାନକୁ ଆଦର ଇତ୍ୟାଦି । ରାଷ୍ଟ୍ରୀୟ ଅଖଣ୍ଡତା, ସ୍ୱାଭିମାନ, ଏକତା, ଭେଦଭାବ ରହିତ ଭାଇଚାରା ଏବଂ ସମରସତା ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ କର୍ତ୍ତବ୍ୟ । ଦେଶର ଆବଶ୍ୟକତା ଅନୁସାରେ ଆଇନ ପ୍ରଣୟନ କରିବା ସଂସଦର କାମ । ମାତ୍ର ନୂତନ ଆଇନକୁ ପାଳନ କରିବା ସମାଜର କାମ । ସାମାଜିକ ଜାଗରଣ ଦ୍ୱାରା ହିଁ ନୂତନ ଆଇନ ପ୍ରଚଳନ ସୁବିଧାଜନକ ହୋଇଥାଏ । ସମାଜ ଯଦି ଜାଗ୍ରତ ନ ହୁଏ, ତେବେ ସେହି ଆଇନ ନିରର୍ଥକ ସାବ୍ୟସ୍ତ ହୁଏ । ସୁତରାଂ, ଜନ ଜାଗରଣ, ଜନ ଭାଗୀଦାରୀ ସମୟର ଆହ୍ୱାନ ଅଟେ ।

ସାମାଜିକ ଜାଗରଣ ଦ୍ୱାରା ହିଁ ଗଣତନ୍ତ୍ର କିମ୍ବା ଦଳତନ୍ତ୍ରକୁ ସଂଯମ ଓ ଅନୁଶାସନରେ ରଖିବା ସମ୍ଭବ ହୁଏ । ମନେଥିବ ଜରୁରୀକାଳୀନ ପରିସ୍ଥିତି ସମୟର କଥା । ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଭୂଲୁଣ୍ଠିତ ହୋଇଥିଲା । ନିଜର ବିଚାର ସପକ୍ଷରେ ସମର୍ଥନ ଜୁଟାଇବା ଗଣତାନ୍ତ୍ରିକ ଅଧିକାର ଅଟେ । କିନ୍ତୁ ଭୋଟ୍ ପାଇଁ ଯେ କୌଣସି ସ୍ତରକୁ ଯିବା ଚିନ୍ତାଜନକ ବିଷୟ । ରାଷ୍ଟ୍ର ଜୀବନର ଆଦର୍ଶ ଏବଂ ବ୍ୟକ୍ତି ସ୍ୱାର୍ଥ ଭିତରେ ସଂଘର୍ଷ ସ୍ୱାଭାବିକ ଅଟେ । ସଚେତନ ରାଷ୍ଟ୍ରଭକ୍ତ ଇତିହାସରୁ ଶିକ୍ଷାଲାଭ କରେ । ରାଷ୍ଟ୍ର ହିତରେ ସମାଜକୁ ଜାଗ୍ରତ କରେ । ଯେଉଁ ସମାଜ ଏହା କରେ ନାହିଁ, ତାହା ନିର୍ଜୀବ ଅଟେ । ଆଉ ଯେଉଁ ସମାଜ କରେ, ସେ ଇତିହାସରେ ମାର୍ଗଦର୍ଶନକାରୀ ଭାବରେ ଜଣାଯାଏ । ରାଷ୍ଟ୍ର ଜୀବନରେ ଅନେକ ସମସ୍ୟା ସମାଧାନ ହୁଏ ଜନଅଭିଯାନ ମାଧ୍ୟମରେ । ଦଳତନ୍ତ୍ର ଦ୍ୱାରା ଏପରି ସମସ୍ୟାର ସମାଧାନ ଆଶା କରାଯାଏ ନାହିଁ । ସବୁ ଦଳ ମିଶି ଜାତିବାଦ, ସଂପ୍ରଦାୟବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଆବଶ୍ୟକତା ରହିଛି । ଦୁଃଖର ବିଷୟ, ଆମ ଦେଶରେ ଏପରି ଦେଖାଯାଏ ନାହିଁ । ଯେଉଁ ସମସ୍ୟାର ସମାଧାନ ରାଜନୀତି କରି ପାରିବ ନାହିଁ, ତାକୁ ସମାଧାନ କରିବ ସଚେତନ ଓ ଏକଜୁଟ୍ ଜନ ସମାଜ ।

ରାଜନୀତିକ ଦଳମାନଙ୍କର ଦାୟିତ୍ୱ ହେଉଛି ଜନ ସମାଜକୁ ଜାଗ୍ରତ କରିବା । ରାଜନେତାମାନେ ଚାହିଁଲେ ସମାଜରେ ଏକ ବ୍ୟାପକ ପରିବର୍ତ୍ତନ ଆଣି ପାରିବେ । ମାତ୍ର ଆଜିର ରାଜନୀତିରେ ସେପରି ସାମାଜିକ ଜାଗରଣ ଆଣିବାର କୌଣସି ଆଖିଦୃଶିଆ ପ୍ରୟାସ ନାହିଁ । ରାଜନୀତିକ ଆଦର୍ଶ, ମୂଲ୍ୟବୋଧର ଦିନକୁ ଦିନ ଅବମୂଲ୍ୟାୟନ ହେଉଛି । ଲୋକହିତ ବଦଳରେ ଦଳହିତ ଏବଂ ନିଜ ସ୍ୱାର୍ଥ ସର୍ବୋପରି ହୋଇଛି । କେବଳ ଭୋଟ୍ ବ୍ୟାଙ୍କ ରାଜନୀତିରେ ସାମାଜିକ ପରିବର୍ତ୍ତନ ଅସମ୍ଭବ । ସାମାଜିକ ଜାଗରଣ ଏକ ସ୍ୱାଭାବିକ କାର୍ଯ୍ୟ । ଏହାକୁ ରାଜନୀତିକ ଦଳମାନେ ନିର୍ବାହ କରିବା ଉଚିତ୍ । ଯଦି ଜନ ଜାଗରଣ ଦୁର୍ବଳ ହୋଇଯିବ, ତେବେ ସମାଜର ଦୁର୍ଗତି ଅବଶ୍ୟମ୍ଭାବୀ । ❒

**ଚୌଦ୍ୱାର, ମୋ: ୮୨୪୯୪୩୨୦୦୭**

# ବଦଳି ଯାଉଥିବା ସମ୍ପର୍କର ମୁହଁ

ଦୁନିଆଟା ଭିତରେ ଜଣେ ଏମିତି ଲୋକ ନାହିଁ ଯିଏ କହିବ ସେ ସମ୍ପୂର୍ଣ୍ଣ ଭଲରେ ଅଛି । ମଣିଷ ଅରଣ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ଭଲରେ ଥିବା ମଣିଷଟିଏ ମିଳିବେ ନାହିଁ । ଆମେ ଯଦି କାହାକୁ ପଚାରିବା, କେମିତି ଅଛ, ସେ ଉତ୍ତର ଦେବ- ସେମିତି ଅଛି, ଯେମିତି ଦେଖୁଛ । ବିଜ୍ଞାନର ନଭଶ୍ଚୁମ୍ବୀ ଯାତ୍ରାର ତାଳେ ତାଳେ ଭୋଗସର୍ବସ୍ୱ ମଣିଷ ସବୁକିଛି ହାତପାଆନ୍ତାରେ ପାଇଗଲେ ବି ସୁଖୀ ନୁହେଁ କାହିଁକି ? ଆଶାର ଯେମିତି ଶେଷ ନାହିଁ; ଠିକ୍ ସେମିତି ମଣିଷର ଶୋଷର ଶେଷ ନାହିଁ । ଲୋଭର ଶେଷ ନାହିଁ । କୁଆଡ଼େ ହଜିଗଲା ସେ ମୂଲ୍ୟବୋଧର ମହିମାମୟ ପୃଥିବୀଟା ! କିଏ ଆଉ ରାମ କି କୃଷ୍ଣ ଆସି ଖୋଜିଦେବେ, ସଜାଡ଼ି ଦେବେ ସେଇ ପୃଥିବୀକୁ ! ଭଗବତ୍ ଗୀତା କହେ- 'ସନ୍ତୁଷ୍ଟଃ ଶତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।' ଅର୍ଥାତ୍ ସେ ହିଁ ପ୍ରକୃତ ଭକ୍ତ, ଯିଏ ସବୁ କଥାରେ ସନ୍ତୁଷ୍ଟ ଏବଂ ନିଜର ସଂକଳ୍ପରେ ଅଟଳ ଥାଏ ।

ମୋ ବୋଉ କି ଶାଶୂ ବେଶୀ ପାଠ ପଢ଼ି ନଥିଲେ । କିନ୍ତୁ ମୋର ଏଇ କ୍ଷୁଦ୍ର ଜୀବନ କାଳ ମଧ୍ୟରେ ଭେଟିଥିବା



**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

ମଣିଷମାନଙ୍କ ମଧ୍ୟରୁ ସେମାନେ ଭଲ ମଣିଷ ଥିଲେ ବୋଲି ମନେହୁଏ । ଖାଲି ମୋ ବୋଉ ବା ଶାଶୂ ନୁହନ୍ତି, ସେତେବେଳେ ସବୁ ବୋଉ ଓ ମାଆମାନେ ସେହିପରି ଥିଲେ- ସରଳ, ଅନାବିଳ, ଅଳ୍ପରେ ସନ୍ତୁଷ୍ଟ । ସେମାନେ ଖୁବ୍ ବିତ୍ତଶାଳୀ କି ପାରଙ୍ଗମ ନଥିଲେ, ଖୁବ୍ ସୁନ୍ଦର କି ଖୁବ୍ ଗୁଣର ନଥିଲେ; କୌଣସି ଅଭିଯୋଗ ନଥିବା ମଣିଷ ଥିଲେ ସେମାନେ । ଯାହା ମିଳୁଛି, ଭଗବାନଙ୍କର ଦାନ ଏବଂ ଯାହା ମିଳୁନି ଭାଗ୍ୟରେ ନାହିଁ । କେତେ ସରଳ କଥାଟିଏ ସତରେ ! ସାରା ଦିନ ଗୋରୁ ଗାଈ ପରି ଖଟି ଖଟି ନିଜ ଘର ପାଇଁ, ପିଲାଙ୍କ ପାଇଁ ଅଣ୍ଟା ପିଠି ପଡ଼ିଯାଏ, ଆଖି ନିଷ୍ପ୍ରଭ ହୋଇଯାଏ, କାନକୁ ଶୁଭେନି । ତଥାପି ଧୈର୍ଯ୍ୟ, ସହନଶୀଳତା ନଷ୍ଟ ହୋଇଯାଏ ନାହିଁ । ଯୁଗ ବଦଳିଛି, ବଦଳିଛି ମଣିଷର ଆବଶ୍ୟକତା, ବଦଳିଛି ମାନସିକତା ।

ତେବେ ସେଇ ଯୁଗ ଅବଧିଟି କ'ଣ, ଯାହା ଭିତରେ ସେମାନେ ବଞ୍ଚୁଥିଲେ; ଯେଉଁମାନଙ୍କ ଯୋଗୁଁ ମାନବତା ଉପରେ ଆସ୍ଥା ରହି ପାରିଛି ଏ ଯାବତ୍ ? ସେଇ କ୍ଷଣଗୁଡ଼ିକ କ'ଣ ? ମଣିଷ ଭିତରେ ଥିବା ମାନବୀୟ ମୂଲ୍ୟବୋଧ ହିଁ ଏହାର ମାପକ ଓ ମାନଦଣ୍ଡ । ଛଳନାହୀନ ମଣିଷମାନଙ୍କର ଚଳଣି ଓ ସତ୍ୟନିଷ୍ଠ ଚରିତ୍ର, ସତ୍ୟ ଆଚରଣ ଓ ଉଚ୍ଚାରଣ, ଅହଂକାରହୀନ କର୍ତ୍ତବ୍ୟ ନିଷ୍ଠା, ଦୟାବନ୍ତ ଗୁଣ, କ୍ଷମା ଧାରଣ, ସହନଶୀଳତା, ସରଳ ଜୀବନଧାରଣ- ସବୁ ମିଶି ସେ ସମୟକୁ ଅବିସ୍ମରଣୀୟ କରିଥିଲା ।

ସବୁ ମୂଲ୍ୟବୋଧ କ'ଣ ଗୋଟିଏ ପିଢ଼ି ପରେ ଲୋପ ପାଇଗଲା ? ସବୁ ଆଗରୁ ଭଲ ଥିଲା; ଏବେ ସବୁ ଖରାପ ହୋଇଗଲା ? ନା, ଏବେ ବି ଏସବୁ ବଞ୍ଚିଛି- ଏଠି, ସେଠି, ସବୁଠି । ଏବେ ବି ମମତାରେ ଛଳଛଳ ମନଟିଏ, ପରକୁ ଆପଣାର କରି ପାରୁଥିବା ହୃଦୟଟିଏ, ସମ୍ବେଦନଶୀଳତାରେ ଓଦା ହୋଇ ଯାଉଥିବା ଆଖି ଦୁଇଟି, ମୂଲ୍ୟବୋଧରେ ଓଦା ହୋଇ ଯାଉଥିବା ଆତ୍ମାଟିଏ ଅଛି ।

ଗାଁରେ ଆମେ ଜନ୍ମଦିନରେ ନୂଆ ଡ୍ରେସ ପିନ୍ଧି ମୁଣ୍ଡିଆ ମାରୁଥିଲୁ ସବୁ ଗୁରୁଜନଙ୍କୁ, ସାଇ ପଡ଼ିଶାର ଗୁରୁଜନଙ୍କୁ, କାମବାଲୀ ମା'କୁ, ଚୁଡ଼ାବାଲୀ, ମୁଢ଼ିବାଲୀ, ଛେନାବାଲୀ, ପରିବାବାଲୀ ମା'କୁ । ବୋଉ କହେ, ସେମାନେ ଆଶୀର୍ବାଦ କରିବେ । ମୋର ମନେଅଛି, ଛେନାବାଲୀ ମା'ର ଗୋଡ଼ ଫଟା ଫଟା ହୋଇ ଫାଟିଯାଇ ଅସନା ଦିଶୁଥାଏ । ହାତ ଶିରାଳ ହୋଇଥାଏ, କିନ୍ତୁ ମୁଣ୍ଡ ଆଉଁସି ଆଶୀର୍ବାଦ ଦେଲାବେଳେ ତା ଚମ ଧୁଡୁଧୁଡୁ ଆଖିରୁ ସ୍ନେହ ଝରିଆସେ, ଓଦା କରିଦିଏ ଜନ୍ମଦିନକୁ । ବହୁ ବର୍ଷ ଧରି ସେ ଆସେ; ସମସ୍ତେ ସେମାନେ ଆସନ୍ତି । ଆଜିକାଲି ପିଲାମାନେ ସେପରି କାହାର ସ୍ନେହ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଇ ସହରରେ ସେସବୁ ଦୁର୍ଲଭ । ସେମାନେ ପ୍ରଭେଦ କରନ୍ତି ଛୋଟ-ବଡ଼ ଭିତରେ; ଗରିବ-ଧନୀ ଭିତରେ । ଗାଁରେ ବାହାରକୁ ଗୋଡ଼ କାଢ଼ିଲେ ଗାଁଯାକର ଦାଦା, ବଡ଼ବାପା, ଭାଇ, ଖୁଡ଼ୀ, ବଡ଼ବୋଉ- ସମସ୍ତେ ନଜର ରଖନ୍ତି ଝିଅଟା କୁଆଡ଼େ ଯାଉଛି । ସତେ ଯେମିତି ଆମେ ସେ ସମସ୍ତଙ୍କ ଘରର ଝିଅ । ଆମର ହାନିଲାଭ ତାଙ୍କର । ପୋଷାକର ସଞ୍ଜମତା, କଥାବାର୍ତ୍ତାର ସଞ୍ଜମତା, ଘର ଓ ଗାଁର ସମ୍ମାନ ରକ୍ଷା ସତେ ଯେମିତି ସମସ୍ତଙ୍କର ଦାୟିତ୍ୱ । ବାହା ହେବା ବେଳକୁ ସତେ ଯେମିତି ସମସ୍ତଙ୍କ ଆଶୀର୍ବାଦ କାନି ପଣତରେ ବାନ୍ଧି ନେଇ ଆସିଥିଲୁ ଶାଶୂଘରକୁ । ଏରୁଣ୍ଡି ଡେଇଁ ଗାଡ଼ିରେ ବସିଲା ବେଳେ ଗାଁସାରା କି ପୁରୁଷ କି ସ୍ତ୍ରୀ, ବୁଢ଼ା, ଟୋକା, ଛୁଆ; ସଭିଏଁ ଲୋଟିପଡ଼ି କାନ୍ଦୁଥିଲେ । ସତେ ଯେମିତି ମୁଁ ସମସ୍ତଙ୍କର ଝିଅ, ସବୁ ଘରର ଦାୟିତ୍ୱ ! ସେ ସବୁ ଆଶୀର୍ବାଦ, ଆପଣାପଣ ଜୀବନକୁ କେତେ ଭାବରେ ପୁଷ୍ଟ କରିଛି କି ନାହିଁ ଜାଣେନି, କିନ୍ତୁ ଆମ ପିଲାଙ୍କ ଭାଗ୍ୟରେ ସେ ଆପଣାପଣ ସହରରେ ମିଳିଲାନି । ଅତି ନିଜର ସମସ୍ତେ ଧୀରେ ଧୀରେ ଅପସରି ଯାଉଥିଲେ- ପାଖରୁ, ମନରୁ । କିଆବୁଦା ଉହାଡ଼ର ନେଉଳ ଛୁଆ, ହିଡ଼ବାଡ଼ର କଣ୍ଟେଇ କୋଳି, ଗାଁ ପୋଖରୀର କଇଁଫୁଲ, ବର୍ଷା, ବସନ୍ତ ଓ ବୈଶାଖର ସାଙ୍ଗସାଥୀ, ରଜଦୋଳି ଗୀତ, କୁରୁପା ବଡ଼ବାର ତେଲପିଠା ଜିଲାପି, ମଧୁଦାଦାର ପତୁଳି ଗୀତ, ରାମ ବଡ଼ବାର ନଦିଆ କୀର୍ତ୍ତନ, ଅଷ୍ଟମ ପ୍ରହରୀ, ବିଧବା ସକିଆମା'ର ଗୋପୀନାଥଙ୍କ ପାଇଁ ଫୁଲଗୁନ୍ଥା, ତାସ୍ ଓ ଲୁଡୁ ଖେଳ, ଗଛ ଚଢ଼ା, ପୋଖରୀରେ ପହଁରା- ସବୁ ଯେମିତି ଆମମାନଙ୍କ ପିଲାଦିନକୁ ବହୁବର୍ଣ୍ଣୀ ଓ ପୁଷ୍ଟ କରିଥିଲା- ଠିକ୍ ସେମିତି ଅପସରି ଗଲା ଯେ ଗଲା ଜୀବନରୁ, ସବୁ ସମୟରୁ; ଆଉ କେବେ ବି ଖୋଜିଲେ ମିଳିଲାନି । ସେସବୁ ସହିତ ସମ୍ପର୍କ ସେଇଠି ଶେଷ ହୋଇଗଲା ।

ଘରର ସଂସ୍କାର, ଘରର ପରିଚୟ, ଅମୁକର ପୁଅ, ଅମୁକର ଝିଅ, ଅମୁକର ନାତି ଇତ୍ୟାଦି ହଜି ଗଲାଣି । ପରିବାରର ମାନସମ୍ମାନ ପ୍ରତି ପିଲାଙ୍କର ଆଉ ଖାତିର ନାହିଁ । ପରିବାରରୁ ସହର, ସହରରୁ ଦେଶ ବିଦେଶ- ଭାଙ୍ଗି ଗଲାଣି ଆମ ଘର, ଆମ ପରିବାର; ଲିଭି ଗଲାଣି ଆମ ବାପାଅଜାଙ୍କ ନାମ, ନୀତି, ପରମ୍ପରା । ଘର ଛାଡ଼ି ପିଲାଏ ବାହାରକୁ ଗଲେ, ରୋଜଗାର ବଢ଼ିଲା, ଜୀବନଶୈଳୀ ଉନ୍ନତ ହେଲା- ଶେଷ ହୋଇଗଲା ସ୍ନେହ, ପ୍ରେମ, ଭଲ ପାଇବାର ବନ୍ଧନ ।

'ଆମେ ଦୁଇ, ଆମର ଦୁଇ' ଧୀରେ ଧୀରେ ଏକ ଏବଂ ଏବେ ଆଉ ପିଲା ବି ନାହିଁ ଅଧିକାଂଶ




ପରିବାରରେ । 'ଲିଭ୍ ଇନ୍' ସମ୍ପର୍କରେ ଜୀବନକୁ ଉପଭୋଗ କରି ସାରିଲେ; ଆଉ ପରିବାରର ଝାମେଲା ମୁଣ୍ଡେଇବାକୁ କାହାରି ବେଳ ନାହିଁ । ପଇସା ରୋଜଗାର ଏକମାତ୍ର ଲକ୍ଷ୍ୟ । ସେଠି ବାପା ମା', ଭାଇ ଭଉଣୀ- ସବୁ ସମ୍ପର୍କ ଗୌଣ । କୋଉଠି ବୁଢ଼ାବୁଢ଼ୀ ଘରେ ପଡ଼ିଛନ୍ତି ତ କୋଉଠି ପୁଅବୋହୂଙ୍କର ଚାକର ଚାକରାଣୀ ପରି ରହିଛନ୍ତି । ଆଉ ସହରରେ ବୃଦ୍ଧାଶ୍ରମ ତ ଅଛି ! ସହରରେ ଆପାର୍ଟମେଣ୍ଟରେ କୋଉଠି ବୁଢ଼ାବୁଢ଼ୀ ଦୁହେଁ ତ ଜଣେ ଚାଲିଗଲେ ଏକାକୀ ଆଉ ଜଣେ । ଦୁଃଖର ସୀମା ନାହିଁ ।

ଆମ ପିଲା ଯେ ଚାକିରି କରିବେନି, ପଇସା ରୋଜକାର କରିବେନି- ସେକଥା କେହି କହୁନାହୁଁ । ଆମ ପିଲାଙ୍କୁ ଚାକିରି କରେଇବାକୁ ତ ଆମେ ପାଠ ପଢ଼ାଉଛୁ । ସେମାନେ ଆଉ ବିଲକୁ ଓହ୍ଲାଇବେନି, ପାଣି କାଦୁଅରେ ଚବର ଚବର ହେବେନି । ତେବେ ସେ ଚାଷକାମ କରିବ କିଏ ? ଆଉ ବାପା ମା'ଙ୍କ କର୍ତ୍ତବ୍ୟ ସେମାନେ କରୁଛନ୍ତି, ପିଲାମାନଙ୍କର ବାପା ମା'ଙ୍କ ପ୍ରତି କ'ଣ କିଛି କର୍ତ୍ତବ୍ୟ ନାହିଁ ? ସେଇ କଥାଟା ଆଜିକାଲି ପିଲାଙ୍କୁ ଆଦୌ ପ୍ରଭାବିତ କଲା ପରି ଲାଗୁନି । ମୂଲ୍ୟବୋଧ ହଜି ଯାଉଛି । ମଣିଷପଣିଆ ହଜି ଯାଉଛି । ବିଶିଷ୍ଟ ଚିନ୍ତାନାୟକ ଆରିଷ୍ଟୋଟଲ୍ ଗୋଟିଏ ଲଣ୍ଠନ ଧରି ସ୍ୱଚ୍ଛ ଦିବାଲୋକରେ ଯାଉଥିଲେ । ପଥଚାରୀମାନେ ବିସ୍ମୟରେ ଭାବିଲେ ଏ ମହାଶୟ ଜଣେ ପାଗଳ ବୋଧହୁଏ । ସେମାନେ ତାଙ୍କୁ ପଚାରିଲେ, ମହାଶୟ ! ଲଣ୍ଠନ ଧରି ଆପଣ କ'ଣ ଖୋଜୁଛନ୍ତି ? ହୃଦୟଥରା ଦୀର୍ଘଶ୍ୱାସଟିଏ ନେଇ ସେ କହିଲେ, 'ମୁଁ ମଣିଷ ଖୋଜୁଛି, ମଣିଷ, ମଣିଷ, ମଣିଷ ।'

'ଲୋକ ରକ୍ତ ମାଂସରେ ଗଢ଼ା, ମଣିଷ ଅମୃତରେ ଗଢ଼ା ।' ସମସ୍ତେ ଚାହାନ୍ତି ପରିବର୍ତ୍ତନ ଆସୁ, ରୂପାନ୍ତରଣ ସ୍ୱାଭାବିକ ଭାବରେ ଆସୁ । ସବୁ ଖରାପ ଆମ ନିଜ ଭିତରେ ଅଛି ପଛେ ଆମେ ଅନ୍ୟର ପରିବର୍ତ୍ତନ ଚାହୁଁ, ନିଜର ନୁହେଁ । ଅନ୍ୟକୁ ଗୋଟିଏ ଅଙ୍ଗୁଳି ଦେଖାଇଲେ ଆଉ ୪ଟି ଅଙ୍ଗୁଳି ନିଜ ଆଡ଼କୁ ଥାଏ- ଏକଥା ମୂର୍ଖ ମଣିଷ ବୁଝିପାରେ ନାହିଁ । ଅନ୍ୟକୁ କିଛି କହିବା ପୂର୍ବରୁ ନିଜ ଭିତରକୁ ଝାଙ୍କି ଦେଖିବାକୁ ହେବ । ନିଜର ଗର୍ବ ଅହଂକାରକୁ ଜାବୁଡ଼ି ଧରି ଅନ୍ୟକୁ ନ୍ୟୂନ ଦୃଷ୍ଟିରେ ଦେଖିବା ଠିକ୍ ନୁହେଁ । ଏବେ ଏପରି ସଂସ୍କୃତିସମ୍ପନ୍ନ ପରମ୍ପରା ଭିତରେ ବନ୍ଧୁ ବୋଲାଇ ବିଶ୍ୱାସ ଘାତକତା କରୁଥିବା ମଣିଷମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ପରସ୍ପର ବିରୋଧୀ ଚିନ୍ତାଧାରା, ସମ୍ପର୍କରେ ଫାଟ, ପରଶ୍ରୀକାତରତା, ନେତାମାନଙ୍କ ଫମ୍ପା ବିବୃତି, ଭ୍ରୁଣହତ୍ୟା, ନିର୍ଯାତନା, ଦୁର୍ଘଟଣା, ଆତ୍ମହତ୍ୟାପ୍ରବଣତା ଆଦି ମାନବାତ୍ମାରେ ଚମକ ସୃଷ୍ଟି କରୁଛି । ଏବେ ସହନଶୀଳତାର ଅଭାବରେ କ୍ଷତବିକ୍ଷତ ମାନବିକତା । ଭାବବୋଧର ଅଭାବରେ, ଅହଂକାରର ପ୍ରଭାବରେ ଧୂଳିସାତ୍ ମାନବିକତା । ସାଧାରଣ ମଣିଷର ଆତ୍ମା ଗୁଳିବିଦ୍ଧ । ଭାରତ ଭଳି ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟର ଲୁଣ୍ଠନକାରୀମାନେ ସେହି ଦେଶର ହିଁ ନାଗରିକ । ଏହାଠାରୁ ଲଜ୍ଜାକର ବିଷୟ କ'ଣ ଥାଇପାରେ ? ଇଂରେଜମାନଙ୍କୁ ସିନା ଦେଶରୁ ତଡ଼ିଦେଲେ, ଏମାନଙ୍କୁ କୁଆଡ଼େ ପଠାଯିବ ?

ଆମେ ସମସ୍ତେ ମିଶି ମାନବିକତାର ଉତ୍ତରଣ ନିମନ୍ତେ ଆଉ ଥରେ ଚେତନାଦୀପ୍ତ ବ୍ୟବସ୍ଥାରେ ଗୋଟିଏ ଆଲୋକିତ, ପ୍ରଜ୍ଞାଦୀପ୍ତ ସମ୍ପର୍କର ସ୍ୱପ୍ନରେ ବିଭୋର ହେବା, ସଜାଡ଼ି ଦେବା ଆମ ପରିବାର, ରାଜ୍ୟ, ଦେଶ । ଏ ବିଶ୍ୱାସ ଆମ ଭିତରେ ଆସୁ । ଏ ଉତ୍ତରଣ ବ୍ୟକ୍ତିଠାରୁ ହିଁ ଆରମ୍ଭ ହେଉ, କାରଣ ବ୍ୟକ୍ତିଠାରୁ ହିଁ ପରିବାର ଓ ସମାଜ । ସମ୍ପର୍କର ପରିଭାଷା ବଦଳୁ; ସମ୍ପର୍କ ସବୁ ଦୀର୍ଘଜୀବୀ ହେଉ- ଏହା ହିଁ ପ୍ରାର୍ଥନା । ❒

**ପୋଖରାନ୍ ଭିଲେଜ, ଚନ୍ଦ୍ରଶେଖରପୁର**
**ଭୁବନେଶ୍ୱର, ମୋ: ୮୮୯୫୨୭୪୭୯୪**

## ପ୍ରଗତି ପରିକ୍ରମା

ଗତ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶାସନର ୧୧ ବର୍ଷ ପୂରଣ କରି ସାରିଥିବା ବେଳେ ପ୍ରଶ୍ନଟିଏ ସ୍ୱାଭାବିକ ଭାବରେ ଜାଗ୍ରତ ହୋଇଥାଏ ଯେ ୨୦୧୪ରେ ସାଧାରଣ ଭାରତୀୟଟିଏ ଯେଉଁଭଳି ଜୀବନ ବିତାଉ ଥିଲା, ତା'ଠାରୁ ବର୍ତ୍ତମାନ ଭଲରେ ଅଛି କି ! ବିଚାରକମାନେ ଏଇ ପ୍ରଶ୍ନର ଉତ୍ତରକୁ ନେଇ ମନରେ କିଛି ସମୟ ଚିନ୍ତା କରିବା ସମୟରେ ଯେଉଁ କଥାଟି ନିର୍ବିବାଦୀୟ, ତାହା ହେଉଛି, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ସ୍ଥିତିକୁ ସୁଦୃଢ଼ କରି ରାଜନୀତିକ ଦୃଶ୍ୟପଟରେ ନିଜର ଶାସନ କାର୍ଯ୍ୟ ଚଳାଇ ନେବାରେ ସକ୍ଷମ ହୋଇ ପାରିଛି- ବିଶେଷକରି ଗତ ବର୍ଷଠାରୁ, ଯେହେତୁ ୨୦୨୪ ସାଧାରଣ ନିର୍ବାଚନରେ ଲୋକମାନେ ଏକ ପ୍ରକାରର ମିଶ୍ରିତ ଭୋଟ୍ ଦାନ କରିଥିଲେ- ଯାହା ୧୧ ବର୍ଷ ପୂର୍ବେ ଏକ ନାଟକୀୟ ପରିବର୍ତ୍ତନକୁ ପରିଲକ୍ଷିତ କରିଥିଲା । ଏଥିରେ ପ୍ରଶ୍ନ ଉଠିବାର ଆଦୌ ଅବସର ନାହିଁ ଯେ ୨୦୧୪ରେ ଯେଉଁ ଭାରତ ବିଶ୍ୱର ଦଶମ ବୃହତ୍ତମ ଅର୍ଥନୀତି ଭାବରେ ପରିଗଣିତ ହେଉଥିଲା, ସେହି କ୍ଷେତ୍ରରେ ବର୍ତ୍ତମାନ ଏକ ଲମ୍ଫ ପ୍ରଦାନ ଦେଖା ଯାଇଛି ଏବଂ ଏହା ବର୍ତ୍ତମାନ ଜାପାନ ଏବଂ ଜର୍ମାନୀର ଅର୍ଥନୀତିକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବରେ ଉଭା ହେବା ସ୍ଥିତିରେ ରହିଛି । ଏହି ଅଭିବୃଦ୍ଧିର ଅଧିକାଂଶ ଭାଗ ହୁଏତ ଜୈବିକ ହୋଇପାରେ, କାରଣ ଦେଶର ସମ୍ପ୍ରସାରିତ ଜନସଂଖ୍ୟା ସହିତ ଏହା ବୃଦ୍ଧି ପାଇଥାଇପାରେ, ଯାହା ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ର ଚୀନ୍‌କୁ ଅତିକ୍ରମ କରି ଏବେ ଏଇ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି, ତେବେ କେବଳ ଜନସଂଖ୍ୟାର ବୃଦ୍ଧି ସହିତ ଯେ ଅର୍ଥନୀତି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି, ସେପରି ନୁହେଁ; ଏଥିପାଇଁ ମୋଦୀ ସରକାରଙ୍କୁ ଅନେକ କିଛି କାର୍ଯ୍ୟର ସୁପରିଚାଳନା କରିବାକୁ ପଡ଼ିଛି ।

ଏହି ସରକାରଙ୍କ ଅମଳରେ ବିମୁଦ୍ରାକରଣକୁ ଯଦିଓ ଅର୍ଥନୀତିକୁ ପ୍ରଭାବିତ କରିବା ଭଳି ଏକ ସର୍ବାଧିକ ଭ୍ରମାତ୍ମକ-ବିଚାରସମ୍ପନ୍ନ ନିଷ୍ପତ୍ତି ଭାବରେ ଗ୍ରହଣ କରାଯାଇପାରେ ଏବଂ ଏହା ପରବର୍ତ୍ତୀ ସମୟରେ ଦେଶର ଅର୍ଥନୀତି କୋଭିଡ୍-୧୯ ମହାମାରୀ ଦ୍ୱାରା ଗୁରୁତର ଭାବରେ ଆଘାତପ୍ରାପ୍ତ ହୋଇଥିଲା, ଏକଥା ବର୍ତ୍ତମାନ ସୁସ୍ପଷ୍ଟ ଯେ ଭାରତକୁ ପୂର୍ବାପେକ୍ଷା ଆହୁରି ଅଧିକ ଦ୍ରୁତ ଗତିରେ ବୃଦ୍ଧିଲାଭ କରିବାକୁ ପଡ଼ିବ, ଏମିତିକି ଗତ ବର୍ଷର ୬.୫ ପ୍ରତିଶତ ହାରଠାରୁ ମଧ୍ୟ ଅଧିକ ଦ୍ରୁତ ବେଗରେ । ଏକଥା ସାଧାରଣରେ ଗ୍ରହଣ କରାଯାଉଛି ଯେ ଏକ ବିକଶିତ ରାଷ୍ଟ୍ର ଭାବରେ ବିଶ୍ୱ ବକ୍ଷରେ ଉଭା ହେବା ନିମନ୍ତେ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତ ଏହାର ଅର୍ଥନୀତିକୁ ବାର୍ଷିକ ୧୦ ପ୍ରତିଶତ ହାରରେ ବୃଦ୍ଧିଲାଭ କରୁଥିବା ଦେଖିବା ଆବଶ୍ୟକ । ଏକ ପିଠା ଉପରର ପୁର ଭଳି ପରିସଂଖ୍ୟାନ ଯେତିକି ପ୍ରକାଶ କରେ, ତା'ଠାରୁ ଅଧିକ ଅପ୍ରକାଶିତ ରଖିଥାଏ, ତଥାପି ଦେଶରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଆଶାନୁରୂପ ଭାବରେ ଭଲ କାମ କରିଥିବା ମନେହୁଏ, କାରଣ ବିଶ୍ୱ ବ୍ୟାଙ୍କ ଏହାର ଦାରିଦ୍ର୍ୟ ସୀମାରେଖାର ମାନଦଣ୍ଡରେ ସବୁକିଛି ମାପି ସାରିବା ପରେ ନିକଟରେ ପ୍ରକାଶ କରିଛି ଯେ ନିମ୍ନମଧ୍ୟବିତ୍ତ ଆୟକାରୀ ବର୍ଗର ଦେଶ (ଏଲ୍‌ଏମ୍‌ଆଇସି)ମାନଙ୍କରେ ବାସ କରୁଥିବା ଲୋକମାନଙ୍କଠାରୁ ଆହୁରି କମ୍ ରୋଜଗାର କରୁଥିବା ଭାରତୀୟମାନଙ୍କ ସଂଖ୍ୟା ୪୦୦ ମିଲିଅନ୍ ହ୍ରାସ ପାଇଛି ଏବଂ ଏହା ସେମାନଙ୍କ ଘରୋଇ ଉପଭୋଗ ବା କଞ୍ଜମ୍ପସନ୍ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତାରେ ପ୍ରତିଫଳିତ ହୋଇଛି ।

ଗୁଣାତ୍ମକତା ଦୃଷ୍ଟିରୁ ସେଗୁଡ଼ିକ ହୁଏତ ଅଧିକ ହୋଇ ପାରନ୍ତି, ଏକଥା କିନ୍ତୁ ସତ୍ୟ ଯେ ସଡ଼କ, ରେଳ, ବିମାନ ଏବଂ ମୋବାଇଲ ନେଟୱର୍କ୍‌ର ସଂଯୋଗଜନିତ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ବୃଦ୍ଧିରେ ବିଜେପି ବିଗତ ଏକ ଦଶନ୍ଧି ଭିତରେ ପ୍ରାଧାନ୍ୟ ବିସ୍ତାରକାରୀ ରାଜନୀତିକ ଶକ୍ତି ଭାବରେ ଉଭା ହୋଇଥିବା ସ୍ପଷ୍ଟ ଭାବରେ ଦେଖିହୁଏ, ଯାହାକି ଏହାର ମିତ୍ର ଦଳମାନଙ୍କ ସଙ୍ଗେ ମିଶି ୧୯ଟି ରାଜ୍ୟ ଏବଂ ଦୁଇଗୋଟି କେନ୍ଦ୍ରଶାସିତ ଅଞ୍ଚଳରେ ଶାସନ କରୁଛିଯେଉଁସବୁରେ ବାସ କରୁଥିବା ୯୦୦ ମିଲିଅନ୍‌ରୁ ଅଧିକ ସଂଖ୍ୟକ ପୂର୍ବ ସରକାରମାନଙ୍କ ଅପେକ୍ଷା ଉତ୍କୃଷ୍ଟ ସ୍ଥିତିରେ ଅଛନ୍ତି । ଭାରତ ୮୦୦ ମିଲିଅନ୍‌ରୁ ଅଧିକ ସଂଖ୍ୟକ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ମୌଳିକ ଖାଦ୍ୟଶସ୍ୟମାନ ଯୋଗାଇବା, ଯଦିଓ ଏଥିରୁ ଅଧିକାଂଶ ଭାଗ ହେଉଛି ରାଜନୀତିକ ତତ୍ପରତା ପ୍ରକାଶ କାରଣ ଯଥା ଭୋଟରମାନଙ୍କୁ ନିଜ ଦଳ ସପକ୍ଷରେ ଆକୃଷ୍ଟ କରିବା ନିମନ୍ତେ ଉପହାର ପ୍ରଦାନ କରିବାର ପ୍ରଥାକୁ ବନ୍ଦ ନ କରିବା, ତଥାପି ଏହା ସୂଚାଇ ଦେଉଛି ଯେ ଏକ ବିକଶିତ ରାଷ୍ଟ୍ର ଭାବରେ ନିଜକୁ ସାମଗ୍ରିକ ଭାବରେ ପ୍ରତିପାଦିତ କରିବାକୁ ହେଲେ ଭାରତକୁ ଆଉ କେତେ ପ୍ରଗତି କରିବା ଉଚିତ । ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ଭାରତୀୟ ସୂଚନା ପ୍ରଯୁକ୍ତି (ଆଇଟି) କମ୍ପାନୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଇ ହାରାହାରି ୧୫୦ କୋଟି ଲୋକଙ୍କ ଜୀବନକୁ ଉନ୍ନତ କରି ପାରିଛନ୍ତି ସେମାନଙ୍କୁ ଡିଜିଟାଲ ଦେୟ ପ୍ରଦାନ କରିବାରେ ସକ୍ଷମ କରାଇ । ଏକ ବିବିଧତାଭରା ଦେଶରେ ଏହାର ସମସ୍ତ ଦୋଷତ୍ରୁଟି ସତ୍ତ୍ୱେ ଜିଏସ୍‌ଟି ବ୍ୟବସ୍ଥା ଏକ ପଟ ପରିବର୍ତ୍ତନକାରୀ ସାବ୍ୟସ୍ତ ହୋଇଥିବା ନେଇ କ୍ୱଚିତ୍ କୌଣସି ସନ୍ଦେହ ରହିଥିବା ବେଳେ ସର୍ବନିମ୍ନ ଜିଏସ୍‌ଟି ହାର ୧୩ ପ୍ରତିଶତ ପାଖାପାଖି ହେବା ଏବଂ ପ୍ରତି ଭାରତୀୟ ଏହା ପ୍ରଦାନ କରିବା ଦୃଷ୍ଟିରୁ ଦେଖିଲେ ସମସ୍ତେ ଯେ ଅଧିକ ଟିକସ ପ୍ରଦାନ କରୁଛନ୍ତି, ତାହା ଅସ୍ୱୀକାର କରିହେବ ନାହିଁ । ତେବେ ଜିଏସ୍‌ଟି ସଂଗ୍ରହ ବେଳକୁ ବେଳ ବୃଦ୍ଧି ପାଇବା ସୂଚାଉଛି ଯେ ଭାରତୀୟମାନେ ଏବେ ପୂର୍ବାପେକ୍ଷା ଅଧିକ ଭଲରେ ଅଛନ୍ତି ଯଦିଓ ସମ୍ପଦର ଆବଣ୍ଟନରେ ରହିଥିବା ଅନ୍ତର ବିସ୍ତାରିତ ହୋଇ ଚାଲିଛି । ହରିୟାନା, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ପଛକୁ ପଛ ରାଜନୀତିକ ବିଜୟ ହୁଏତ ଅପରେସନ୍ ସିନ୍ଦୂର ଜରିଆରେ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ପ୍ରଦାନ କରିବାକୁ ସକ୍ଷମ କରାଇ ଥାଇପାରେ ଏହାର ଆତଙ୍କୀ ଆଡ୍ଡାଗୁଡ଼ିକ ସହିତ ବିମାନ ଘାଟୀଗୁଡ଼ିକ ଧ୍ୱଂସ କରାଯିବା ପରେ । ସେହିଭଳି ଏହି ଅପରେସନ୍‌ର ବାର୍ତ୍ତାକୁ ବିଶ୍ୱର ବିଭିନ୍ନ ଦେଶମାନଙ୍କ ନିକଟରେ ପହଞ୍ଚାଇବା ଏବଂ ଏହି ବାର୍ତ୍ତା ବହନକାରୀ ଦଳରେ ବିରୋଧୀମାନଙ୍କୁ ସାମିଲ କରିବା ଏକ ରାଷ୍ଟ୍ରର ଆତ୍ମ-ସୁରକ୍ଷାର ବାର୍ତ୍ତା ବହନ କରୁଥିବାବେଳେ ଏହା ଆତଙ୍କବାଦର ବିଲୋପ ପର୍ଯ୍ୟନ୍ତ ସମ୍ପ୍ରସାରିତ ଏବଂ ଏସବୁ ଜାତୀୟତାବାଦର ଉତ୍ସାହଜନକ ସଂକେତ । ତେବେ ଏହି ମନୋଭାବ ଯଦି ଧର୍ମ ବା ଅଞ୍ଚଳ ନିର୍ବିଶେଷରେ ବିନା ପକ୍ଷପାତିତାରେ ସବୁ ବର୍ଗର ଲୋକମାନଙ୍କୁ ସମ୍ପ୍ରସାରିତ କରାଯାଏ, ତା'ହେଲେ ଏନ୍‌ଡିଏ ମେଣ୍ଟ ଆଉ ଯେଉଁ ଚାରିବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବ, ସେ ଭିତରେ ଭାରତ ଆହୁରି ଅନେକ କିଛି ହାସଲ କରି ପାରିବ । ଅସମାନ ଅର୍ଥନୀତିକ ଲାଭ ଉପରେ ଏହି ସରକାର ଅଧିକ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ମୁଣ୍ଡପିଛା ଆୟ କିପରି ବୃଦ୍ଧି ପାଇ ଚାଲିବ, ସେଥି ପାଇଁ ଆର୍ଥିକ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ସରକାର ଆହୁରି କାମ କରିବା ଉଚିତ । ❒

## ସୁନା ମିରିଗ

ରାମାୟଣର କଥା । ପଞ୍ଚବଟୀ ଅରଣ୍ୟରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ରହୁ ଥାଆନ୍ତି । ସେଠିକୁ ସୂର୍ପଣଖା ଆସିଲା । ଲକ୍ଷ୍ମଣଙ୍କ ଦ୍ୱାରା ସୂର୍ପଣଖାର ନାସା, କର୍ଣ୍ଣ ଛେଦନ ହେଲା । ସୂର୍ପଣଖା ତା'ର ଭାଇ ରାବଣକୁ ପଞ୍ଚବଟୀ ଅରଣ୍ୟର ସବୁ କଥା କହିଲା । ରାବଣ ସୀତାଙ୍କୁ ହରଣ କରି ନେବାକୁ ଯୋଜନା କଲା । ମାରିଚ ନାମକ ରାକ୍ଷସ ହେମ ହରିଣୀ ବା ସୁନାର ମୃଗ ରୂପ ନେଲା । ଶ୍ରୀରାମ, ଲକ୍ଷ୍ମଣ, ସୀତା ରହୁଥିବା କୁଡ଼ିଆ ଆଗରେ ବୁଲିବାକୁ ଲାଗିଲା । ମାଆ ସୀତାଙ୍କର ଆଖି ପଡ଼ିଲା ସେ ସୁନାମୃଗ ଉପରେ । ରାଜ ଉଆସରେ ଥାଇ ସୁନା ପ୍ରତି ତାଙ୍କର ଲୋଭ ହେଲାନି । ସୁନାର ଅଳଙ୍କାରକୁ ତୁଚ୍ଛ କରି ସ୍ୱାମୀଙ୍କୁ ଦେବତା ବିଚାର କଲେ । ଶାଶୂ, ଶ୍ୱଶୁର, ଗୁରୁ, ଗୁରୁଜନଙ୍କ କଥା ବି ମାନିଲେନି । ରାଜ ଉଆସର ସୁନା, ହୀରା ଅଳଙ୍କାରକୁ ପିନ୍ଧିଲେନି । ପ୍ରଭୁ ରାମଙ୍କ ସହିତ ବନବାସରେ ଆସିଥିଲେ । ସେହି ସୀତା ସୁନାମୃଗ ଦେଖି ଜଙ୍ଗଲ ଭିତରେ ସୁନା ପାଇବାକୁ ଇଚ୍ଛା କଲେ । ସେ ମୃଗର ଚମଡ଼ା ଆଣିବାକୁ ସ୍ୱାମୀ ଶ୍ରୀରାମଙ୍କ ପାଖରେ ଅଳି କଲେ । ପ୍ରଭୁ ରାମ ରାବଣକୁ ମାରିବା ପାଇଁ ମାନବ ଲୀଳା କରୁଥିଲେ । ମଣିଷର ସୁନା ପ୍ରତି ଲୋଭ ଥାଏ । ତେଣୁ ପ୍ରଭୁ ମଧ୍ୟ ଧନୁତୀର ଧରି ସୁନାମୃଗ ପଛରେ ଧାଇଁଲେ । ମୃଗ ଆଗରେ ଧାଉଁଥାଏ । ପ୍ରଭୁ ତା' ପଛରେ । ଅନେକ ଦୂର ଗଲା ପରେ ସୁନାମୃଗକୁ ତୀରରେ ବିଦ୍ଧ କଲେ । ମୃଗ ମରିଗଲା । ନିଜର ଅସଲ ରୂପ ପ୍ରକଟିତ ହେଲା । ତାହା ସୁନା ନଥିଲା କି ମୃଗ ବି ନଥିଲା । ଥିଲା ଗୋଟାଏ ରାକ୍ଷସ । ତା' ନାଁ ମାରିଚ । ଯିଏ କେବଳ ଧ୍ୱଂସର ଲୀଳା ରଚନା କରିଥାଏ ।

ପଦାରବିନ୍ଦ

ଠିକ୍ ସେମିତି ଆମ ଜୀବନ ଯାତ୍ରା । ପ୍ରଗତି ନାଁରେ ମଣିଷ ବେଳେବେଳେ ଦୁର୍ଗତିକୁ ଡାକିଆଣେ । ବୁଝି ବିଚାରି କାମ କଲେ ପ୍ରଗତି 'ପ୍ରଗତି' ହୋଇ ରୁହନ୍ତା । ଦୁର୍ଗତିର ରୂପ ନିଅନ୍ତା ନାହିଁ । ସାରା ଦେଶରେ ଶିଳ୍ପାୟନ, ରାସ୍ତା ତିଆରି ଇତ୍ୟାଦି ନାଁରେ ଅନେକ ବୃକ୍ଷ କଟାଯାଉଛି, ଯାହାର ଅତ୍ୟନ୍ତ କୁପ୍ରଭାବ ପରିବେଶ ଉପରେ ପଡୁଛି । ଭଲ ଫସଲ ଉତ୍ପାଦନ ପାଇଁ ରାସାୟନିକ ସାର ଉତ୍ପାଦନ କରୁ । ଖାଲି ସେତିକି ନୁହେଁ, ଶିକ୍ଷା ଦିଗରେ ବି ପିଲାଟିଏ ଯୋଉ ଶିକ୍ଷା ପାଇବା କଥା, ସେ ଶିକ୍ଷା ଦେଇ ପାରୁନା । କେବଳ ବୈଷୟିକ ଶିକ୍ଷାକୁ ଶିକ୍ଷାର ମୁଖ୍ୟ ଦିଗ ବୋଲି ଭାବି ନେଇଛୁ । ଫଳରେ ମଣିଷର ଧନ ସମ୍ପତ୍ତି ବଢୁଛି, କିନ୍ତୁ ସଂସ୍କାର ବିହୀନ ମଣିଷ ହୋଇ ଛିଡ଼ା ହେଉଛି, ଯାହାର କୁପରିଣତି ଅଭିଭାବକଙ୍କୁ ଭୋଗିବାକୁ ପଡୁଛି । ତା' ସହିତ ସମାଜକୁ ବି ଭୋଗିବାକୁ ପଡୁଛି । ଆମେ ଆଧୁନିକତାର ସୁନା ହରିଣ ପଛରେ ଧାଉଁଛୁ । ସୀତା ରୂପକ ସୁନ୍ଦର ସଂସ୍କୃତି ଓ ପରିବେଶକୁ ନଷ୍ଟ କରୁଛୁ । ସୁନା ରୂପକ ସଫଳତା ପାଉନୁ କି ହରିଣ ରୂପକ ବାସ୍ତବତା ପାଉନୁ । କେବଳ ପାଉଛୁ ଧୂଳି, ଧୂଆଁ, ରୋଗ, ଯନ୍ତ୍ରଣା ରୂପକ ଫାଙ୍କା କୁଡ଼ିଆ- ଯୋଉଠି ଶାନ୍ତି, ଆନନ୍ଦ ରୂପକ ସୀତାଙ୍କୁ ପ୍ରଗତି ରୂପକ ରାବଣ ଅପହରଣ କରି ନେଇଥାଏ । ଶ୍ରୀରାମ ତାଙ୍କ ପତ୍ନୀ ସୀତାଙ୍କୁ ସୁନା ଦେଇ ପାରିଲେନି କି ମୃଗ ବି ଦେଇ ପାରିଲେନି । ସବୁ ଜାଣିଲା ପରେ ଶ୍ରୀରାମ ପ୍ରଗତିର ଖୋଳପା ପିନ୍ଧିଥିବା ରାବଣକୁ ବିନାଶ କଲେ । ଶାନ୍ତି ରୂପକ ସୀତାଙ୍କୁ ଫେରେଇ ଆଣିଲେ । ❒

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ୩୦ଦଫା ଦାବି ନେଇ ଓଡ଼ିଶା ଲୋକ ଦଳ ପକ୍ଷରୁ ଆନ୍ଦୋଳନ




**ଜଗତସିଂହପୁର,୯।୬/ଏନ୍‌ଏନ୍‌ଏସ୍:** ସୋମବାର ଜଗତସିଂହପୁର ଜିଲ୍ଲାର ଜନ ସାଧାରଣଙ୍କ ପ୍ରମୁଖ ୩୦ଟି ସମସ୍ୟା ନେଇ ଓଡ଼ିଶା ଲୋକ ଦଳ, ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳ ଦେ ଯୋଗାଳଙ୍କ ଉଦ୍ଦେଶ୍ୟରେ ଜରୁରୀକାଳିନ ଭିତିରେ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ୩୦ଦଫା ଦାବି ବିଶିଷ୍ଟ ଏକ ଦାବି ପତ୍ର ସହକାରୀ ଜିଲ୍ଲାପାଳ ସୋମନାଥ ଗିରିଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭରେ ଆମ ରାଜ୍ୟ- ଆମ ଭାଷା- ଆମ ସଂସ୍କୃତିକୁ ସ୍ନେହ ,ଶ୍ରଦ୍ଧା ଓ ଆଦର କରି ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲାରୁ ଜନ୍ମ ନେଇ ପ୍ରଥମ 'ଓଡ଼ିଶା ଲୋକ ଦଳ', ବିଭିନ୍ନ ଜିଲ୍ଲାର ସମସ୍ୟା ଜିଲ୍ଲା ଶାଖା ଜରିଆରେ ସେମାନଙ୍କ ଜିଲ୍ଲାପାଳଙ୍କୁ ପ୍ରଦାନ କରି ଆସୁଛନ୍ତି। ଆଜି ମଧ୍ୟ ଜିଲ୍ଲାର ସମସ୍ୟାବଳିକୁ ଲୋକ ଦଳର ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲା ସଭାପତି ପ୍ରିୟବ୍ରତ ନାୟକଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ସନ୍ତୋଷ ନାରାୟଣ, ଜିଲ୍ଲାର ଦିବ୍ୟାକର ପଟେଲ, ରାଜୁ ଦାସ, ଚିନ୍ମୟ ପ୍ରଧାନ, ପବିତ୍ର କୁମାର ପ୍ରଧାନଙ୍କ ସହିତ ଅନେକ ୩୦ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଦଳର ଲକ୍ଷ୍ୟ ରାଜ୍ୟରେ ସମସ୍ତ ମାଗଣା ଯୋଜନା ବନ୍ଦ କରି ସୁସ୍ଥ ସମାଜ ଗଠନ କରିବା ଦାବି କରି ବିକ୍ଷୋଭ କରିଥିଲେ। ତେବେ ଜିଲ୍ଲାର ସେହି ପ୍ରମୁଖ ୩୦ ଦଫା ଦାବିଗୁଡ଼ିକ ହେଲା, ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ତୁରନ୍ତ ପୂରଣ କରିବା, ଜିଲ୍ଲା ଶିକ୍ଷାଧିକାରୀଙ୍କ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିବା, ଜବର ଦଖଲ ଉଚ୍ଛେଦ କରାଯାଇ ଅଳକା ନଦୀର ପୁନରୁଦ୍ଧାର କରିବା, ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ଓ ଜିଲ୍ଲା ଷ୍ଟେଡ଼ିୟମ କେବଳ ଘୋଷଣାରେ ସୀମିତ ନରହି ବାସ୍ତବ ରୂପାୟନ ଦେବା, ଦେବୀ ନଦୀରେ ଅତି କମ୍‌ରେ ଦୁଇଟି ଚେକ୍ ଡ୍ୟାମ ନିର୍ମାଣ କରା ଯାଇ ଜଳ ସେଚନ ଏବଂ ଜନ ସାଧାରଣଙ୍କ ପାଇଁ ପାନୀୟ ଜଳ ସମସ୍ୟା ଦୂର କରିବା, ଜିଲ୍ଲାରେ ଗଢି ଉଠିଥିବା ବୃହତ, ମାଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥା ମାନଙ୍କରେ ଜିଲ୍ଲାର ବେକାର ଯୁବ ପିଢି ମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା, ଏରସମା ଓ ବାଲିକୁଦା ଅଂଚଳର ଜନ ସାଧାରଣ ଓ ଧନ ଜୀବନ ସୁରକ୍ଷା ନିମନ୍ତେ ସମୁଦ୍ର ଉପକୂଳ ଅଂଚଳରେ ଆଡିବନ୍ଧ/ ସୁନାମି ବନ୍ଧ ସମ୍ପୂର୍ଣ୍ଣ କରିବା ସହିତ ଅଧିକ ଝେଞ୍ଜାଲ ବଣ ସୃଷ୍ଟି କରିବା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଜିଲ୍ଲାରେ ଥିବା ଜଙ୍ଗଲକୁ ବେଆଇନ ଭାବେ ନଷ୍ଟ ନକରିବା, ଏନ୍.ଜି.ଟି ନିର୍ଦ୍ଦେଶନା ସତ୍ତ୍ୱେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଟ୍ରକ୍ ଟର୍ମିନାଲ ନିର୍ମାଣରେ ବିଳମ୍ବ ହେବା, ସମସ୍ତ ଉପକୂଳ ଅଂଚଳର ଜନ ସାଧାରଣଙ୍କ ପାଇଁ ମଧୁର ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିବା, ତିର୍ତ୍ତୋଲ ବ୍ଲକରେ ବନ୍ଦ ହୋଇ ପଡିଥିବା ସୂତାକଳର ପୁନରୁଦ୍ଧାର କରିବା, ଜିଲ୍ଲାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ବିତାଡ଼ନ କରିବା, ବାଲିକୁଦା ବ୍ଲକର ବନ୍ଦର ଅଞ୍ଚଳକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବା, ଶିଆଳି ବେଳାଭୂମିର ସ୍ଥାୟୀ ସୁରକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା, ଜିଲ୍ଲାର ସମସ୍ତ ସହର ଅଂଚଳକୁ ପରିଷ୍କାର ପରିଚ୍ଛନ୍ନ ଓ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ପାରାଦୀପ ଅଞ୍ଚଳରେ ପ୍ରଦୂଷଣ ମୁକ୍ତ ବ୍ୟବସ୍ଥା କରିବା ସହିତ ବସ୍ତି ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା, ପାନୀୟ ଜଳ ଆଦି ସୁବିଧା କରିବା, ଭୂତମୁଣ୍ଡାଇ ପୋଲର ରକ୍ଷଣା ବେକ୍ଷଣକୁ ଦୃଷ୍ଟିରେ ରଖି ସେଠାରେ ଆଉ ଏକ ପୋଲ ନିର୍ମାଣ କରିବା, ଅଧିକ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପାରାଦୀପ ଓ କଟକ ରାଜ୍ୟ ସଡ଼କକୁ ୨ଲେନ୍ ବିଶିଷ୍ଟ ରାସ୍ତା କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ଅଣ ଓଶାରିଆ ରାସ୍ତା ଥିବା ସମ୍ପତ୍ତି ମାଲିକାଣୀ ରାରାଯାଜ ସମ୍ପୂର୍ଣ୍ଣ ବନ୍ଦ କରିବା, ଜିଲ୍ଲାର ପ୍ରମୁଖ ବ୍ୟବସାୟ ସ୍ଥଳୀଭାବେ ଗଣିତ ରାହାମା ଠାରେ ଫାଣ୍ଡି ସ୍ଥାପନ କରିବା, ବିଭିନ୍ନ ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ପ୍ରୋତ୍ସାହନ ବ୍ୟବସ୍ଥା କରିବା, ଜିଲ୍ଲାର ଦରଗ୍ରସ୍ତ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ହେଉଥିବା ଅବହେଳା ପ୍ରତି ଧ୍ୟାନ ଦେବା ସହିତ ସ୍ମୃତି ପୀଠ ମାନ ପ୍ରତିଷ୍ଠା କରି ଇତିହାସକୁ ଅକ୍ଷୁର୍ଣ୍ଣ ରଖିବା, ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ମା" ଶାରଳାଙ୍କ ପୀଠ ଓ ଗୋରେଖନାଥ ପୀଠ ମଧ୍ୟଭାଗରେ ପାର୍କିଂ, ବିଶ୍ରାମ ସ୍ଥଳ ସହିତ ଉତମ ଶୌଚାଳୟ ବ୍ୟବସ୍ଥା କରିବା, ଜଗତସିଂହପୁର କଟକ ରାସ୍ତାର କଦରପୁର ଓ ଜଗତସିଂହପୁର ଜଜପୁର ରାସ୍ତାର ଛପଡା ଠାରେ ଓଭର ବ୍ରୀଜର କାର୍ଯ୍ୟ ତ୍ୱରାନ୍ୱିତ କରିବା, ତିର୍ତ୍ତୋଲ ସ୍ଥିତ ଆଦି କବି ଶାରଳା ଦାସ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରିବା, ଧୋୟା ଅଂଚଳକୁ ଗମନା ଗମନର ସୁବିଧା ନିମନ୍ତେ ପୋଲ ନିର୍ମାଣ କରିବା, ଜିଲ୍ଲାକୁ ଅଧିକ ଯୋଗାସେବା ଯୋଗାଇ ଦେବା ନିମନ୍ତେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି କରିବା ସହିତ ଅଧିକ ୫ଟି ଆମ୍ବୁଲାନ୍ସ ଯୋଗାଇ ଦେବା, ଡ୍ରଗସ - ଗଞ୍ଜେଇ ଇତ୍ୟାଦି ସହିତ ଚୋରା ନିଶା କାରବାର କରୁଥିବା ଏବଂ ସେବନ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ।

## ଅବକାରୀ ସଚେତନତା ରଥର ଶୁଭାରମ୍ଭ



**ତାଳଚେର,୯।୬/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳଙ୍କ ଦ୍ୱାରା ତାଳଚେର ଉପଖଣ୍ଡ ସ୍ତରୀୟ ଅବକାରୀ ସଚେତନ ରଥର ଶୁଭାରମ୍ଭ କରାଯାଇଛି। ବେଆଇନ ଓ ଅମିଶ୍ରିକ ମଦ, ଡ୍ରଗ୍ସ, ତମାଖୁ ଓ ଅନ୍ୟାନ୍ୟ ନିଶା ସେବନ କରି ଆଜିର ଯୁବପିଢ଼ୀ ପଥଭ୍ରଷ୍ଟ ହେଉଥିବାରୁ ନେଇ ଏହାର ସଚେତନତା ପାଇଁ ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଉପନିରୀକ୍ଷକ ନିଶାନ୍ତ ନାୟକ, ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଭାରପ୍ରାପ୍ତ ଅଧିକାରୀ ହରିଆ ବେହେରା, ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପପୁନ୍ ପ୍ରଧାନ, କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏହି ସଚେତନତା ରଥ ସହର ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ କରାଯାଇଥିଲା। ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା କେଉଁ ପ୍ରକାର କ୍ଷତି ହେଉଛି ଓ ସମାଜ ଉପରେ ଏହାର କ'ଣ ପ୍ରଭାବ ପଡୁଛି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବାର ମୂଳଲକ୍ଷ୍ୟ ଥିଲା।

## ନନ୍ଦିନୀ ଶତପଥୀଙ୍କ ଜନ୍ମ ଜୟନ୍ତୀରେ ଚାରାରୋପଣ




**ଧର୍ମଶାଳା,୯।୬/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ଅପରାହ୍ନରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜନ୍ମ ଜୟନ୍ତୀ ଅବସରରେ କଣିପାଟିଆ ସ୍ଥିତ ମହିମା ଆଶ୍ରମ ପରିସରରେ ଏକ ଚରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ପିସିସି ସଦସ୍ୟ ତଥା କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଉଦିତ ପ୍ରଧାନ, ବଡ଼ଚଣା ବ୍ଲକ ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ କିସମର ଚାରାରୋପଣ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, ଦୀପକ କୁମାର ବଳ, ଦେବାଶିଷ ପରିଡ଼ା, ସାଗର ରାୟ ଓ ଦେବବ୍ରତ ରାୟ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇ ଚାରାରୋପଣ କରିଥିଲେ।

## ପୁଣି ଏକ ମାଈ ହାତୀର ମୃତ୍ୟୁ

**ଢେଙ୍କାନାଳ,୯।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତଣ୍ଟିଚିରା ଜଙ୍ଗଲରେ ଏକ ଛୋଟ ମାଈ ହାତୀର ମୃତ୍ୟୁ ଘଟିଥିବାର ଜଣାପଡିଛି । ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ହାତୀ ତାଳ ଖାଇବାକୁ ଯାଇ ସୋଲାର ତାରରେ ଛନ୍ଦି ହୋଇ ମୃତ୍ୟୁ ବରଣ କରିଥିଲା। ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିବାବେଳେ ହାତୀକୁ ଦେଖିବା ପାଇଁ ଆସିଥିବା ଲୋକଙ୍କୁ ମନା କରିବାରୁ ସେମାନେ ସେଠାକୁ ଯାଇନଥିବାବେଳେ କିଛି ଦୁର୍ବୃତ୍ତ କରିଡର ଆଇନ ଉଲଂଘନ କରି କାର୍ଯ୍ୟରତ ଗଜ ସାଥି ଭଗବାନ ନାୟକଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କୁ ମାଡ ମାରିଥିବାର ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କିଛିଦିନ ନ ପୂରୁଣୁ ଏପଟେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ରହସ୍ୟ ମନରୁ ଲିଭି ନ ଥିବାବେଳେ ପୁଣି ବନ କର୍ମଚାରୀଙ୍କୁ ୪ ଜଣ ଅତର୍କିତ ଆକ୍ରମଣ କରିଥିବା ସେ କହି ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଥିବାର କହିଛନ୍ତି। ଏ ନେଇ ପୁଲିସ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଭଲ ଚାକିରି ଯୋଗ ଶିକ୍ଷକ,ବିନା କାମରେ ପୂରା ଦରମା



**ଯାଜପୁର,୯।୬/ଏନ୍‌ଏନ୍‌ଏସ୍:** ସରକାର ବର୍ତ୍ତମାନ ଯୋଗ ଉପରେ ଗୁରୁତ୍ୱ ଦେଇ ଯୋଗ ଦ୍ୱାରା କିପରି ରୋଗୀମାନେ ରୋଗମୁକ୍ତ ହୋଇପାରିବେ ସେଥିପାଇଁ ସମସ୍ତ ଯଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆୟୁଷ ଅଧୀନରେ ଥିବା ଆର୍ୟୁବେଦିକ ଓ ହୋମିଓପ୍ୟାଥିକ ଚିକିତ୍ସାଳୟମାନଙ୍କୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମକରଣ କରି ସେଠାରେ ଯୋଗ ଶିକ୍ଷକମାନଙ୍କୁ ସରକାର ନିଯୁକ୍ତ କରିଛନ୍ତି। ଯାହାଦ୍ୱାରା ରୋଗୀମାନେ ବିନା ଔଷଧରେ ଯୋଗ ମାଧ୍ୟମରେ ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ଭଲ ହୋଇପାରିବେ। କିନ୍ତୁ କିଛି ଯୋଗ ଶିକ୍ଷକ ୨ ଓ ୩ ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଶିକ୍ଷକ ଭାବେ ନିଯୁକ୍ତି ପାଇ ଥିବାରୁ ଆରୋଗ୍ୟ ମନ୍ଦିରମାନଙ୍କରେ ଠିକ ଭାବରେ କାର୍ଯ୍ୟକରିପାରୁ ନାହାନ୍ତି,ଏହା ଫଳରେ ତାଲିମ ପ୍ରାପ୍ତ ଅନ୍ୟ ଯୋଗ ଶିକ୍ଷକ ବେକାର ହୋଇ ବସିଥିବା ବେଳେ ଏମାନେ ବିନା କାମରେ ଦରମା ପାଇବା କେତେ ଯୁକ୍ତି ଯୁକ୍ତ ,ଏହାର ଏକ ଉଦାହରଣ ବରି ବ୍ଲକ କିମ୍ବିରିଆପାଳ ପଞ୍ଚାୟତ ଉଦୟପୁର ଠାରେ ଥିବା ସରକାରୀ ହୋମିଓ ପ୍ୟାଥିକ ଚିକିତ୍ସାଳୟ ରେ ୨ ଜଣ ଯୋଗ ଶିକ୍ଷକ ପୁରୁଷ ଓ ମହିଳା ଜୁଲାଇ ୨୦୨୪ରୁ ନିଯୁକ୍ତି ପାଇ ଦରମା ପାଉଥିଲେ ମଧ ଏହି ଆରୋଗ୍ୟ ମନ୍ଦିରକୁ ଆସୁଥିବା ରୋଗୀମାନଙ୍କୁ ଏଠାରେ ଗୋଟିଏ ଦିନ ମଧ୍ୟ ଯୋଗ ଶିକ୍ଷା ଦିଆଯାଇନାହିଁ। ପୁରୁଷ ଯୋଗ ଶିକ୍ଷକ କାଁଭାଁ ଗାଁରେ ଯୋଗ କରୁଥିବା ବେଳେ, ମହିଳା ଯୋଗ ଶିକ୍ଷକ ଯିଏ କି କେବଳ ଆରୋଗ୍ୟ ମନ୍ଦିରରେ ମହିଳାମାନଙ୍କୁ ଯୋଗ କରେଇବା କଥା କିନ୍ତୁ ଯୋଗ ଶିକ୍ଷା ନଦେଇ କିପରି ୧୨ ମାସ ହେଲା ଦରମା ପାଇପାରୁଛନ୍ତି ଏମିତି କି ଆରୋଗ୍ୟ ମନ୍ଦିରରେ ଜଣେ ହି ପୁରୁଷ ଯୋଗ ଶିକ୍ଷକ ନିଯୁକ୍ତି ହେଇଛନ୍ତି ବୋଲି ଗ୍ରାମବାସୀମାନେ ଜାଣନ୍ତି। ଏହି ବିଷୟରେ ଗ୍ରାମବାସୀମାନେ ଜିଲ୍ଲାପାଳ ମହୋଦୟା ଓ ଆୟୁଷ ନିର୍ଦ୍ଦେଶକଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର



**ମାର୍ଶାଘାଇ,୯।୬/ଏନ୍‌ଏନ୍‌ଏସ୍:** ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା। ପୁଣି ଗଲା ଆଉ ଏକ ଜୀବନ। ଅନ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ । ଚଣ୍ଡିଖୋଲ -ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥର ମାର୍ଶାଘାଇ କ୍ରସିଂ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ଜଣାପଡିଛି । ମୃତକ ଜଣଙ୍କ ହେଉଛନ୍ତି ମାର୍ଶାଘାଇ ଥାନା ଭଗବାନପୁର ଗ୍ରାମର ନୃସିଂହ ଚରଣ ରାଉତ (୪୨ )। ପ୍ରକାଶ, ଆଜି ପୂର୍ବାହ୍ନ ୧ଘଟିକା ସମୟରେ ଭଗବାନପୁର ଗ୍ରାମର ନୃସିଂହ ଚରଣ ରାଉତ ଏବଂ ମାନସ କୁମାର ନାୟକ ବାଇକ ଯୋଗ କେନ୍ଦ୍ରାପଡ଼ା (ଇଛାପୁର )ଅଭିମୁଖେ ଯାଉଥିବା ସମୟରେ ମାର୍ଶାଘାଇ କ୍ରସିଂ ନିକଟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ ଆରୋହୀ ନୃସିଂହଙ୍କ ଶରୀରକୁ ଟ୍ରକ୍ ଚାପି ଦେଇଥିଲା ବେଳେ ବାଇକ ପଛରେ ବସିଥିବା ମାନସ ଛିଟିକି ପଡ଼ିଥିଲେ ମଧ ତାଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ଦୁର୍ଘଟଣା ପରେ ଉଭୟଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ନୃସିଂହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନସଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କର ଚିକିତ୍ସା ପାଇଁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଛି ।ଖବର ପାଇ ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛି। ଏନେଇ ମାର୍ଶାଘାଇ ଥାନାରେ କେଶ ନଂ ୧୭୦/୨୫ ଏକ ମାମଲା ରୁଜ କରି ପୁଲିସ ତଦନ୍ତ ଜାରିରଖିଛି।

## ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି



**ଯାଜପୁର,ବଡଚଣା,୯।୬/ଏନ୍‌ଏନ୍‌ଏସ୍:** ଆଜି ବଡଚଣା ବ୍ଲକ୍ କାର୍ଯ୍ୟାଳୟ ଦକ୍ଷତା ବିକାଶ ସଭା ଗୃହ ଠାରେ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କଙ୍କ ମିଳିତ ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ, ୪ଟି ସାମୂହିକ ଓ ୬୧ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ପାଇଁ ଆବେଦନ ହୋଇଥଲା। ସେଥି ମଧ୍ୟରୁ ୬୨ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣୀ ଶିବିରରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ୍, ଏଡିଏମ୍ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ନିବେଦିତା ପ୍ରଧାନ ବଡଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ,ବଡଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି ପ୍ରମୁଖ ଯୋଗଦେଇ ଥିଲେ। ଜନ ସାଧାରଣମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ଓ ଏହାର ସମାଧାନ ପାଇଁ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ, ବ୍ଲକ୍‌ସ୍ତରୀୟ ଓ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ ଶିବିର ଆୟୋଜନ କରିଥାନ୍ତି। ମାତ୍ର ଏଠାକୁ ଆସୁଥିବା ଅଭିଯୋଗ କାରୀମାନଙ୍କର କୌଣସି ସମସ୍ୟାର ସମାଧାନ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ଗୋଟିଏ ଅଭିଯୋଗକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଆଜି ବହୁ ଅଭିଯୋଗକାରୀ କହିଛନ୍ତି।

## ମୁକ୍ତେଶ୍ୱର ମନ୍ଦିରରେ ହରପାର୍ବତୀ ବିବାହ



**ମୂଷାଟିକିରି,୯।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ମୂଷାଟିକିରି ମୁକ୍ତେଶ୍ୱର ମନ୍ଦିରରେ ହରପାର୍ବତୀଙ୍କ ବିବାହ ଉତ୍ସବ ନିରାଡମ୍ବର ସହ ପାଳିତ ହୋଇଯାଇଛି। ମନ୍ଦିର ପ୍ରକୋଷ୍ଠରେ ଶୀତଳ ଷଷ୍ଠୀ ଉତ୍ସବ ପୂଜାର୍ଚ୍ଚନା କରାଯିବା ପରେ ବୈଦିକ ରୀତିନୀତି ମୁତାବକ ବିବାହ ଉତ୍ସବ ପର୍ବ ଆରମ୍ଭ ହୋଇଥିଲା। ବର ପକ୍ଷରୁ ମହାଦେବ ଶିବଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ବାଜା ବାଣଫୁଟାଇ ଗ୍ରାମ ପରିକ୍ରମା କରି କନ୍ୟା ପକ୍ଷ ଭବଦ୍ୟୁତି ବେହୁରା ଓ ପତ୍ନୀ କାଦମ୍ବିନୀ ବେହୁରାଙ୍କ ଦ୍ୱାରା ସଂଗ୍ରାମୀ ଭବନ ସୁଦର୍ଶନ ମହାପାତ୍ରଙ୍କ ଘର ନିକଟରେ ସ୍ୱାଗତ କରି ଖରଙ୍କ ବିମାନକୁ ମଙ୍ଗଳ ଆରତି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ପ୍ରମୋଦ କର ଓ ସାଥି ଦେବ ବିବାହ ପାଇଁ ବରପିତା ବିଦ୍ୟାବ୍ରତ କର ଓ ପତ୍ନୀ ସସ୍ମିତା କରଙ୍କୁ ବେଦି ମଣ୍ଡପକୁ ଆସିବାକୁ ଆମନ୍ତ୍ରଣ କରିଥିଲେ। ମନ୍ଦିର ବେଢାରେ ଚାରିକର୍ମ ଓ ବଡ ସିଂହାର ପଞ୍ଚାନବୃତ ସ୍ନାନ କରାଯାଇ ହରପାର୍ବତୀଙ୍କ ବିବାହ ମନ୍ତ୍ର ଉଚ୍ଚାରଣ କରି ବିବାହ ଉତ୍ସବ ସମ୍ପର୍ନ କରାଯାଇଥିଲା। ଉଭୟ ବରକନ୍ୟା ପକ୍ଷ ଓ ଗ୍ରାମବାସୀଙ୍କୁ ମନ୍ଦିର ପରିଚାଳନା କମିଟି ତରଫରୁ ମଧ୍ୟାହ୍ନ ସମୟରେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗ କ୍ରମେ ସୁରମୋହନ ମହାପାତ୍ର ,ଦୁର୍ଯ୍ୟଧନ ବେହେରା,ଦାଶରଥି ମହାପାତ୍ର ,ରାଖାଲ ଚନ୍ଦ୍ର ଜେନା ,ଚନ୍ଦନ ମହାପାତ୍ର ,ଅକ୍ଷୟ କୁମାର ଦାସ, ପାର୍ବତୀ ମନ୍ଦିର ସ୍ଥାପକ ତପସ୍ୱିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହରପାର୍ବତୀ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।

## ତୈଳିକ ବୈଷ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

**ପରଜଙ୍ଗ,୯।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ କନ୍ତୋର ପଞ୍ଚାୟତର ଚାନ୍ଦପୁର ଗ୍ରାମରେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲା ସମନ୍ୱୟ ତୈଳିକ ବୈଷ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକରେ ନୂତନ ସଭାପତି, ସମ୍ପାଦକ ଚୟନ ହେବା ସହିତ ତୈଳିକ ସମାଜର ଦଶମ ପରୀକ୍ଷାରେ ଏ-୧ ପାଇଥବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧନା କରାଯାଇଥିଲା।



ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ଜିଲ୍ଲାରୁ ଶତାଧିକ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚାନ୍ଦପୁର ଗ୍ରାମ ଶିବ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ନେଇ କୀର୍ତ୍ତନ ମଣ୍ଡଳୀ, ଢୋଲ ମହୁରୀରେ ଶୋଭାଯାତ୍ରା କରି ସଭା ସ୍ଥଳୀକୁ ଯାଇଥିଲେ। ସେଠାରେ ଜାତୀୟ ପତାକା ଉତ୍ତୋଳନ କରି ସଭା କାର୍ଯ୍ୟ କରିଥିଲେ। ଏହି ପରଜଙ୍ଗ ମଣ୍ଡଳ ପାଇଁ ନୂତନ କମିଟି ଗଠନ କରାଗଲା ଓ ମଣ୍ଡଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ତାହାର ସମାଧାନ କରାଗଲା। ଏହି ସଭାରେ ଦୁଇ ଜିଲ୍ଲାର ସମନ୍ୱୟ ସଭାପତି ଶ୍ରୀ ସଞ୍ଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଶ୍ରୀ ନିର୍ମଳ ଚନ୍ଦ୍ର ସାହୁ, ସମ୍ପାଦକ ଶ୍ରୀ ଲିଙ୍ଗରାଜ ବେହେରାଙ୍କୁ ଚୟନ କରାଗଲା।

### ଦ୍ୱାଦଶ ଇଫ୍‌କୋ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

## ଇଫ୍‌କୋ ପାରାଦୀପ ୟୁନିଟ୍ ଓଭରଅଲ୍ ଚମ୍ପିଅନ୍




**ପାରାଦୀପ,୯।୬/ଏନ୍‌ଏନ୍‌ଏସ୍:** ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍ ପରିସରରେ ଅନୁଷ୍ଠିତ ଦ୍ୱାଦଶ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ରବିବାର ରାତିରେ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି , ରେଖା ଅଓସ୍ତି ଯୋଗ ଦେଇଥିଲେ। ସୋମବାର ଠାରୁ ଅନୁଷ୍ଠିତ ଏହି ସାଂସ୍କୃତି ସମାରୋହରେ ଇଫ୍‌କୋର ଫୁଲପୁର, କାଲ୍ଲୋଲ,ଆଓଁଲା, କାଣ୍ଡଲା,ଇଫ୍‌କୋ ମୁଖ୍ୟାଳୟ, ଇଫ୍‌କୋ ମାର୍କେଟିଂ ବିଭାଗ ସମେତ ପାରାଦୀପ ୟୁନିଟ୍ ସାମିଲ ହୋଇଥିଲେ। ପାରାଦୀପ ଇଫ୍‌କୋ ୟୁନିଟ୍ ସମସ୍ତ ବିଭାଗରେ ସଫଳତା ପ୍ରଦର୍ଶନ କରିବା ସହିତ ଓଭରଅଲ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ସମାରୋହର ମୁଖ୍ୟଅତିଥି ଡ. ଅଓସ୍ତି ଇଫ୍‌କୋର ସଫଳତା ପଛରେ ଅଧକ୍ଷ ଦିଲ୍ଲୀପ୍ ସଂଘାନୀଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଶା ଭଗବାନ ଲିଙ୍ଗରାଜ, ସୂର୍ଯ୍ୟ ମନ୍ଦିର ଓ ମହାପ୍ରଭୁ ଜଗନ୍ନାଥଙ୍କ ଭୂମି । ତାଙ୍କ ଆର୍ଶୀବାଦ ପାଇଁ ଆମେ ଭାଗ୍ୟବାନ କହିଥିଲେ। ଏହି ୟୁନିଟ୍‌କୁ ଅଧିଗ୍ରହଣ କରିବା ସମୟରେ ତାଙ୍କର ନିଷ୍ପତ୍ତି ଆଜି ସଠିକ୍‌ରେ ପରିଗଣିତ ହୋଇଛି। ୨୦୦୫ ମସିହାରେ ଏହି ସମାରୋହ ଆରମ୍ଭ ହୋଇଥିଲା ସମସ୍ତ ଇଫ୍‌କୋର ମଧ୍ୟରେ ଏକତା, ପ୍ରତିଭାକୁ ବିକଶିତ କରିବା ଥିଲା ଲକ୍ଷ୍ୟ, ଏହି ଲକ୍ଷ୍ୟ ସଫଳ ହୋଇଥିବାରୁ ସେ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହ ସଫଳତାର ସହିତ ଉଦ୍‌ଯାପିତ ହୋଇଥିବାରୁ ପାରଦୀପ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ଏହି ସମାରୋହ ସବୁଦିନ ପାଇଁ ସ୍ମୃତି ହୋଇ ରହିବ ବୋଲି କହିଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆର୍ଶୀବାଦ ଓ ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି , ରେଖା ଅଓସ୍ତି ଦିଗ୍‌ଦର୍ଶନ ଏହି ସମାରୋହକୁ ସଫଳତାର ସହିତ ସମାପନ ହୋଇଛି । ଆୟୋଜନ କମିଟିର ମୁଖ୍ୟ ଏସ୍‌ପି ରଥ, ସମସ୍ତ ଅଧିକାରୀ, କର୍ମଚାରୀ ସଂଘ ଓ ଅଫିସର୍ସ ସଂଘଙ୍କ ଅକ୍ଳାନ୍ତ ପରିଶ୍ରମ ଏହି ସମାରୋହ ସଫଳତାର ସହିତ ଶେଷ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଇଫ୍‌କୋ ଯେ କେବଳ ଏକ ଅନୁଷ୍ଠାନ ନୁହେଁ ଦେଶର କୃଷକଙ୍କ ସାଥିରେ ସବୁବେଳେ ଯୋଡି ହୋଇ ରହିଛି ଏବଂ ଆଗାମୀ ଦିନରେ ଏହା ବଳବତ୍ତର ହୋଇ ରହିବ।

## ଅନ୍ଧାରରେ ପଞ୍ଚକ୍ଷେତ୍ର ମହାବିନାୟକ ରାସ୍ତା

**ବଡ଼ଚଣା,୯।୬/ଏନ୍‌ଏନ୍‌ଏସ୍:**ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ। ଏଠାରେ ଗୋଟିଏ ପ୍ରସ୍ତରରେ ପଞ୍ଚ ଦେବତା ପୂଜା ପାଆନ୍ତି। ପ୍ରାକୃତିକ ପରିବେଶ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏଠାକୁ ଭାରତରେ ବିଭିନ୍ନ ପ୍ରାନ୍ତରୁ ଦୈନିକ ଶହ ଶହ ପର୍ଯ୍ୟଟକ ଆସିଥାନ୍ତି। ପୁରାଣ ପ୍ରସିଦ୍ଧ ବାରୁଣା ବନ୍ତ ପାହାଡ଼ର ପାଦଦେଶରେ ଅବସ୍ଥିତ ମହାବିନାୟକ ପୀଠ। ସବୁଜ ପରିବେଶ ଭରା ଘଞ୍ଚ ଜଙ୍ଗଲ, ଝରଣାର କୁଳୁକୁଳୁ ଶବ୍ଦ, ବିଭିନ୍ନ ପଶୁ ପକ୍ଷୀମାନଙ୍କ କିଚିରି ମିଚିରି ଶବ୍ଦରେ ସ୍ଥାନଟି ବେଶ୍ ମନୋରମ। ଏଠାରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ବହୁ ସୁବିଧା ଥିଲେ ମଧ୍ୟ, ରାତ୍ରୀ କାଳୀନ ଆଲୋକ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମନ୍ଦିରର ପାଦଦେଶରୁ ଅଗ୍ରଭାଗ ପର୍ଯ୍ୟନ୍ତ ଥିବା ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଜଳୁ ନ ଥିବାରୁ ପର୍ଯ୍ୟଟକମାନେ ଅନ୍ଧାରରେ ଯିବା ଆସିବା କରିଥାନ୍ତି। ରାତ୍ରୀ ସମୟରେ ବଣୁଆ ଜୀବ ଜନ୍ତୁ ଓ ବିଷାକ୍ତ ସାପ ଭୟ ରହିଥାଏ। ଅମର ନାୟକ ବଡଚଣା ବିଧାୟକ ନିର୍ବାଚିତ ହେଲା ପରେ ତାଙ୍କ ଉଦ୍ୟମରେ ୪୫ଗୋଟି ଷ୍ଟ୍ରିଟ୍ ଲାଇଟ ଲଗାଇ ଥିଲେ। ମାତ୍ର ଉପଯୁକ୍ତ ରକ୍ଷଣା ବେକ୍ଷଣ ଯୋଗୁ ଏବେ ଲାଇଟଗୁଡ଼ିକ ଜଳୁନାହିଁ। ରାସ୍ତାଟି ସମ୍ପୂର୍ଣ ଅନ୍ଧାରରେ ରହିଛି। ଆଗମୀ ଶ୍ରାବଣ ମାସରେ ଏଠାକୁ ଓଡ଼ିଶା ଓ ଓଡ଼ିଶା ବାହାରୁ ଶିବ ଭକ୍ତମାନେ ଜଳା ଭିସେକ ପାଇଁ ଆସିବେ। ମନ୍ଦିର ପରିଚାଳନା କମିଟି ରକ୍ଷଣା ବେକ୍ଷଣରେ ଅବହେଳା ଯୋଗୁ ଏହି ରାସ୍ତାଟି ଅନ୍ଧକାରରେ ରହୁଛିବୋଲି ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ରାସ୍ତାଟି ଆଲୋକୀକରଣ କରିବା ପାଇଁ ଦାବି ହେଉଛି।

### ଦଧିବାମନଜିଉଙ୍କ ମନ୍ଦିର ଉନ୍ନତୀକରଣ କାର୍ଯ୍ୟରେ ନିମ୍ନମାନର ଇଟା

## ଦୋଷକୁ ଲୁଚାଇବାକୁ ଠିକାଦାର ତତ୍ପର



**ଚାନ୍ଦୋଳ,୯।୬/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜିଉଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟରେ ନିମ୍ନମାନର ଇଟା ବ୍ୟବହାର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ହେଲେ ଠିକାଦାର ଓ ଯନ୍ତ୍ରୀ ଏ ସମ୍ବନ୍ଧରେ କର୍ଣ୍ଣପାତ ନକରି କାର୍ଯ୍ୟ କରି ଆସୁଥିଲେ । ଗତକାଲି ଏ ସମ୍ପର୍କରେ ବିଭିନ୍ନ ଗଣମାଧମରେ ସଚିତ୍ର ଖବର ପ୍ରକାଶ ପାଇବା ପରେ ଠିକାଦାର ନିମ୍ନମାନର ଇଟାକୁ ଲୁଚେଇବା ପାଇଁ ତତ୍ପର ହୋଇ ଉଠିଛନ୍ତି ।ଆଜି ସକାଳୁ ଲୋକ ଲଗାଇ ଠିକାଦାର ପୂର୍ବରୁ ଇତସ୍ତତ ଭାବେ ପଡ଼ିଥିବା ଇଟାକୁ ବାଛି ଭଲ ଭଲ ଗୋଟି ଇଟାକୁ ଥାକ କରିବା ସହିତ ସମସ୍ତ ଭଙ୍ଗା ଓ ଗୁଣ୍ଡ ଇଟାକୁ ଲୋକଲଗାଇ ସେଠାରୁ ସଫା କରିଦେଇଥିଲେ। ହେଲେ ଯେତେ ଲୁଚିଲେ ମଧ ଗୋଡ଼ ଦିଶୁଛି ନ୍ୟାୟରେ ଥାକ ହୋଇଥିବା ଇଟା ଯେ ବର୍ଷାରେ ଧୋଇ ହୋଇଯାଇଛି ତାହା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ତେବେ ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ ଠିକାଦାର ଇଟା ଫ୍ୟାକ୍ଟ୍ରିରୁ ସଙ୍ଗେ ସଙ୍ଗେ ନିର୍ମିତ ହୋଇଥିବା ନିମ୍ନମାନର ସିମେଣ୍ଟ ଇଟାକୁ ଆଣି ତୁରନ୍ତ ଲୋକ ଲଗାଇ ନିର୍ମାଣ କାର୍ଯ୍ୟ କରିଦେଇଥାନ୍ତି । ହେଲେ କୌଣସି କାରଣରୁ ଆସିଥିବା ଇଟା କାର୍ଯ୍ୟରେ ଲାଗି ନପାରି ଗଦା ହୋଇରହିଥିଲା । ଖୋଲା ଆକାଶ ତଳେ ଗଦା ହୋଇଥିବା ଏହି ଇଟା ଲଗୁଚାପ ବର୍ଷାରେ ଧୋଇ ହୋଇ ହୋଇଯିବାରୁ ଏହା ଯେ ନିମ୍ନମାନର ଇଟା ତାହା ଧରା ପଡ଼ିଯାଇଥିଲା। ପ୍ରଭୁ ଦଧିବାମନଜିଉ ଡେରାବିଶର ଆରାଧ ହୋଇଥିବା ବେଳେ ଏଠାରେ ବାର ମାସରେ ତେର ଯାତ୍ରା ଓ ପର୍ବ ପର୍ବାଣୀ ପାଳନ ହୋଇଥାଏ। ଯେଉଁଥି ପାଇଁ ବର୍ଷସାରା ହଜାର ହଜାର ଜନସାଧାରଣ ଶ୍ରୀ ଜିଉଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏଠାରେ ବର୍ଷସାରା ଶହଶହ ବିବାହ କାର୍ଯ୍ୟ ମଧ କରାଯାଏ । ଏଥିସହିତ ଆଉ କେଇଟା ଦିନ ପରେ ମହାପ୍ରଭୁଙ୍କ ରଥଯାତ୍ରା ମଧ ଅନୁଷ୍ଠିତ ହେବ । ତେବେ ଠିକାଦାର ଏହିଭଳି ଇଟାରେ ଯଦି ଭକ୍ତ ନିବାସ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ନିର୍ମାଣ କରିଥାଏ ତାହାର ସ୍ଥାୟୀତ୍ୱ ନେଇ ଭକ୍ତମହଲରେ ସନ୍ଦେହ ଉପୁଜିଲାଣି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ଠିକାଦାର ବୋଧହୁଏ ଫ୍ୟାକ୍ଟ୍ରିରୁ ଇଟାକୁ ନିର୍ମାଣ କରି ଏହକୁ ସଠିକ ଭାବରେ କ୍ୟୁରିଙ୍ଗ ନକରି କାମ କରିବା ପାଇଁ ନେଇ ଆସିଛନ୍ତି। ଯାହା ପାଇଁ ଏଭଳି ଅବସ୍ଥା ହୋଇଛି ବୋଲି କହିଥିଲେ ।

## ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ଠାରେ ଚାଷୀଙ୍କ ଅଭିଯୋଗ

# ପୋଲ ମୁହଁ ଅବରୋଧ, ଚାଷ ଜମି ଜଳାର୍ଣ୍ଣବ ଆଶଙ୍କା

**ନିଶ୍ଚିନ୍ତକୋଇଲି,୯/୬/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ପାଟପୁର ଚୌଧୁରୀ ସାହି ୧୯ ନମ୍ବର ଡ୍ରେନେଜ୍ କଟ୍‌ର ଯୋର ରାସ୍ତାରେ ଜମିରୁ ବର୍ଷା ଜଳ ନିଷ୍କାସନ ପାଇଁ ରହିଥିବା ଦୁଇଟି ପୋଲ ମୁହଁକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରିବାରୁ ଶହ ଶହ ଏକର ଜମି ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଛି । ବର୍ଷା ଋତୁରେ ଚାଷୀମାନେ ଖରିଫ ଧାନ ଫସଲ କ୍ଷେତରୁ ଜଳ ନିଷ୍କାସନ ହୋଇ ନପାରି ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଜଳ ନିଷ୍କାସନ ନହେଲେ ପାଟପୁର, ମାତକତପୁର, ଏକ୍ରାମନଗର, ନଟରା ଆଦି ଗ୍ରାମର ଚାଷୀମାନେ ସେମାନଙ୍କର ଫସଲ ଉଜୁଡିଯିବା ନେଇ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କଠାରେ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ଜଣାଯାଏ ଯେ ଜଳ ନିଷ୍କାସନ ପାଇଁ ଥିବା ପୋଲ ମୁହଁରେ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଂଚଳର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ୧୯ ଖୁଣ୍ଟ ଚାଷ ଜମିରେ ଏକ କାରଖାନା ବସାଇବା ପାଇଁ ଘର ନିର୍ମାଣ କରୁଛନ୍ତି । ଉକ୍ତ ଚାଷ ଜମିକୁ ତହସିଲଦାରଙ୍କ ପକ୍ଷରୁ ଘରବାରି ସତ୍ତ୍ୱରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ସରକାରୀ ନିୟମାନୁଯାୟୀ ଚାଷ ଜମିକୁ ଘରବାରି ସତ୍ତ୍ୱରେ ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ସଂପୃକ୍ତ ଅଞ୍ଚଳକୁ ତଦନ୍ତ କରାଯାଇ ଏହାର ପାଖ ସତ୍ତ୍ୱର ସତ୍ତ୍ୱାଧିକାରୀ ତଥା ଚାଷଜମିମାଲିକଙ୍କୁ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ପଚାରିବୁଝିବା କଥା । ହେଲେ ତହସିଲ ପ୍ରଶାସନ ପକ୍ଷରୁ ସଂପୂର୍ଣ୍ଣ ଏହାକୁ ଅଣଦେଖା କରାଯାଇ କେବଳ କାଗଜକଲମରେ ସମସ୍ତ କାର୍ଯ୍ୟ କରାଯାଇ ସତ୍ତ୍ୱ ପରିବର୍ତ୍ତନ କରାଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି । ସଂପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜମିକୁ ପୋତି ଦେଇ ଏଠାରେ ବଡ଼ କୋଠା ଘର କରି କାରଖାନା ବସାଇଲେ ଏହାର ଉପର ମୁଣ୍ଡରେ ଥିବା ୫ ଖଣ୍ଡି ଗ୍ରାମର ଚାଷୀମାନଙ୍କର ଶହ ଶହ ଏକର ଚାଷ ଜମିରେ ପାଣି ଜମି ରହିବା ଫଳରେ ଧାନ ଫସଲ ବୁଡି ରହିବ ବୋଲି ଆଶଙ୍କା ଦେଖାଦେଇଛି । ଏସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀମାନେ ଜାଣିବା ପରେ ଗତ ଫେବୃୟାରୀ ମାସରୁ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅପରପକ୍ଷରେ ଜମି ମାଲିକ ଜଣକ ଦ୍ରୁତଗତିରେ ଘର ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି । ତୁରନ୍ତ ଏଥିପ୍ରତି ତହସିଲଦାର ଓ ଉଚ୍ଚ କର୍ତ୍ତୃପକ୍ଷ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ନହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ସେହିପରି ଏହି ୧୯ନମ୍ବର ଡ୍ରେନେଜ୍‌ର ତଳ ଭାଗରେ ଥିବା ବହୁ ଚାଷ ଜମିକୁ ପାଣି ସଠିକ୍ ଭାବେ ଆସିବା ନେଇ ଆଶଙ୍କା ମଧ୍ୟ ପ୍ରକାଶ ପାଇଛି । ଡେନ୍ରେଜ ବିଭାଗ ଏହା ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



# ଯୁବସଂସଦ ପକ୍ଷରୁ ରକ୍ତଦାନ ଶିବିର

**ଓଡ଼ଗାଁ,୯/୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମପଞ୍ଚାୟତ ଅଧୀନ ଦଣ୍ଡୋର ଜୟଶ୍ରୀ ପାଣିଷଣ୍ଡ ଯୁବସଂସଦ ପକ୍ଷରୁ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ବ୍ୟାଙ୍କର ମିଳିତ ଉଦ୍ୟମରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ଶିବିରରେ ମୋଟ ୩୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଡାକ୍ତର ନରେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲଡ଼ବ୍ୟାଙ୍କର ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମରେ ନୟାଗଡର ବରିଷ୍ଠ ସମାଜସେବୀ ଦାମୋଦର ସାହୁ,କୁରାଳ ସରପଞ୍ଚ ବିଜନ ପାଇକରାୟ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ସମାଜସେବୀ ପ୍ରଭାତ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଯୁବସଂସଦ ସଭାପତି ପ୍ରସନ୍ନ କୁମାର ରାଉତ, ସଂପାଦକ ପ୍ରଦୋଷ କୁମାର ରାଉତ, ଉପଦେଷ୍ଟା ରଞ୍ଜନ କୁମାର ରାଉତ, ଆଶୀର୍ବାଦ ବେହେରା, ପ୍ରତ୍ୟୁଷ ରାଉତ, ପ୍ରଣତ ବିଶୋଇ, ଦିପ୍ତି ରାଉତ ଓ ଦେବୀପ୍ରସାଦ ସାହାଣୀ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଯୁବସଂସଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଅଧ୍ୟାପକ ସୁଶାନ୍ତ ବିଶୋଇ ସମସ୍ତ ପରିଚାଳନା କରିଥିଲେ ।



# ଅପେରଟର ମହାସଂଘ ପକ୍ଷରୁ ମୃତ ହେଲ୍‌ପରଙ୍କ ପରିବାରକୁ ସହାୟତା



**ଟାଙ୍ଗୀ,୯/୬/ଏନ୍‌ଏନ୍‌ଏସ୍:** ସରକାର ବାଲି ଘାଟ ରୋକ୍ ଲଗାଇଥିବା ବେଳେ ବାଲି ମାଫିଆ ଓ ଖଣି ବିଭାଗ ଅଧିକାରୀଙ୍କ ଭିତରେ ମିଠା ଭଳି ସମ୍ପର୍କ ପାଇଁ ହାଇୱା ଚକା ତଳେ ଜଣେ ନିରୀହ ହେଲ୍‌ପରଙ୍କ ଜୀବନ ଚାଲିଯାଇଛି । ବାଲି ମାଫିଆମାନେ ଘଟଣାକୁ ଚାପି ଦେଇଥିବା ବେଳେ କିଛିଟା ଟଙ୍କା ଦେଇ କାମ ସାରିଦେଇଛନ୍ତି । ନୂଆ ପୋକିଲିନ୍ ମେସିନରେ ହେଲ୍ପର କାମ କରୁଥିବା ପିଲାଟିର ଜୀବନ ଚାଲିଯିବାରୁ ବାପା ମା'ଙ୍କୁ ବେସାହାରା କରିଦେଇଛି । ମୃତ ହେଲ୍ପର ଜଣଙ୍କ ଟାଙ୍ଗୀ ଥାନା କରଞ୍ଜି ପଞ୍ଚାୟତ ହରିଡାପାଳ ଗ୍ରାମର ପବିତ୍ର ମହନ୍ତ ବୋଲି ଜଣାପଡ଼ିଛି । ସେ କଟକ ସ୍ଥିତ ଏକ ବାଲିଘାଟରେ ପୋକିଲିନ୍ ମେସିନ୍ ହେଲ୍ପର ଭାବେ କାର୍ଯ୍ୟ କରୁଥିବା ବେଳେ ରାତି ସମୟରେ ବାଲି ଗଦାରେ ଶୋଇଥିବା ସମୟରେ ଏକ ହାଇୱା ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଗରିବ ଶ୍ରେଣୀର ପିଲା ହୋଇଥିବା ବେଳେ ଯାହା ରୋଜଗାର କରେ ଘର ଦାୟିତ୍ୱ ମା ବାପାଙ୍କ ଦାୟିତ୍ୱ ସବୁ ତୁଲାଇଥାଏ । ପବିତ୍ରର ଏ ଅକାଳ ବିୟୋଗ ଯେମିତି ମା ବାପାଙ୍କ ଉପରେ ଅଭିଶାପ ପଡ଼ିଯାଇଛି । ପୁଅକୁ ହରାଇ ମା ବାପା ଭାଙ୍ଗି ପଡିଥିବା ବେଳେ ଟାଙ୍ଗୀ ସାଲେପୁର ବିଶ୍ୱକର୍ମା ଅପରେଟର ମହାସଂଘର ରାଜ୍ୟ ସଭାପତି ଧୀରେନ୍ ମହନ୍ତ, ସଂଘ ସଭାପତି ଅଶୋକ କୁମାର ସ୍ୱାଇଁ, ଉପ ସଭାପତି ରାମଚନ୍ଦ୍ର ଓଝା ସମ୍ପାଦକ ମନୋଜ କୁମାର ମହନ୍ତ, ସହ ସମ୍ପାଦକ ଚିତ୍ତରଞ୍ଜନ ଲେଙ୍କା, ସଭ୍ୟ ଶରତ କୁମାର ମହନ୍ତ, ଲୋକନାଥ ମହନ୍ତ, ସୁବାସ ମହନ୍ତ, ପୁରୁଷୋତ୍ତମ ମହନ୍ତ, ସହଦେବ ମହନ୍ତ, ପବିତ୍ର ମହନ୍ତ ପହଞ୍ଚି ସମବେଦନା ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 09.06.2025 I, Ariga Linga Raj, S/o A. Surja Narayan, resident Plot No.49, Shikharchandi Nagar, KIIT, Patia, VTC-Bhubaneswar, P.O- KIIT, Bhubaneswar, P.S - Infocity, Dist.- Khordha, PIN-751024, Odisha have changed my daughter's name from A. Aradhya to Ariga Aaradhya. Henceforth she will be known as Ariga Aaradhya for all purpose.

(Ariga Linga Raj)

**AFFIDAVIT**

By virtue of an affidavit dated 19.05.2025 sworn before the Executive Magistrate, Cuttack; I Pooja Sharma W/o Abhishek Sharma permanent resident of Purighat Road, Telenga Bazar, PO- Telenga Bazar, PS- Purighat, Dist- Cuttack hereby declare that I have changed my Son's name from Reyansh Sharma to Manan Sharma. Henceforth he will be known as Manan Sharma for all purposes.

**ଦକ୍ଷିଣପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ଅରୁ ଓ ପାଇଁ କାର୍ଯ୍ୟ କରୁଥିବା Dy. Chief Electrical Services Engineer, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନରିଚ, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ତା. ୦୨.୦୭.୨୦୨୫ ଏବଂ ସମୟ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କ୍ର.ନଂ-୧: ଇ-ଟେଣ୍ଡର ନୋଟିସ୍ ନଂ.: ADEE-GRC-Concealed-25-24 ... www.ireps.gov.in ... (PR-237)

**Walk in Interview**

Candidate having 50% PG Level are requested to attend interview for the post of Guest Faculty in Govt. Vocational Higher Secondary School Bhadrak Women's College, Bhadrak for the session 2025-26 on contractual basis in the subject and date mentioned below along with all original and one set of photocopy of educational certificate. Salary is as per the Govt. Guidelines.

| Date | Time | Subject |
|---|---|---|
| 17-06-2025 | 11 AM | IT/ITes and CRM trade |

Sd- Principal, GVHSS, Bhadrak Women's H.S.S, Bhadrak

**AFFIDAVIT**

By virtue of an affidavit sworn before Notary Public, Balliguda, on dated.29.05.2025, I, Maheshwar Malik aged about 70 year Son of Late Lusna Malik of Village,/P.O. Balimusti , P.S- Balliguda , Dist- Kandhamal, That I have Changed the name of My Minor Son From "BIGHANASWRA MALLICK" To "BIGHNESWAR MALLICK" and henceforth he will be known as ""BIGHNESWAR MALLICK" for all Government and Private purpose.

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/24, ତା.04.06.2025ରିଖ

(1) ଟେଣ୍ଡର ସଂ.e-Tender-estatekur-79-25, ତା.30.05.2025ରିଖ

ବିବରଣୀ: କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ ଆପାତକାଳୀନ ବ୍ଲକ (Casualty Block) ... MD ...

କାର୍ଯ୍ୟର ଆନୁମାନିକ ମୂଲ୍ୟ: 193.33 ଲକ୍ଷ, EMD (ଟଙ୍କାରେ) : 2,46,700/-।

(2) ଟେଣ୍ଡର ସଂ.e-Tender-estatekur-88-25, ତା.30.05.2025ରିଖ

ବିବରଣୀ: କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ 225000 ଲିଟର କ୍ଷମତା ବିଶିଷ୍ଟ RCC ... ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 96.08 ଲକ୍ଷ, EMD (ଟଙ୍କାରେ) : 1,92,200/-।

(3) ଟେଣ୍ଡର ସଂ.e-Tender-estatekur-80-25, ତା.30.05.2025ରିଖ

ବିବରଣୀ: ମଞ୍ଚେଶ୍ୱର, ଭୁବନେଶ୍ୱର ସ୍ଥିତ ... ବିବିଧ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 161.91 ଲକ୍ଷ, EMD (ଟଙ୍କାରେ) : 2,31,000/-।

(4) ଟେଣ୍ଡର ସଂ.e-Tender-CENTKUR-Qtr-TLHR, ତା.28.05.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ... ବିବିଧ ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 270.14 ଲକ୍ଷ, EMD (ଟଙ୍କାରେ) : 2,85,100/-।

ଶେଷ ହେବା ଅବଧି : 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2025 ରିଖ 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ)।

... www.ireps.gov.in ...

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-210/Q/25-26

**SUBHADRA MAHATAB MAHAVIDYALAYA**
Asureswar, Cuttack, Odisha

**QUOTATION CALL NOTICE**

Sealed quotations are invited from registered firms / Distributors / Suppliers / Agencies having valid GST Registration / PAN and Income Tax Clearance Certificates for the supply of IT Infrastructure equipment. The quotation must reach the undersigned by Registered Post / Speed Post on or before 17.06.2025 by 5 pm. For more details visit www.smm.edu.in.

Sd/- Principal

C-480
e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**

e-procurement Notice for Bid Identification No. SEPH-DIVISION, CTC- 10 of 2025-26

1. Name of the work :- 1 No of P.H. work
2. Estimated cost :- Rs. 84.03 Lakhs
3. Period of completion :- 3 months
4. Date & time of availability of bid document in the portal :- 16.06.2025 from 11.00 A.M to 30.06.2025 upto 5.00 P.M
5. Last date & time of seeking clarification :- 21.06.2025 upto 5.00 P.M
6. Last date / time of receipt of bids in the portal :- 30.06.2025 upto 5.00 P.M
7. Date & time of opening of bids :- 01.07.2025 at 11.00 A.M
8. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Superintendening Engineer
P.H Division, Cuttack

OIPR- 13225/11/0025/2526

A-261

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
**Dist : Khurda, Odisha-752056**
Tel/Fax : 06755-796308
Mail id :- eekhurdairrigationdivision@gmail.com

**'e'- Procurement Notice No. KHD-01 OF 2025-26, Dtd. 05.06.2025**

1. Name of the work : 18 (Eighteen) nos. of Civil Work
2. Tender Cost : Varies from Rs. 23.37 Lakhs to 49.95 Lakhs
3. Bid Document cost : Rs. 6000/-
4. Bid Security : Varies from Rs.23400/- to Rs. 50000/-
5. Class of Contractor : C & B
6. Period of completion : 06 (Six) calendar months
7. Other details are as follows:

| Procurement Officer | Bid Identification No. | Availability of Tender on-line for bidding | | Date of opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Khurda Irrigation Division, Khurda | KHD 01-01 of 2025-26 to KHD-01-18 of 2025-26 | 12.06.2025 at 11.30 AM | 21.06.2025 up to 5.30 PM | 23.06.2025 at 11.00 AM |

8. e-mail Id : eekhurdairrigationdivision@gmail.com
9. If required lottery may be held on 05.07.2025 at 11.00 AM

Further details conditions can be seen from the Govt. website www.tendersodisha.gov.in

Sd/- Superintending Engineer
Khurda Irrigation Division, Khurda

OIPR-32078/11/0008/2526

O-262

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax office, Berhampur-760011, Ganjam, Odisha)

(E-Mail (ଇ)):- ccrwbpr2004@yahoo.com, Tel No. (ଫୋ):- 0680-2404287)

E-Mail / E-despatch

**NOTICE**

**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/05-2025-26/PMGSY/BPR**

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of Roads / Bridges under PRADHAN MANTRI-JANJATI ADIVASI NYAYA MAHA ABHIYAN (PM-JANMAN Batch-I /2024-25) under Pradhan Mantri Gram Sadak Yojana (PMGSY) in the districts of Ganjam for 08 (Eight) number of packages with estimated cost totalling to Rs 21.91 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement. Dtd. 12.06.2025

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 26.06.2025 upto 5.30 P.M

For further details and corrigendum (if any) please log on to www.pmgsytenders.gov.in.

Chief Construction Engineer
R.W Circle, Berhampur

OIPR-25071/11/0096/2526

B-184
E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

**Government of Odisha**
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
**( 'e' – PROCUREMENT NOTICE )**
**Bid Identification No.CCE.Ctc.(R&B) 3 /2025-26.**

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Bridge & Building works as mentioned below.
2. No. of work :- 06 Nos.
3. Nature of work :- Bridge & Building works
4. Class of contractor :- 'B', 'A' & Special Class
5. Tender paper cost :- Rs.10000/- (online)
6. Available of bid document in the web site. :- From 16.06.2025 to 17.30 Hours of 05.07.2025
7. Date of opening of bid :- Dt.07.07.2025 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Chief Construction Engineer
Cuttack ( R & B) Circle

OIPR-34012/11/0037/2526

O-257

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
Email ID-ccerwcrayagada@gmail.com

Letter No.1080 _/ Date:05.06.2025

**2nd Corrigendum**

In Continuation to this office bid identification No. NCB-05/ RWCRGDA/2025-26 invited vide this office letter No-530 dated-11.04.2025 & 1st corrigendum letter No-903 dated-15.05.2025 partial modification of TCN has been made as follows:

| Sl.No. | Item | Time schedule as per Original TCN | Time schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05. 2025 Up to 5.00 P.M. | Extended up to 5.00 PM of 04.07.2025 |
| 2 | Date & time of seeking tender clarification if any | Dt.15.05.2025 Up to 5.00 P.M. | Dt.03.07.2025 Up to 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 At 11.00 A.M. | Dt.05.07.2025 At 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Sd/- Chief Construction Engineer,
Rural Works Circle, Rayagada

OIPR-25196/11/0015/2526

**OFFICE OF THE PRINCIPAL, N.B.C COLLEGE, KENDUPADAR, GANJAM**
Email ID: info.nbccollege@gmail.com , Website: https://nbccollege.edu.in/

Letter No. 472/NBC/2025 Date: 09/06/2025

**QUOTATION NOTICE CALL**

Sealed quotations are invited from the registered firms, vendors, suppliers having a valid GSTIN number to supply equipment for the upgradation of IT infrastructure of N.B.C College Kendupadar, Ganjam. Interested bidders, having OEM authorization and ISO certification, are requested to send the sealed quotations along with their authorization certifications through Registered/speed post on or before 16/06/2025 up to 3:00 PM to the Principal, N.B.C College, Kendupadar, Ganjam. For detailed specifications, terms and conditions, etc kindly visit our college website; https://nbccollege.edu.in/. The authority reserves all the rights to accept or reject all the quotations without assigning any reason thereof.

Sd/
PRINCIPAL, N.B.C COLLEGE, KENDUPADAR

i-149

**GOVT. OF ODISHA**
**OFFICE OF THE PANCHAYAT SAMITI ,NARASINGHPUR,CUTTACK,**
Phone No. 06721-291055
Email–ori-narsinghpur@nic.in
'e'-procurement Notice No: – NSP/02/2025-26

1. Name of work : As mentioned above
2. Total No. of works : 4(Four) Nos. of works.
3. Tender Cost : As per DTCN (Online)
4. Mode of Payment of EMD(Bid Security) & Bid Cost : As per DTCN (Online)
5. Period of completion : 06 (Six) Calendar Months
6. Other details as follows :
   - (i) Procurement Officer : Block Development Officer, NARASINGHPUR, Cuttack
   - (ii) Availability of Tender online for Bidding : 09.06.2025 from 10.00 A.M to 20.06.2025 up to 3.00 P.M.(Selling); 09.06.2025 from 10.00 A.M to 20.06.2025 up to 5.00 P.M.(Submission)
   - (iii) Date, Time & Venue of opening of Bid through Online : Dtd. 21.06.2025- 11AM in the Office of the Panchayat Samiti, NARASINGHPUR
   - (iv) Date of Transparent Lottery to be Conducted (if required) : On 30.06.2025 at 11 A.M in the Conference Hall of Block, NARASINGHPUR, Cuttack

(Bidders shall furnish their present e-mail id, address and Telephone No. for further correspondence)

Further tenders are available in web-site www.tendersodisha.gov.in.

Block Development Officer
Narasinghpur

OIPR-19046/11/0004/2526

A-260

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDB-01/ 2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDB - 01/ 2025-26
5. Estimated Cost : Rs. 23,52,942.00
6. Period of Completion : 02 (Two) calendar month.
7. Date & time of availability of bid documents in the Portal : From dt.11.06.2025 (10.00 AM) to dt.23.06.2025(5.30 PM)
8. Last date/ time for receipt of bid In the Portal : dt. 23.06.2025 (up to 5.30 PM)
9. Date and Place of opening of Bid : dt.24.06.2025 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0041/2526

A-262

***GOVERNMENT OF ODISHA***
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
**INVITATION FOR BIDS (IFB)**
Email ID- ee.hwd.samal@gmail.com
**'e'-Procurement Notice No. SE-HWD- 02/2025-26**

The Superintending Engineer, Head Works Division, Samal on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, Head Works Division, Samal who must possess valid labour license for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | Name of the works | : | Labour supply for operation and maintenance of water supply system at Samal Barrage Township for the period May 2025 to March 2026 |
| 2 | Estimated Cost | : | Approximately 19.84 lakhs |
| 3 | Cost of tender paper | : | Rs. 6000.00 (Non-refundable) |
| 4 | EMD/ Bid Security | : | Rs.19,900.00 (Refundable) |
| 5 | Class of contractor | : | 'Registered firm with valid labour license', EPF and ESI registration certificate |
| 6 | Period of Completion of work | : | During the FY 2025-26 |
| 7 | Date and time of availability of bid Document in the website | : | From 11.00 A.M of Dt. 09.06.2025 to 5.00 P.M. of Dt.18.06.2025 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.19.06.2025 at 11.00 A.M in O/o the Superintending Engineer, Head Works Division, Samal |
| 9 | Date, time and place for finalization of tender through Transparent Lottery System (if required) | : | Intimate later |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Head Works Division, Samal

OIPR-32020/11/0012/2526

## ପ୍ରଥମ ପୃଷ୍ଠାରୁ

### ଚଳନ୍ତା ଟ୍ରେନ୍‌ରୁ ଖସି ...

କେନ୍ଦ୍ରୀୟ ରେଳବାଇ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ଅନ୍ୟ ଏକ ଟ୍ରେନ୍ ବିପରୀତ ଦିଗରୁ ଯାଉଥିବାରୁ ଏବଂ ସେଥିରେ ମଧ୍ୟ ଅସମ୍ଭାଳ ଭିଡ ଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ରେଳ ବୋର୍ଡ ନିଷ୍ପତ୍ତି ନେଇଛି ଯେ ମୁମ୍ବାଇ ଉପନଗରୀୟ କ୍ଷେତ୍ର ପାଇଁ ନିର୍ମିତ ସମସ୍ତ ଟ୍ରେନରେ ସ୍ୱୟଂଚାଳିତ ଦ୍ୱାର ବନ୍ଦ କରିବାର ସୁବିଧା ରହିବ। ସେବାରେ ଥିବା ରେକଗୁଡ଼ିକୁ ମଧ୍ୟ ପୁନଃନିର୍ମାଣ କରାଯିବ ଏବଂ ସମାନ ବୈଶିଷ୍ଟ୍ୟ ଯୋଡାଯିବ।

### ଆଇଇଡି ବିସ୍ଫୋରଣରେ ଏଏସ୍‌ପି ...

କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆକାଶ ରାଓ ଗିରପୁଞ୍ଜେଙ୍କ ମୃତ୍ୟୁ ଘଟିଥିଲା।

### ଧର୍ମଗଡ଼ରେ ଉପଜିଲ୍ଲାପାଳଙ୍କ ...

ଅଞ୍ଚଳର ଜଣେ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲାବେଳେ ରବିବାର ବିଳମ୍ବିତ ରାତିରେ ଭିଜିଲାନ୍ସ ଧୀମାନ ଚକ୍‌ମାଙ୍କୁ ଧରିବା ସହ ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଧୀମାନ ଚକମା ସମ୍ପୃକ୍ତ କ୍ରସର ମାଲିକଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ୨୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ । ଫଳରେ କ୍ରସର ମାଲିକ ଅନ୍ୟ ଉପାୟ ନପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ୧୦ ଲକ୍ଷ ନେବା ପାଇଁ ପ୍ରଥମ କିସ୍ତି ବାବଦରେ ଡିଲ୍ ହୋଇଥିଲା। ଯୋଜନା ମୁତାବକ ଭିଜିଲାନ୍ସ ଗତକାଲି ରାତି ୯ଟା ବେଳୁ ସଜାଗ ହୋଇଯାଇଥିଲା। ଯେତେବେଳେ ଉପଜିଲ୍ଲାପାଳ ଧର୍ମଗଡସ୍ଥିତ ତାଙ୍କ ସରକାରୀ ବାସ ଭବନରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ ହଠାତ୍ ଭିଜିଲାନ୍ସ ସେଠାରେ ପହଞ୍ଚି ତାଙ୍କୁ ଧରିଥିଲା। ଏହା ପରେ ଘର ରେଡ୍ କରିବାରୁ ସେଠାରୁ ୪୭ଲକ୍ଷ ଟଙ୍କା ମିଳିଥିଲା। ଉଲ୍ଲେଖଯୋଗ୍ୟ ଯେ ଧୀମାନ ୨୦୧୯ ମସିହାରେ ଭାରତୀୟ ସେବା ସେବା (ଆଇଏଫ୍ଏସ୍ ) ଓଡିଶା କ୍ୟାଡର ଅଧିକାରୀଭାବେ ବାରିପଦାରେ ଏସିଏଫ୍ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ସେ ୨୦୨୦ରେ ୟୁପିଏସସି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। ୨୦୨୧ ବ୍ୟାଚର ଓଡିଶା କ୍ୟାଡର ଆଇଏଏସ୍ ଅଫିସର ଟ୍ରେନିଂ ଶେଷ କରି ଧର୍ମଗଡର ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

### ବିକାଶମୂଳକ କାର୍ଯ୍ୟରୁ ଆରମ୍ଭ ...

କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ବୈଠକରୁ ଜଣାଯାଇଛି।ମୁଖ୍ୟମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ଏଥିପାଇଁ ଯଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା କେନାଲ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୁଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଚୋରା ବାଲି ଚାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ଜିଲ୍ଲା କୃଷି ରଥ ଓ ରାଜସ୍ୱ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଉକ୍ତ ସମୀକ୍ଷା ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସଙ୍କ ସମେତ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆରମ୍ଭ ହେବ ମହାପୁରୁଷ ...

ଅବହେଳିତ ଅଛି। ଆମର ଅନେକ ମହାପୁରୁଷ ଏମିତି ଅଛନ୍ତି ଯାହାଙ୍କୁ ମହାପୁରୁଷ ଆଦର୍ଶ ଗାଁ ଯୋଜନା ନାମରେ ଏକ ନୂଆ ଯୋଜନା ତିଆରି ହେବ। ସେହି ଗାଁର ଉନ୍ନତି ପଞ୍ଚାୟତିରାଜ ବିଭାଗ କରିବ। ତେବେ ୧୦୦ ରୁ ୧୫୦ ଗାଁ ହେବ 'ମହାପୁରୁଷ ଆଦର୍ଶ ଗାଁ' ୯ ରୁ ୧୦ ବିଭାଗ ମିଳିତ ଭାବେ କାମ ହେବ। ସେ କହିଛନ୍ତି ଯେ, ବିଭିନ୍ନ ବିଭାଗ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏନେଇ ସହଯୋଗ କରିବେ। ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଅବହେଳିତ ଏହି ଅଞ୍ଚଳଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ସ୍ୱରୂପ ରାସ୍ତା, ପାନୀୟ ଜଳ, ଜଳସେଚନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତି ଉପରେ ଧ୍ୟାନ ପ୍ରଦାନ କରାଯିବ। ରହିବା ଠାରୁ ଚଳିବା ପର୍ଯ୍ୟନ୍ତ ସରକାରଙ୍କ ଯେତେ ବ୍ୟବସ୍ଥା ଅଛି ସବୁ ଯୋଗାଇ ଦିଆଯିବ। ପିଲାଙ୍କ ପାଠ ପଢା ସହ ଯିବା ଆସିବା ଆଦି ସୁବିଧା ଯୋଗାଇ ଦିଆଯିବ। ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ରହିବେ। ସେହିପରି ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଓ ବ୍ଲକସ୍ତରରେ ବିଡ଼ିଓ ଅଧ୍ୟକ୍ଷ ରହିବେ। ଏନେଇ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭାଗୀୟ ସଚିବ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିପାଇଁ ବଜେଟ ପ୍ରସ୍ତୁତ ହେଉଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ମୋବାଇଲ ଆପ୍‌ରେ ମିଳିବ ...

ନିର୍ଦ୍ଦିଷ୍ଟ ସମୟରେ ପ୍ରମାଣପତ୍ର ମିଳିଲେ ରାଜସ୍ୱ ବିଭାଗକୁ ସୂଚନା ଆସିଯିବ। କେଉଁ ତହସିଲଦାରଙ୍କ ଦ୍ୱାରା କେଉଁ ତହସିଲରେ ଏହି ସେବା ଠିକ ସମୟରେ ମିଳିଲା ନାହିଁ ଉପଭୋକ୍ତା ମାଗିଥିବା ସେବା ପାଇବା ପ୍ରକ୍ରିୟା ଶେଷ ହେବା ପରେ ଏ ବାବଦରେ ତହସିଲଦାର ଆପରେ ଅପଲୋଡ୍ କରିବେ। ଏହି ତଥ୍ୟ ଆବେଦନକାରୀ ଘରେ ବସି ଡାଉନଲୋଡ୍ କରିପାରିବେ। ପ୍ରମାଣପତ୍ରକୁ ବ୍ୟବହାର କରିପାରିବେ। ସାଧାରଣ ଲୋକ ଓ ରାଜସ୍ୱ ସେବା ମଧ୍ୟରେ ଥିବା ବାଧକ ଦୂର ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ ...

ସ୍ଥାନାନ୍ତରିତ କରାଯାଇଥିଲେ ହେଁ ଗତକାଲ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଲେମ୍ବୁ ଲୋହାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଯୋଡା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ଏନ୍‌ବିଇଏମ୍‌ଏସ୍‌ର ସଂଶୋଧିତ ...

ସିଟ୍ ଉପଲବ୍ଧ ଥିବା ପର୍ଯ୍ୟନ୍ତ ହିଁ ଏହି ସୁଯୋଗ ପାଇପାରିବେ। ଥରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଆସନ ସଂଖ୍ୟା ଫିଲଅପ୍ ହୋଇଯିବା ପରେ ସେମାନଙ୍କୁ ଅନ୍ୟ ଏକ ସେଣ୍ଟର ଚୟନ କରିବାକୁ ହେବ। ତେବେ ନିଟ୍-ପିଜି ପାଇଁ ଏହି ଏକକ-ଶିଫ୍ଟ ପରୀକ୍ଷା ବ୍ୟବସ୍ଥାକୁ ସଙ୍ଗଠିତ କରିବା ପାଇଁ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏନ୍‌ବିଇଏମ୍‌ଏସ୍ ପରୀକ୍ଷା କେନ୍ଦ୍ର ଏବଂ ସହର ସଂଖ୍ୟା ବୃଦ୍ଧି କରିଛି। ଆଧିକାରିକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ପ୍ରାର୍ଥୀମାନଙ୍କୁ ସେମାନଙ୍କ ପ୍ରଥମ ପସନ୍ଦର ପରୀକ୍ଷା କେନ୍ଦ୍ର ଯୋଗାଇ ଦେବାକୁ ଏନ୍‌ବିଇଏମ୍‌ଏସ୍ ଯଥାସମ୍ଭବ ପ୍ରୟାସ କରିବ। ଏହାସତ୍ତ୍ୱେ ଲଜିଷ୍ଟିକ୍, ପ୍ରଶାସନିକ କିମ୍ବା ଅନ୍ୟାନ୍ୟ କାରଣରୁ ଯଦି ସମ୍ପୃକ୍ତ ରାଜ୍ୟରେ ପରୀକ୍ଷା ସିଟ୍ ଉପଲବ୍ଧ ହୋଇନପାରେ ତେବେ ଭାରତର ଯେକୌଣସି ସ୍ଥାନରେ ଏକ ପରୀକ୍ଷା କେନ୍ଦ୍ର ଆବଣ୍ଟିତ କରାଯାଇପାରେ। ଏହାକୁ ନିଜ ଅଧିକାର କ୍ଷେତ୍ର ଅଧୀନରେ ରଖିଛି ଏନ୍‌ବିଇଏମ୍‌ଏସ୍।

**କଟକଣାକୁ ଫୁଁ: ପ୍ରଶାସନ ନୀରବତାକୁ ନେଇ ପ୍ରଶ୍ନ**

# ଡହଡହ ଖରାରେ କାମ କରୁଛନ୍ତି ଶ୍ରମିକ



**ଖୋର୍ଦ୍ଧା,୯।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧାରେ ଡହଡହ ଖରାରେ କାମ କରୁଛନ୍ତି ଶ୍ରମିକ। ଏଠାରେ ସରକାରୀ ନିୟମର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ମାତ୍ର ୨କିଲୋମିଟର ପରଧି ଭିତରେ ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ସରକାର ପ୍ରଚଣ୍ଡ ଖରାକୁ ନେଇ ଶ୍ରମିକଙ୍କ କାମ କରିବାର ଏକ ସମୟ ସାରଣୀ ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଶାରୀରିକ କାର୍ଯ୍ୟ ନ କରିବା ପାଇଁ ପ୍ରସ୍ତୁତ କରି ଜିଲ୍ଲା ଶ୍ରମ ବିଭାଗକୁ ଦେଇଥିଲେ। କିନ୍ତୁ ତାହାର ତଦାରଖ ଠିକ୍‌ରେ ହୋଇପାରୁନାହିଁ। ଖୋର୍ଦ୍ଧା ପୌରାଞ୍ଚଳର ୧୨ନଂ ୱାର୍ଡ ତଥା ଶ୍ରୀରାମନଗରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରୀ ରହିଛି। ମୁଣ୍ଡଫଟା ଖରା ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଏଠାରେ ଦିନ ସାଢେ ୧୧ ଟା ବେଳେ ମଧ୍ୟ ଶ୍ରମିକ କଠିନ କାମ କରୁଥିବା ଦେଖିବାକୁ ମିଳିଛି। ନିର୍ମାଣ ଚାଲିଥିବା ଡ୍ରେନ୍ ପୌରପରିଷଦ ଅଧିନରେ ରହିଛି। ମାତ୍ର ଏହି ଡ୍ରେନ୍ କାମ କେଉଁ ଠିକାଦାର ଏବଂ କେଉଁ ଠିକାସଂସ୍ଥାକୁ ଦିଆଯାଇଛି ତା'ର ତଥ୍ୟ ପୌରକାର୍ଯ୍ୟାଳୟ ନିକଟରେ ନଥିବା ନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ସୂତ୍ରରୁ ଜଣାଯାଇଛି। ଉକ୍ତ ଡ୍ରେନ୍ କାର୍ଯ୍ୟ ପୂର୍ତ୍ତବିଭାଗ ଯଦି କରିବ ତେବେ ପୌରକାର୍ଯ୍ୟାଳୟରୁ ଅନୁମତି ନେବା ଆବଶ୍ୟକ ରହିଛି। ମାତ୍ର ଡ୍ରେନ୍ କାମ ନେଇ ପୂର୍ତ୍ତ ବିଭାଗ ବି କିଛି ସ୍ପଷ୍ଟ କରୁନି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରଛି। କୁହାଯାଉଛି ଶାସକ ଦଳର ସ୍ଥାନୀୟ ନେତାଙ୍କ ଆର୍ଶିବାଦରେ ଜନୈକ ଠିକାଦାର ରହି ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି। ମାତ୍ର ଡ୍ରେନ୍ ନିର୍ମାଣ ସମ୍ପର୍କରେ ପୌରପରିଷଦ କି ପୂର୍ତବିଭାଗ କାହା ପାଖେ ନାହିଁ ସନ୍ତୋଷଜନକ ଉତ୍ତର। ସେହିଭଳି ସହରର ବିଭିନ୍ନ ସ୍ଥାନରେ ଘର ନିର୍ମାଣ କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇ ଦିନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ଏକ ଘଣ୍ଟାର ବିଶ୍ରାମ ପରେ ପୁଣି ଅପରାହ୍ନ ୩ଟାରୁ କାମ କରୁଥିବା ଶ୍ରମିକମାନେ ମତ ରଖିଛନ୍ତି। ଯାହାକୁ ନେଇ ଜିଲ୍ଲା ଶ୍ରମ ବିଭାଗର ତଦାରଖ ଉପରେ ଅଙ୍ଗୁଳି ଉଠୁଛି। ଅନ୍ୟପକ୍ଷରେ ସରକାରୀ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ଠିକାଦାରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ନିର୍ବାହୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସିଧାସଳଖ ସମ୍ପର୍କ ରହୁଛି। ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ବୈଠକେ ଓ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବିଭାଗକୁ ମଧ୍ୟ ଅବଗତ କରାଯାଇଛି। ତଥାପି ସରକାରଙ୍କ ନିର୍ଦ୍ଧାରିତ ସମୟକୁ ଖିଲାପ କରି ଗ୍ରୀଷ୍ମ ପ୍ରବାହ ସମୟରେ ଯଦି ସରକାରୀ ଓ ବେସରକାରୀ କାର୍ଯ୍ୟ ହେଉଥିବ ତେବେ ତାହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ସ୍ନାନ ପୂର୍ଣ୍ଣିମା ପାଇଁ ଗାଡ଼ି ଚଳାଚଳ ଉପରେ କଟକଣା

**ପୁରୀ,୯।୬/ଏନ୍‌ଏନ୍‌ଏସ୍:** ଆଗକୁ ମହାପ୍ରଭୁଙ୍କର ସ୍ନାନ ପୂର୍ଣ୍ଣିମା। ଏଥିଲାଗି ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚଳାଚଳ ଉପରେ ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ପୁରୀକୁ ଆସୁଥିବା ଦୁଇ ଚକିଆ ମୋଟର ସାଇକଲ ଅଠରନଳା ଦେଇ ପୁରୀରେ ପହଞ୍ଚିବା ପରେ ମାର୍କେଟ ଛକରେ ଥିବା ପୌର ସଂସ୍ଥାର ମାର୍କେଟ କମ୍ପ୍ଲେକ୍ସ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପୁରୁଣା ଷ୍ଟାଣ୍ଡରେ ରହଣି କରିବେ। ମାର୍କେଟ ଛକରୁ ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ ବଡ଼ଦାଣ୍ଡକୁ 'ନୋ ଭେହିକିଲ ଜୋନ୍' ଘୋଷଣା କରାଯାଇଛି। ଭୁବନେଶ୍ୱରରୁ ଆସୁଥିବା ଚାରି ଚକିଆ ଗାଡ଼ିଗୁଡ଼ିକ ଅଠରନଳା ଦେଇ ପୁରୀ ବଡ଼ଦାଣ୍ଡରେ ପହଞ୍ଚିବ। ଜେଲ୍ ରୋଡ଼ ବହୁତଳ ଗାଡ଼ି ରହଣିସ୍ଥଳରେ ଏହି ଯାନ ରଖିବା ବ୍ୟବସ୍ଥା କରାଯାଇଛି। ସେଠାରେ ସ୍ଥାନାଭାବ ହେଲେ ଶରଧାବାଲି, ଯାତ୍ରିକା, ଦିଗବାରେଣୀ, ବ୍ଲୁ ଫ୍ଲାଗ୍ ବେଳାଭୂମି ଏବଂ ନୀଳାଚଳ ଅଶୋକରେ ରହଣି ବ୍ୟବସ୍ଥା କରାଯାଇଛି। ସେହି ରାସ୍ତା ଦେଇ ଚାରି ଚକିଆ ଗାଡ଼ିଗୁଡ଼ିକ ପ୍ରତ୍ୟାବର୍ତ୍ତନ କରିବେ। ବ୍ରହ୍ମଗିରିରୁ ଆସୁଥିବା ଚାରି ଚକିଆ ଗାଡ଼ି ମଙ୍ଗଳାଘାଟରୁ ଷ୍ଟର୍ଲିଂ ହୋଟେଲ ରାସ୍ତାଦେଇ ଯାତ୍ରିକା ପାର୍କିଂରେ ରହଣି କରିବେ। କୋଣାର୍କରୁ ଆସୁଥିବା ଚାରି ଚକିଆ ଗାଡ଼ି ଶରଧାବାଲି ଏବଂ ତାଳବଣିଆରେ ରହଣି କରିବେ। ତିନିଚକିଆ ଅଟୋ ରିକ୍ସାଗୁଡ଼ିକ ତାଳବଣିଆରୁ ୱାଟର ୱାର୍କ୍ସ ରୋଡ଼, ରାମମନ୍ଦିର, ରେଡ଼କ୍ରସ୍ ରୋଡ଼ ଦେଇ ଡାକ୍ତରଖାନା ଛକରେ ପହଞ୍ଚିବ। ତାଳବଣିଆରୁ ସମୁଦ୍ରକୂଳ ଯିବାକୁ ଚାହୁଁଥିବା ଅଟୋ ରିକ୍ସାଗୁଡ଼ିକ ପେଣ୍ଠକଟା, ଚକ୍ରତୀର୍ଥ ରୋଡ଼, ୟୁଥ୍ ହଷ୍ଟେଲ, ଜିଲା ସ୍କୁଲ ଦେଇ ଟାଉନ୍ ହଲ୍ ଛକରେ ପହଞ୍ଚିବେ। ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ଅଟୋ ରିକ୍ସା ଚଳାଚଳ ପାଇଁ ନିଷେଧ କରାଯାଇଛି। ସେହିପରି ଶୋଲାଖୁଆ ବରଗଛ ଛକ, ମୋଚିସାହି ଛକ, ଲୋକନାଥ ରୋଡ଼ ଏବଂ ବିଶ୍ୱେଶ୍ୱରୀ ଛକରୁ ଶ୍ରୀମନ୍ଦିର ଆଡ଼କୁ ଯିବା ଉପରେ କଟକଣା ଜାରି କରାଯାଇଛି।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ବୃଦ୍ଧାଙ୍କୁ ପାଛୋଟି ନେଲେ ଏସ୍‌ପି



**ପୁରୀ,୯।୬/ଏନ୍‌ଏନ୍‌ଏସ୍:** ପୁରୀ ଏସ୍‌ପିଙ୍କ ବଦାନ୍ୟତା। ରବିବାର ଦ୍ୱିପ୍ରହରେ ଏସ୍‌ପି ବିନୀତ ଅଗ୍ରୱାଲ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ସମୀକ୍ଷା କରୁଥିବାବେଳେ ଜଣେ ବୃଦ୍ଧା ଆସି ଏସ୍‌ପିଙ୍କ ପାଖରେ ଝୁଣ୍ଟି ପଡ଼ିଥିଲେ। ପରେ ତାଙ୍କୁ ଦେଖି ଏସ୍‌ପି ନିଜେ ବୃଦ୍ଧାଙ୍କୁ ଧରି ଷ୍ଟାଫ୍‌ଙ୍କ ସହ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ନେଇଥିଲେ। ଦର୍ଶନ ପରେ ବୃଦ୍ଧାଜଣକ ଏସ୍‌ପିଙ୍କୁ ଆଶୀର୍ବାଦ ଦେବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁରୀ ଏସ୍‌ପିଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଦେଶବନ୍ଧୁ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



**ନୟାହାଟ,୯।୬/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲାଙ୍ଗ ପଞ୍ଚାୟତର ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ କୋରୁଆଳ ପଞ୍ଚେଣା ୫୦ତମ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ରାତ୍ରୀରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ସ୍ୱର୍ଣିଳ ଦେଶବନ୍ଧୁ ପୁସ୍ତକ ଉନ୍ମୋଚିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ କିଟ୍‌ର ଚିତ୍ତରଞ୍ଜନ ମିଶ୍ର, ଗୋପ ବ୍ଲକ ଅଧ୍ୟକ୍ଷା ଝୁନାରାଣୀ ମଲ୍ଲିକ, ସମାଜସେବୀ ଦିଲ୍ଲୀପ କୁମାର ନାୟକ, ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ତରାଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବିଦାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଅଭାବ ଓ ଅସୁବିଧା ସଂପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଅବସପ୍ରାପ୍ତ ଶିକ୍ଷକମାନଙ୍କୁ ଯଥା ଭ୍ରମରବର ସାହୁ, ବାଲୁଙ୍କେଶ୍ୱର ମୁରୁଡ଼ି, ଧନେଶ୍ୱର ବେଉରା, ପ୍ରଭାକର ସାହୁ ପୂର୍ବତନ ପ୍ରଧାନଶିକ୍ଷକ, ନିକୁଞ୍ଜବିହାରୀ ସାହୁ, ବସନ୍ତ କୁମାର ପାଢ଼ୀ, ରମେଶ ଚନ୍ଦ୍ର ସୁନ୍ଦରରାୟ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୭୪ମସିହାରୁ ଉକ୍ତ ସ୍କୁଲ ପ୍ରତିଷ୍ଠା ଚାରୋଟି ମୌଜା କରମଙ୍ଗା, ପଞ୍ଚେଣା, ଅଲଣା, କୋରୁଆଳ ଲୋକଙ୍କ ଦ୍ୱାରା କରାଯାଇଥିଲା।

### ଖସିବ ପାରଦ, କମିବ ତାତି ...

ସମ୍ବଲପୁର ହୀରାକୁଦରେ ସର୍ବାଧିକ ତାପମାତ୍ରା ୪୦.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସେହିପରି ଅନୁଗୁଳରେ ୨୯.୬ ଡିଗ୍ରି ସେଲସିୟସ ରେକର୍ଡ ହୋଇଛି । ସେପଟେ କେଉଁଝରର ବାଂଶପାଳରେ ସର୍ବାଧିକ ୨୩.୨ମିମି ଓ କୋରାପୁଟରେ ୧.୨ମିମି ବର୍ଷା ରେକର୍ଡ କରାଯାଇଛି।

### ରଥଯାତ୍ରାରେ ମୃତ୍ୟୁହେଲେ ...

ପୃଥ୍ୱୀରାଜ ହରିଚନ୍ଦନ ବୈଠକରେ ଅଧକ୍ଷତା କରି କହିଥିଲେ ଯେ ମହାପ୍ରଭୁ ନିଜେ ନିଜ କାର୍ଯ୍ୟ କରନ୍ତି। ଆମେ କେବଳ ପରସ୍ପର ସହଯୋଗ କରନ୍ତି। ରଥଯାତ୍ରା ପାଇଁ ପ୍ରାୟ ୮୦ ଭାଗ କାର୍ଯ୍ୟ ସରିଲାଣି। ବାକି କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ ହେବ। ସେହିପରି ଦେବସ୍ନାନ ପାଇଁ ସରକାର ଓ ପ୍ରଶାସନ ଚୂଡ଼ାନ୍ତ ପ୍ରସ୍ତୁତି କରୁଛନ୍ତି ବୋଲି ସେ କହିଛନ୍ତି। ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ୩୦୦ ଡାକ୍ତର ନିୟୋଜିତ ହେବେ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ଅବସରରେ ଯେଉଁମାନଙ୍କଠାରେ କୋଭିଡ ଲକ୍ଷଣ ରହିଛି, ସେମାନେ ପୁରୀ ନ ଆସିବା ଭଲ। ଅସୁସ୍ଥ ଥିଲେ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି।ବୈଠକରେ ହୋଇଥିବା ଆଲୋଚନା ମୁତାବକ ରଥଯାତ୍ରା ସମୟରେ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେସିନର ବ୍ୟବସ୍ଥା କରାଯିବ। ଏଆଇ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ସହ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ହୋଇ ୱାର ରୁମ୍ ହେବ। ସେହିପରି ୨୩୦ରୁ ୨୫୦ ଅଧିକ ବସ ଚଳାଚଳ କରିବ। ବୈଠକରେ ପଶ୍ଚିମ ଦ୍ୱାର ଦେଇ ପୁରୀ ବାସୀଙ୍କୁ ଛାଡ଼ିବା ଓ ଗୁଣ୍ଡିଚା ମନ୍ଦିରରେ ପୁରୀ ବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶୀ କାଠ ଦାନ କରିଛନ୍ତି। ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସହ ରାଜ୍ୟର ୮ଟି ଡିଭିଜନରୁ ଚଳିତ ବର୍ଷ ୮୧୫ ଖଣ୍ଡ କାଠ ଆସିଛି। ତାମିଲନାଡୁରୁ ଗ୍ରେଡ 'ଏ' ମାନର ଚନ୍ଦନ କାଠ ଆସିଛି। ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ ଓ ନବୀକରଣ କରାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡ଼ର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା ହେବ। ରଥଯାତ୍ରାରେ ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ୨୦ ଲକ୍ଷ ପାଣି ବୋତଲ ଓ ପାଉଚ୍‌ର ବ୍ୟବସ୍ଥା କରାଯାଇଛି। ସହରରେ ୯୦ ପ୍ରତିଶତ ଡ୍ରେନ ସଫେଇ କାମ ସରିଛି। ପ୍ରତ୍ୟେକ ସାହି ଗଳି କନ୍ଦିରେ ରାସ୍ତାଘାଟ ମରାମତି, ମଶା ଧୁଆଁ ସ୍ପ୍ରେ, ଷ୍ଟ୍ରିଟ୍ ଲାଇଟ୍ ମରାମତି ବ୍ୟବସ୍ଥା କରିବାକୁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ସହ ୧୪ଟି ବର୍ଷା ଜଳ ଜମି ରହୁଥିବା ସ୍ଥାନରେ ୩୦ଟି ଉଚ୍ଚ କ୍ଷମତା ସମ୍ପନ୍ନ ମୁତୟନ ରହିବ। ମାଳତୀପାଟପୁରରେ ଟୁରିଷ୍ଟ ବସ ଓ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ ତାଳବଣିଆରେ ପାର୍କିଂ କରିବ। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋ ସେବା ଯୋଗାଯିବ। ସବୁ ବସରେ ରହିବ ରେଟ୍ ଚାର୍ଟ। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଓ ଜନଗହଳିପୂର୍ଣ୍ଣ ସ୍ଥାନ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସହ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର ,୧୧ଟି କ୍ରେନ୍ ନିୟୋଜିତ ହେବ। ଟ୍ରେନ୍ ସୂଚନା ପ୍ରଦାନ ପାଇଁ ଭିଡି ୱାଲ୍ ବ୍ୟବସ୍ଥା ହେବ। ବଡ଼ଦାଣ୍ଡରେ ବିପଦ ଶଙ୍କୁଳ କୋଠା ଚିହ୍ନଟ କରାଯାଇଛି। ଖରା ଓ ଗୁଳୁଗୁଳି ପାଇଁ ଅଧିକ ସ୍ପ୍ରିଙ୍କିଲର ଓ ପର୍ଯ୍ୟାପ୍ତ ଲାଇଫ ଗାର୍ଡ ମୁତୟନ ହେବେ। ଶାନ୍ତି ଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପ୍ରତିବର୍ଷ ପରି ପର୍ଯ୍ୟାପ୍ତ ପୁଲିସ ମୁତୟନ ହେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ,ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ, ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ଥୀ ଏସ, ଆରଡିସି ବି ପରମେଶ୍ୱରନ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଦେବୋତ୍ତର କମିଶନର ଶିଶିର କୁମାର ରଥ, ଏସପି ବିନୀତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୯।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ହିତାଧିକାରୀମାନେ କାର୍ଯ୍ୟାଦେଶ ପତ୍ର ପାଇଲେ ବି ଅବିଶ୍ରାନ୍ତ ବର୍ଷା ଆବାସ ଗୃହ ନିର୍ମାଣରେ ବାଧକ ସାଜିବ ବୋଲି ଜଣାପଡିଛି। ଏବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଆବାସ ଯୋଜନାରେ ବାସଗୃହ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାଦେଶପତ୍ର ପ୍ରଦାନ ନିମନ୍ତେ ଏନଏସି ଅଧକ୍ଷା ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**୧୬ତମ ଓଡ଼ଗାଁ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍**

## ଏକ୍ସଟ୍ରିମ୍ ବ୍ଲାଷ୍ଟର୍, ସ୍କାଏ ୱାର୍କର୍ସ, ଇଲାଇଟ୍ ଇଗଲ୍‌ସ, ଦି ଇମୋରଲ୍‌ଥସ୍ ବିଜୟୀ



**ଓଡ଼ଗାଁ,୯।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମରେ ଚାଲିଥିବା ଓଡ଼ଗାଁ କ୍ରିକେଟ୍ ଲିଗ୍ (ଓସିଏଲ୍) ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ତଥା ପ୍ରି କ୍ୱାର୍ଟର ଖେଳରେ ପାରମ୍ପରିକ ପ୍ରତିଦ୍ୱନ୍ଦୀମାନଙ୍କୁ ହରାଇ ଏକ୍ସଟ୍ରିମ୍ ବ୍ଲାଷ୍ଟର, ସ୍କାଏ ୱାକରର୍ସ, ଇଲାଇଟ୍ ଇଗଲସ, ଦି ଇମୋରଲଥସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ରେ ଏକ୍ସଟ୍ରିମ୍ ବ୍ଲାଷ୍ଟର ସହିତ ଛାମୁସ ଲାୟନ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଛାମୁସ ଲାୟନ୍ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା।ଏକ୍ସଟ୍ରିମ୍ ବ୍ଲାଷ୍ଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ୍ ବିନିମୟରେ ୧୨୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଛାମୁସ ଲାୟନ ୫ଉଇକେଟ ବିନିମୟରେ ୮୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରେ ସ୍କାଏ ୱାକରର୍ସ ସହିତ ରୟାଲ କିଙ୍ଗ ମଧ୍ୟରେ ଚିତାକର୍ଷକ ଖେଳ ହୋଇଥିଲା।ସ୍କାଏ ୱାକରର୍ସ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା।ଦଳ ୧୦ଓଭରରେ ୩ଉଇକେଟ୍ ବିନିମୟରେ ୧୫୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ରୟାଲ କିଙ୍ଗ ୬ଉଇକେଟ୍ ବିନିମୟରେ ୧୧୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଆଜିର ୩ୟ ମ୍ୟାଚ୍ ରେ ଇଲାଇଟ୍ ଇଗଲସ ଓ ସୁପର ଷ୍ଟାଇକର ମଧ୍ୟରେ ମୁକାବିଲା ହୋଇଥିଲା। ଇଲାଇଟ୍ ଇଗଲସ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା।ସୁପର ଷ୍ଟାଇକର ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୯ ଉଇକେଟ୍ ହରାଇ ୭୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଲାଇଟ୍ ଇଗଲସ ୧ ଉଇକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।ଆଜିର ଚତୁର୍ଥ ମ୍ୟାଚରେ ଡବ୍ଲୁଟିଆର ଓ ଦି ଇମୋରଥଲସ ମଧ୍ୟରେ ଖେଳ ହୋଇଥିଲା। ଡବ୍ଲୁଟିଆର ଦଳ ଟସ ଜିତି ବୋଲିଂ କରିବାକୁ ନଷ୍ପତି ନେଇଥିଲା।ପ୍ରଥମେ ଦି ଇମୋରଥଲସ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୮ ଉଇକେଟ ବିନିମୟରେ ୧୧୬ ରନ୍ ସଂଗ୍ରହ କରିଥିଲା।ଜବାବରେ ଡ଼ବ୍ଲୁଟିଆର ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୮୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଆଜିର ଖେଳକୁ ରୋହନ, ସାଜନ, କିଶାନ, ଅମିତ, ଶୁଭମ୍, ମିଥୁନ୍, ଚନ୍ଦନ ଓ ଆଶିଷ ପରିଚାଳନା କରିଥିଲେ। ରଘୁନାଥ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଆଜିର ଇତିହାସ

- ୧୨୪୬-ନାସିରୁଦ୍ଦିନ ମହମ୍ମଦ ଶାହ ପ୍ରଥମ ଦିଲ୍ଲୀର ଶାସକ ହୋଇଥିଲେ।
- ୧୯୭୨-ମୁମ୍ବାଇର ମଡଗାଓଁ ବନ୍ଦରରେ ପୂର୍ଣ୍ଣ ବାତାନୁକୂଳିତ ଜାହାଜ 'ହର୍ଷବର୍ଦ୍ଧନ'ର ଜଳାବତରଣ ହୋଇଥିଲା।
- ୧୯୮୬-ଭାରତକୁ ଇଂଲଣ୍ଡ ୫ ୱିକେଟ୍‌ରେ ହରାଇ ପ୍ରଥମ ଥର ଲର୍ଡସ୍ ଠାରେ ଟେଷ୍ଟ ମ୍ୟାଚ୍ ଜିତିଥିଲା।
- ୧୯୦୬-ଦେଶର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ କେଏ ଦାମୋଦର ମେନନ ଜନ୍ମଗ୍ରହଣ କରିଥିଲେ।
- ୨୦୦୮-୫୪ତମ ଜାତୀୟ ଫିଲ୍ମ ପୁରସ୍କାରଗୁଡ଼ିକର ଘୋଷଣା ହୋଇଥିଲା।
- ୨୦୦୫-ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶିକ୍ଷା ଓ ସାମୁଦାୟିକ ବିକାଶ ଦ୍ୱାରା ସମ୍ବନ୍ଧିତ ଦୁଇଟି ବୁଝାମଣା ଉପରେ ହସ୍ତାକ୍ଷର ହୋଇଥିଲା।

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଆଜି ନିରାଶ ହେବେ। କଠିନ ପରିଶ୍ରମ କରବାକୁ ହେବ। କାର୍ଯ୍ୟସ୍ଥଳରେ ପ୍ରସନ୍ନ ରହିବେ। ଜଙ୍କ୍ ଫୁଡ୍‌କୁ ଆଭଏଡ୍ କରନ୍ତୁ। ଆର୍ଥିକ ସ୍ତରରେ କ୍ଷତି ହେବ। ନୂଆ ସହକର୍ମୀଙ୍କ ସହିତ ସମ୍ପର୍କ ଭଲ ରହିବ।

**ବୃଷ**: ଜିମ୍ ଜଏନ୍ କରିପାରନ୍ତି। ବିଦେଶରେ ପଢ଼ିବା ପାଇଁ ସହଯୋଗ ପାଇବେ। ଶୈକ୍ଷିକ ମୋର୍ଚ୍ଚାରେ ଆପଣ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବେ। ସାଙ୍ଗସାଥି ଘରକୁ ଆସିପାରନ୍ତି। ଶିକ୍ଷା ମାମଲାରେ ଅବସାଦରେ ରହିବେ।

**ମିଥୁନ**: ବ୍ୟାୟାମ କରି ସୁସ୍ଥ ରହିବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଭଲ ବ୍ୟବହାର ପାଇବେ। ଧନର ସ୍ଥିତି ଭଲ ଅଛି। କ୍ୟାରିୟର୍‌ରେ ନୂଆ ପରିଚୟ ମିଳିବ। ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ**: ଲୋନ୍ ପାସ୍ ହୋଇପାରେ। ବୟସ୍କ ଲୋକଙ୍କ ଠାରୁ ପରାମର୍ଶ ନେଇପାରନ୍ତି। ଯାତ୍ରା ଯୋଗ ରହିଛି। କ୍ୟାରିୟର୍‌ରେ ବଡ଼ ଉପଲବ୍ଧି ପାଇପାରନ୍ତି। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବେ।

**ସିଂହ**: ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଫିଟ୍ ରହିବେ। ଅଚାନକ ମୁସ୍କିଲ୍‌ର ସମ୍ମୁଖୀନ ହେବାକୁ ପଡ଼ିପାରେ। ଧନ ସଂଚୟରେ ସଫଳ ହେବେ। ଶିକ୍ଷା ମାମଲାରେ ପ୍ରତିଭାଗୀକୁ ହରାଇ ପାରନ୍ତି। ପରିବାରର ସହଯୋଗ ପାଇବେ।

**କନ୍ୟା**: ଆଜି ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଧନ ଏକତ୍ରିତ କରିବେ। କ୍ୟାରିୟର୍ ସହିତ ଜଡ଼ିତ ଖୁସି ଖବର ପାଇବେ। ନୂଆ ବ୍ୟାପାରରେ ବିସ୍ତାରର ସମ୍ଭାବନା ରହିଛି। ପୈତୃକ ସମ୍ପତ୍ତି ମିଳିପାରେ।

**ତୁଳା**: ବ୍ୟାୟାମରୁ ପୂରା ଲାଭ ପାଇବେ। କରଜ ଶୁଝିବାର ସ୍ଥିତି ଆସିପାରେ। କିଛି ହାସଲ କରିବା ପାଇଁ ପ୍ରୟାସ କରିବେ। ସମ୍ପତ୍ତି ବିକ୍ରି ଦିଗରେ କିଛି ଲୋକ ପଜିଟିଭ୍ ରହିବେ। ପର୍‌ଫର୍ମାନ୍ସ ସମ୍ବନ୍ଧରେ ମୋଟିଭେସନ୍ କମ୍ ରହିବ।

**ବିଛା**: କ୍ୟାରିୟର୍ ପାଇଁ ଖୁସି ଖବର ପାଇବେ। ଧନର ସ୍ଥିତି ଖୁବ୍ ଭଲ ରହିବ। ପରିବାର ସହିତ ସମୟ ବିତେଇବେ। ମାନସିକ ଚାପ ବୃଦ୍ଧି ହେବ। ସାମାଜିକ ସମାରୋହରେ ଯୋଗ ଦେଇପାରନ୍ତି।

**ଧନୁ**: ନିବେଶର ଖୁବ୍ ଭଲ ରିଟର୍ଣ୍ଣ ପାଇବେ। ପର୍ଯ୍ୟାପ୍ତ ମାତ୍ରାରେ ଧନ ପାଇବେ। ନୂଆ ପ୍ରୋଜେକ୍ଟ ମିଳିପାରେ। ପାର୍ଟି ଆଦି ସମାରୋହରେ ଖାସ୍ ଲୋକଙ୍କୁ ଭେଟିବେ। ବୟସ୍କଙ୍କ ଠାରୁ ଭଲ ପରାମର୍ଶ ମିଳିବ।

**ମକର**: ଆଜି ଫିଟ୍ ରହିବେ। ପରିବାର ସହିତ ଭଲ ସମୟ ବିତେଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ। ନୂଆ ଉପଲବ୍ଧି ହାସଲ କରିପାରନ୍ତି। ଧନ ଲାଭ ଯୋଗ ରହିଛି। ଲୋକ ସମ୍ପର୍କ ନୂଆ ସୁଯୋଗ ଦେବ।

**କୁମ୍ଭ**: ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ସମ୍ପର୍କକୁ ତାଜା କରିବାର ଆବଶ୍ୟକତା ରହିଛି। ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସହିତ ସାକ୍ଷାତ ସମ୍ଭବ। ମନକୁ ଚାପମୁକ୍ତ ରଖିବେ।

**ମୀନ**: ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ଅଫିସ୍‌ରେ ଚାପମୁକ୍ତ ରହିବେ। ନିକଟ ସମ୍ପର୍କୀୟଙ୍କ ସହିତ ସମୟ ବିତେଇ ପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ହେବ। ନୂଆ ପ୍ରୋଜେକ୍ଟର ପ୍ରସ୍ତୁତି କରିବାକୁ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା। (୧୦/୧୧)**

ମୋତେ ଯିଏ ସର୍ବଦା ଭକ୍ତି ଭାବରେ ଚାହେଁ, ସେମାନଙ୍କ ନିମନ୍ତେ, ଶୁଦ୍ଧ କରୁଣାରେ ଅନୁଗୃହୀତ ହେଇ ସେମାନଙ୍କ ହୃଦୟରେ ମୁଁ ନିବାସ କରି ଜ୍ଞାନ ରୂପକ ଜ୍ୱଳନ୍ତ ଦୀପାଲୋକ ଦ୍ୱାରା ଅଜ୍ଞାନରୁ ଜାତ ଅନ୍ଧକାରକୁ ନାଶ କରେ। ଈଶ୍ୱର ଆତ୍ମା ରୂପେ ସମସ୍ତଙ୍କ ଭିତରେ ବିଦ୍ୟମାନ, ଭକ୍ତି ଉଦ୍ରେକ ହେଲେ ହୃଦୟରେ ବିରାଜିତ ଆତ୍ମାଙ୍କୁ ଜ୍ଞାନାଲୋକରେ ଉଦ୍ଭାସିତ କରିଦିଅନ୍ତି। ଏହା ହିଁ ଭଗବାନଙ୍କର କରୁଣା। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ରାତିରେ ପୋଲିସ୍ ହାତରେ ଲଣ୍ଠନ ଧରି ଚାରିଆଡକୁ ନଜର ପକାଉଥାଏ। ବୁଲୁଥିବା ଲୋକକୁ ସେ ଦେଖେ। କିନ୍ତୁ ଲଣ୍ଠନ ଧରିଥିବା ପୋଲିସ୍‌ର ମୁହଁକୁ ସେମାନେ ଦେଖି ପାରନ୍ତି ନାହିଁ। କିନ୍ତୁ ସେ ଯେତେବେଳେ ନିଜ ମୁହଁ ପାଖକୁ ଲଣ୍ଠନକୁ ନେଇଆସେ, ଲୋକେ ଚିହ୍ନନ୍ତି ସେ କିଏ। ସେଇଭଳି ଈଶ୍ୱର ପ୍ରକୃତିକୁ ଓ ଅନ୍ୟାନ୍ୟ ଜିନିଷକୁ ପ୍ରକାଶିତ କରିଛନ୍ତି କିନ୍ତୁ ସେ ନିଜକୁ ଲୁଚାଇ ରଖିଛନ୍ତି। ତାଙ୍କୁ କେହି ଦେଖି ପାରନ୍ତି ନାହିଁ। କେବଳ ତାଙ୍କର କରୁଣା ଓ ଦୟା ମାଧ୍ୟମରେ ତାଙ୍କୁ ଦେଖିହୁଏ।

# ବିପରୀତ ପରିସ୍ଥିତିରେ ବ୍ୟାକ୍ଟେରିଆଙ୍କ ଭୂମିକା



ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏପରି ଏକ ବ୍ୟାକ୍ଟେରିଆ ଅଛି ଯିଏ ଯେକୌଣସି ପରିସ୍ଥିତିରେ ନିଜକୁ ବ୍ୟବସ୍ଥିତ କରିପାରେ। ବାୟୁ, ଜଳ ଓ ଆକାଶ ସବୁଠାରେ ଏହି ବ୍ୟାକ୍ଟେରିଆ ଦେଖିବାକୁ ମିଳେ। ଏପରିକି ବିପରୀତ ପରିସ୍ଥିତିରେ ମଧ୍ୟ ସେ ନିଜକୁ ଜୀବିତ ରଖିପାରେ। ସିଉଡୋମୋନାସ୍ ଅରୁଜିନୋସା ନାମକ ଏହି ବ୍ୟାକ୍ଟେରିଆର ଏକ ବିଶେଷତା ହେଲା ଯେ ଏହା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକମାନଙ୍କ ପାଇଁ କ୍ଷତିକାରକ ହୋଇପାରେ। ଯଦି ଖୋଲା ବାତାବରଣରେ ଏହି ବ୍ୟାକ୍ଟେରିଆ ରହିଥାଏ ତେବେ ପ୍ରଦୂଷଣକୁ ଏହା ଶେଷ କରିପାରେ। ତେବେ ବୈଜ୍ଞାନିକମାନେ ଏହି ବ୍ୟାକ୍ଟେରିଆକୁ କାବୁ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଏହି ବ୍ୟାକ୍ଟେରିଆର ଗୁଣ ପାଇଁ ଏହା ଉପରେ ନିୟନ୍ତ୍ରଣ ପାଇବା ବହୁତ ଜରୁରୀ ଓ ଏହି ନିୟନ୍ତ୍ରଣ ପରିସ୍ଥିତି ଅନୁସାରେ ହେବା ମଧ୍ୟ ବହୁତ ଜରୁରୀ। ଯଦି ପ୍ରଦୂଷଣ ହ୍ରାସ କରେଇବା ପାଇଁ ବ୍ୟାକ୍ଟେରିଆର ଆବଶ୍ୟକତା ରହିଥାଏ ତେବେ ଏପରି ବ୍ୟାକ୍ଟେରିଆର ବିସ୍ତାର ଦ୍ରୁତଗତିରେ ହେବା ଉଚିତ। କିନ୍ତୁ ଯଦି ମାନବ ଶରୀରରେ ବ୍ୟାକ୍ଟେରିଆ ବିସ୍ତାର କରୁଛି ତେବେ ଏହାକୁ ରୋକିବା ମଧ୍ୟ ସେତେ ଜରୁରୀ। ନହେଲେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ରୋଗୀମାନଙ୍କୁ ଘାତକ ପରିଣାମ ସହିତ ସଂଘର୍ଷ କରିବାକୁ ପଡିବ। ତେଣୁ ଏହାକୁ କିପରି ନିୟନ୍ତ୍ରଣ କରାଯିବ ତାହାର ବ୍ୟବସ୍ଥା ହେବା ଉଚିତ। ବିଜ୍ଞାନ କ୍ଷେତ୍ରରେ ଆକସ୍ମିକ ଅନ୍ୱେଷଣଗୁଡ଼ିକ ମଧ୍ୟରେ ପେନିସିଲିନ୍‌ର ଆବିଷ୍କାର ହୋଇଥିଲା। ସାର୍ ଆଲେକଜାଣ୍ଡାର ଫ୍ଲେମିଙ୍ଗ୍ ଅଚାନକ ଏକ କଲ୍‌ଚର ପେଟ୍ରିପ୍ଲେଟ୍ସ ଉପରେ ଫିମ୍ପି ବ୍ୟାକ୍ଟେରିଆକୁ ରୋକିବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ଏହାର ଅନ୍ୱେଷଣରେ ସେ ପାଇଲେ ଯେ ଫିମ୍ପି, ଆଣ୍ଟିବାୟୋଟିକ୍‌ର ନିର୍ମାଣ କରୁଥିଲା ବେଳେ ଡକ୍ଟର ଯୋଗେସ୍ ଭାର୍ଗବ ସିଉଡୋମୋନାସ୍ ଅରୁଜିନୋସା ବ୍ୟାକ୍ଟେରିଆକୁ ନିୟନ୍ତ୍ରଣ କରିବାର ଉପାୟ ଖୋଜୁଥିଲେ। ଏହି ଅନ୍ୱେଷଣ ପ୍ରୟୋଗଶାଳାର ସ୍ତରରେ କରାଯାଇଛି। ଏହା ଉପରେ ପ୍ରଦୂଷଣ ଦୃଷ୍ଟିରୁ ବାତାବରଣ ଓ ରୋଗୀଙ୍କ ଶରୀରରେ ପରୀକ୍ଷଣ କରିବାର ଆବଶ୍ୟକତା ରହିଛି।

# ଜଡ଼ିବୁଟିର ରାଣୀ: ତୁଳସୀ ପତ୍ର



ଆଜିକାଲି ବ୍ୟସ୍ତଭରା ଜୀବନଶୈଳୀ ମଧ୍ୟରେ ଲୋକମାନଙ୍କର ଖାଦ୍ୟପେୟରୁ ଆରମ୍ଭ କରି ଜୀବନଶୈଳୀ ପର୍ଯ୍ୟନ୍ତ ସବୁକିଛି ବଦଳି ଗଲାଣି ଯେଉଁ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଲୋକମାନଙ୍କୁ ନିଜର ଶିକାର କରୁଛନ୍ତି। ଆଜିର ସମୟରେ ପେଟ ସହିତ ଜଡ଼ିତ ସବୁଠାରୁ ଅଧିକ ସମସ୍ୟା ଦେଖାଦେବା ସହିତ ଶରୀର ଧୀରେ ଧୀରେ ଅନ୍ୟ ରୋଗଗୁଡ଼ିକ ନିୟନ୍ତ୍ରଣକୁ ଆସିଯାଉଛି। ପେଟ ସମ୍ବନ୍ଧୀୟ ସମସ୍ୟା, ସୁଗାର ଓ ଉଚ୍ଚ ରକ୍ତଚାପ ସବୁଠାରୁ ଅଧିକ ଲୋକଙ୍କୁ ପ୍ରଭାବିତ କରୁଛି। ତେବେ ସବୁ ସମସ୍ୟା ସହିତ ଲୋକମାନେ ସୁସ୍ଥ ଓ ଫିଟ୍ ରହିବା ପାଇଁ କେତେ ପ୍ରକାରର ଆୟୁର୍ବେଦିକ ଉପାୟକୁ ଆପଣାଉଛନ୍ତି ଯେଉଁଗୁଡ଼ିକ ବିଶେଷ ଫଳପ୍ରଦ ହେଉଛି। ଜଣେ ଆୟୁର୍ବେଦ ବିଶେଷଜ୍ଞ କହନ୍ତି ଯେ ତୁଳସୀ ଏକ ଚମତ୍କାରୀ ପତ୍ର ଯାହା କେବଳ ପେଟ ପାଇଁ ଖୁବ୍ ଭଲ ତାହା ନୁହେଁ ଅନେକ ରୋଗକୁ ପ୍ରାକୃତିକ ଉପାୟରେ ମଧ୍ୟ ଠିକ୍ କରିଥାଏ। ତୁଳସୀ ପତ୍ରରେ ରହିଛି କେତେକ ଔଷଧୀୟ ଗୁଣ ଯେଉଁଥି ପାଇଁ ଭାରତୀୟ ସଂସ୍କୃତିରେ ଏହାକୁ ଜଡ଼ିବୁଟିର ରାଣୀ ବୋଲି କୁହାଯାଏ। ଏହାର ଔଷଧୀୟ ଗୁଣକୁ ଆଧୁନିକ ବିଜ୍ଞାନ ବି ମାନେ। ଏକ ସାଧାରଣ ଦେଖାଯାଉଥିବା ତୁଳସୀ ପତ୍ରକୁ ପ୍ରତିଦିନ ଖାଲି ପେଟରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟର ରୂପରେ ପରିବର୍ତ୍ତନ ଆସିଥାଏ। ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ପେଟ ପରିଷ୍କାର ହେବା ସହିତ ଏହା ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରେ ଓ ଶରୀରର ରୋଗ ପ୍ରତିରୋଧକ ଶକ୍ତି କେତେ ଗୁଣ ବୃଦ୍ଧି ପାଏ। ତୁଳସୀ ପତ୍ରରେ ଥିବା ଡିଟକ୍ସିଫାଇଂ ଗୁଣ ପାଚନ ତନ୍ତ୍ରକୁ ସକ୍ରିୟ କରି ରଖେ। ଏହା ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟି ଓ ପେଟ ଫୁଲିବା ପରି ସମସ୍ୟାଗୁଡ଼ିକୁ ଶେଷ କରିବାରେ ସହାୟକ ହୋଇଥାଏ। ଏଥିପାଇଁ ସକାଳୁ ଖାଲି ପେଟରେ ୪-୫ଟି ତୁଳସୀ ପତ୍ର ଚୋବେଇବା ଉଚିତ ଯେପରି ଆନ୍ତଗୁଡ଼ିକ ପରିଷ୍କାର ହୋଇଯିବେ। ଏହା ବ୍ୟତୀତ ମାନସିକ ଚାପକୁ କମ୍ କରିବା ପାଇଁ ତୁଳସୀ ପତ୍ର ଲାଭକାରୀ ହୋଇଥାଏ। ତୁଳସୀକୁ ପ୍ରାକୃତିକ ଆଡାପ୍ଟୋଜେନ୍ ବୋଲି କୁହାଯାଏ ଯାହା ଶରୀରକୁ ଚାପର ପ୍ରଭାବରୁ ରକ୍ଷା କରେ।



# ଭୂଗର୍ଭ ଜଳ ଦିବସ

ପିଇବାଯୋଗ୍ୟ ପାଣିର ମୁଖ୍ୟ ସୋର୍ସ ହେଲା ଭୂଗର୍ଭ ଜଳ। କିନ୍ତୁ ଅନିୟୋଜିତ ଉଦ୍‌ଯୋଗୀକରଣ, ବୃଦ୍ଧି ପାଉଥିବା ପ୍ରଦୂଷଣ, ହ୍ରାସ ପାଇଥିବା ମରୁଭୂମି ଓ ଗ୍ଲାସିଅର୍, ନଦୀଗୁଡ଼ିକର ଜଳସ୍ତର ହ୍ରାସ, ପର୍ଯ୍ୟାବରଣର ବିନାଶ, ପ୍ରକୃତିର ଶୋଷଣ ଓ ଏହାର ଦୁରୁପଯୋଗ ପ୍ରତି ଅସମ୍ବେଦନଶୀଳତା ପୂରା ବିଶ୍ୱକୁ ଏକ ବଡ଼ ଜଳ ସଂକଟ ଆଡ଼କୁ ନେଇ ଯାଉଛି। ପ୍ୟାକେଟ୍ ଓ ବୋତଲବନ୍ଦ ପାଣି ଆଜିର ବିକାଶର ପ୍ରତୀକ ଚିହ୍ନ ହେବାକୁ ଯାଉଛି ଓ ସଂସାଧନଗୁଡ଼ିକ ପ୍ରତି ଆମର ଅବହେଳା ନିଜର ମୂଳଭୂତ ଆବଶ୍ୟକତାଗୁଡ଼ିକୁ ବଜାରବାଦ ଆଡ଼କୁ ନେବାର ରାସ୍ତାକୁ ସହଜ କରିଦେଉଛି। ପ୍ରତିବର୍ଷ ଆଜିର ଦିନରେ ଲୋକମାନଙ୍କ ଭିତରେ ଭୂଗର୍ଭ ଜଳର ମହତ୍ତ୍ୱ, ଆବଶ୍ୟକତା ଓ ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି କରେଇବା ପାଇଁ ବିଶ୍ୱ ସ୍ତରରେ ଭୂଗର୍ଭ ଜଳ ଦିବସ ପାଳନ କରାଯାଏ। ବିଶ୍ୱର ସବୁ ଦେଶଗୁଡ଼ିକରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହିତ ଜଳ ସଂରକ୍ଷଣର ମହତ୍ତ୍ୱ ଉପରେ ବି ଧ୍ୟାନ କେନ୍ଦ୍ରିତ କରିବା ଏହାର ଉଦ୍ଦେଶ୍ୟ। ଜଣେ ମଣିଷ ନିଜ ଜୀବନକାଳ ମଧ୍ୟରେ କେତେ ପାଣିର ଉପଯୋଗ କରେ କିନ୍ତୁ ସେ କ'ଣ ଏତେ ପାଣିକୁ ସଞ୍ଚୟ କରିବାକୁ ପ୍ରୟାସ କରେ କି? ଆମ ଦେଶରେ ମନ୍‌ସୁନ୍‌ର ଅନିୟମିତତା କାରଣରୁ ସମ୍ପୂର୍ଣ୍ଣ ଦେଶରେ କେଉଁଠି ନା କେଉଁଠି ଅନାବୃଷ୍ଟି, ଅତିବୃଷ୍ଟି ଏବଂ ଆଂଶିକ ବୃଷ୍ଟିର ବିପଦ ଦେଖାଦେଉଛି। କିନ୍ତୁ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ ଆଦି ରାଜ୍ୟଗୁଡ଼ିକରେ ପରମ୍ପରାଗତ ଉପାୟରେ ରାଜ୍ୟର ନିବାସୀମାନେ ନିଜ କ୍ଷେତ୍ରର ଅନୁରୂପ ଜଳ ଭଣ୍ଡାରଣର ବିଭିନ୍ନ ଢ଼ାଞ୍ଚାଗୁଡ଼ିକୁ ତିଆରି କରିଛନ୍ତି। ଏହି ପାରମ୍ପରିକ ଜଳ ସଂଗ୍ରହଣର ପ୍ରଣାଳୀଗୁଡ଼ିକ ସମୟର ଆହ୍ୱାନଗୁଡ଼ିକର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହି ପ୍ରଣାଳୀଗୁଡ଼ିକ ବିଭିନ୍ନ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ପରିସ୍ଥିତିଗୁଡ଼ିକ କାରଣରୁ ନିଜର ପ୍ରଭାବଶାଳୀ ସ୍ୱରୂପ ଦେଖାଇଛନ୍ତି। ତେବେ ଭୂଜଳର ଦୋହନ ବିଗତ ୩୦ ବର୍ଷ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି। ଏଥିରେ କାହାରି ବି ଦୋଷ ବାହାର କରିବା ଠିକ୍ ହେବ ନାହିଁ। କାରଣ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବିକାଶ ଓ ଲୋକମାନଙ୍କର ଜୀବନର ସ୍ତର ଦ୍ୱାରା ସବୁ ଜିନିଷ ପ୍ରଭାବିତ ହେଉଛି।



# ପର୍ତ୍ତୁଗାଲ୍‌ର ରହସ୍ୟ



ଦୁନିଆରେ ଅଛନ୍ତି ଏପରି କେତେକ ଦେଶ ଯେଉଁଗୁଡ଼ିକ ବାକି ଦେଶ ତୁଳନାରେ ସମ୍ପୂର୍ଣ୍ଣ ଅଲଗା। ଏହି ଦେଶଗୁଡ଼ିକ ମଧ୍ୟରେ ପର୍ତ୍ତୁଗାଲ୍‌ର ନାମ ସାମିଲ ଅଛି। ଫୁଟ୍‌ବଲ୍ ଖେଳୁଥିବା ଦୁନିଆର ବେଷ୍ଟ ଦେଶଗୁଡ଼ିକ ମଧ୍ୟରେ ସାମିଲ ଅଛି ପର୍ତ୍ତୁଗାଲର ନାମ। ପର୍ତ୍ତୁଗାଲ୍‌ର ସ୍ଥାପନା ୧୧୨୮ ଖ୍ରୀଷ୍ଟାବ୍ଦରେ ହୋଇଥିଲା। ଏହି ଦେଶକୁ ଆଧିକାରିକ ଭାବରେ ପର୍ତ୍ତୁଗାଲୀ ଗଣରାଜ୍ୟ କୁହାଯାଏ। ଏହା ୟୁରୋପର ସବୁଠାରୁ ପୁରୁଣା ଦେଶଗୁଡ଼ିକ ମଧ୍ୟରେ ସାମିଲ ଅଛି। ପର୍ତ୍ତୁଗାଲ୍‌ରେ ଏପରି ରହିଛି ୧୫ଟି ସ୍ଥାନ ଯେଉଁଗୁଡ଼ିକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ସାମିଲ କରିଛି। ଅଲକୋବାକା ମଠ, ବଟାଲା ମଠ ଓ ଅଲ୍ଟୋ ଡୌରୋ ୱାଇନ୍ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ମଧ୍ୟରେ ସାମିଲ ଅଛନ୍ତି। ଏହା ସତ୍ତ୍ୱେ ବି ପର୍ତ୍ତୁଗାଲରେ ଏପରି କେତେକ ରୋଚକ କଥା ରହିଛି ଯେଉଁଗୁଡ଼ିକ ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣିଛନ୍ତି। ପର୍ତ୍ତୁଗାଲ୍‌ର ଜଣେ ଶେଫ୍ ୨୦୧୨ରେ ଦୁନିଆର ସବୁଠାରୁ ବଡ଼ ଆମଲେଟ୍ ତିଆରି କରିଥିଲେ। ଏହି ଆମ୍‌ଲେଟ୍‌ର ଓଜନ ୬୪୪୩ କି.ଗ୍ରାରୁ ବି ଅଧିକ ଥିଲା। ସେଠାରେ ସ୍ଥିତ କୋଇମ୍ବ୍ରା ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ଅନୋଖା ହୋଇଥିବା କାରଣରୁ ଏହା ଖୁବ୍ ପ୍ରସିଦ୍ଧ। ସେଠାରେ ଥିବା ପୁସ୍ତକଗୁଡ଼ିକୁ ଉଇମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଖାସ୍ ଉପାୟ କରାଯାଇଛି। ଉଇଗୁଡ଼ିକୁ ଖାଇବା ପାଇଁ ସେଠାରେ ବାଦୁଡ଼ିମାନଙ୍କୁ ପାଳନ କରାଯାଇଛି। ରାଜଧାନୀ ଲିସ୍‌ବନ ଠାରେ ରହିଛି ୧୭ ହଜାର ମିଟରର ୟୁରୋପର ସବୁଠାରୁ ବଡ଼ ପୋଲ ଯାହାର ନାମ ଭାସ୍କୋ ଡି ଗାମା। ପର୍ତ୍ତୁଗାଲ୍‌ରେ ପାଣି ଭିତରେ ରହିଛି ଦୁନିଆର ସବୁଠାରୁ ବଡ଼ କୃତ୍ରିମ ପାର୍କ ଯାହାକୁ ଓସିଆନ୍ ରିଭାଇଭାଲ୍ ଅଣ୍ଡରୱାଟର ପାର୍କ ବୋଲି କୁହାଯାଏ। ଏହା ବ୍ୟତୀତ ସେଠାରେ ଅନ୍ୟ କେତେକ ସୁନ୍ଦର ପର୍ଯ୍ୟଟନ ସ୍ଥଳ ରହିଛି।



# ନେତ୍ରଦାନ: ଏକ ପୁଣ୍ୟ କାର୍ଯ୍ୟ

ବିକାଶଶୀଳ ଦେଶଗୁଡ଼ିକରେ ପ୍ରମୁଖ ସାର୍ବଜନିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ରହିଛି ଦୃଷ୍ଟିହୀନତା ପରି ସମସ୍ୟା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ କର୍ଣ୍ଣିଆ ରୋଗ, ମୋତିଆବିନ୍ଦୁ ଓ ଗ୍ଲୁକୋମା ପରେ ଦୃଷ୍ଟିହାନି ଅନ୍ଧପଣର ପ୍ରମୁଖ କାରଣ ହୋଇଥାଏ। ବ୍ୟକ୍ତିର ମୃତ୍ୟୁ ପରେ ପରିବାରର ଲୋକମାନେ ମୃତବ୍ୟକ୍ତିର ଶରୀରରେ ଅଗ୍ନିଦାନ କରିଦିଅନ୍ତି। କିନ୍ତୁ ଅଗ୍ନିଦାନ ପୂର୍ବରୁ ଯଦି ସେହି ମୃତ ବ୍ୟକ୍ତିର ନେତ୍ରଦାନ କରାଯାଏ ତେବେ ଅନ୍ୟ ଜଣେ ବ୍ୟକ୍ତି ଏ ଦୁନିଆକୁ ଦେଖିପାରିବ। ସେଥିପାଇଁ ବଞ୍ଚିଥିବା ଅବସ୍ଥାରେ ନେତ୍ରଦାନର ସଂକଳ୍ପ ନେଇ ଆମେ ଅଳ୍ପ ଶାନ୍ତି ପାଇ ପାରିବା। ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାରରେ ଭେଟି ଦେବା ପାଇଁ ଆମ ପାଖରେ ଅର୍ଥ ନଥିଲେ ମଧ୍ୟ ମୃତ୍ୟୁ ପରେ ନେତ୍ରଦାନ ଯଦି କରିବା ତେବେ ଏହା ସବୁଠାରୁ ପୁଣ୍ୟକାରୀ କାର୍ଯ୍ୟ ଭାବରେ ଏହା ସାବ୍ୟସ୍ତ ହେବ। ନେତ୍ରଦାନର ମହତ୍ତ୍ୱ ସମ୍ପର୍କରେ ବ୍ୟାପକ ପ୍ରଚାର ଓ ଜନ ସଚେତନତା ସୃଷ୍ଟି କରାଇ ଲୋକମାନଙ୍କୁ ମୃତ୍ୟୁ ପରେ ନିଜର ଆଖି ବା ନେତ୍ରଦାନ କରିବା ପାଇଁ ଶପଥ ନେବାକୁ ପ୍ରେରିତ କରେ ନେତ୍ରଦାନ ଦିବସ। ଆମ ଦେଶରେ ପ୍ରତି ହଜାରେ ଶିଶୁଙ୍କ ମଧ୍ୟରୁ ୯ ଜଣ ଶିଶୁ ନେତ୍ରହୀନ ହୋଇ ଜନ୍ମ ନିଅନ୍ତି। ଦେଶରେ ପ୍ରତିବର୍ଷ ୮୦-୯୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଯଦି ଏମାନଙ୍କ ମଧ୍ୟରୁ ମାତ୍ର ଏକ ପ୍ରତିଶତ ବ୍ୟକ୍ତି ନେତ୍ରଦାନ କରନ୍ତେ ତେବେ ଆମ ଦେଶରୁ ଅନ୍ଧପଣ ଦୂର ହୋଇଯାଆନ୍ତା। ତେଣୁ ମୃତ୍ୟୁ ପରେ ୪-୬ ଘଣ୍ଟା ମଧ୍ୟରେ ନେତ୍ରଦାନ କରିଦେବା ଉଚିତ। ଏପରିକି ଆଖପାଖରେ ଥିବା ଲୋକମାନେ ମୃତ ବ୍ୟକ୍ତିର ପରିଜନଙ୍କୁ ନେତ୍ରଦାନ ପାଇଁ ପ୍ରୋତ୍ସାହିତ କରିବା ଉଚିତ। ଏଥିପାଇଁ ପ୍ରତିବର୍ଷ ଆଜିର ଦିନରେ ପୂରା ବିଶ୍ୱରେ ନେତ୍ରଦାନ ଦିବସ ପାଳନ କରାଯାଏ।



# କରଣଙ୍କ ନୂଆ ରିୟଲିଟି ଶୋ'



ପେସାଗତ ପୋକର୍ ଖେଳାଳି ନିକିତା ଲୁଥର୍‌ଙ୍କୁ ଜଣେ ପ୍ରତିଯୋଗୀ ଭାବରେ ସାମିଲ କରାଯାଇଛି କରଣ ଜୋହରଙ୍କ ନୂଆ ରିୟଲିଟି ଶୋ' 'ଦି ଟ୍ରେଟର୍ସ'ରେ। ନିକିତା ଏହି ଶୋ'ରେ ନିଜର ଅନୁଭବକୁ ଅବାସ୍ତବିକ ବୋଲି କହିଛନ୍ତି। ତେବେ ନିକିତା ଏ ସମ୍ପର୍କରେ କହିଛନ୍ତି ଯେ ସେ କେବେ ମଧ୍ୟ ଏପରି ଏକ ଶୋ'ରେ ଭାଗ ନେବେ ବୋଲି ଚିନ୍ତା କରିନଥିଲେ। ଶୋ'ବିଜ୍ ଦୁନିଆରେ ସବୁ ଲୋକ ଡ୍ରାମା ସହିତ ଆସୁଥିବା ବେଳେ ନିକିତା ଜଣେ ଅଲଗା ପ୍ରକାରର ପ୍ରତିଯୋଗୀ ବୋଲି ରଣନୀତିର ବ୍ୟବହାର କରୁଥିଲେ। ଏହା ଏକ ଅବାସ୍ତବିକ ଯାତ୍ରା ଓ ମୁଁ ଏହି ଅବସର ପାଇଁ ବାସ୍ତବରେ ଆଭାରୀ ବୋଲି କହିଛନ୍ତି ନିକିତା। 'ଦି ଟ୍ରେଟର୍ସ' ହେଉଛି ଏପରି ଏକ ରିୟଲିଟି ଶୋ' ଯେଉଁଥିରେ ପ୍ରତିଯୋଗୀମାନେ ଦୁଇଟି ଦଳରେ ବିଭାଜିତ ହୋଇଥାନ୍ତି – ବଫାଦାର ଓ ଗଦ୍ଦାର। ଗଦ୍ଦାରମାନଙ୍କୁ ଗୁପ୍ତ ଭାବରେ ଚୟନ କରାଯାଏ। ଏମାନେ ବଫାଦାରମାନଙ୍କୁ ବାହାର କରିବା ପାଇଁ ଚେଷ୍ଟା କରନ୍ତି। ଏ ସମୟରେ ବଫାଦାରମାନେ ଗଦ୍ଦାର ପ୍ରତିଯୋଗୀମାନଙ୍କୁ ଚିହ୍ନଟ କରିଥାନ୍ତି। ଏହି ଶୋ' ରଣନୀତି, ଧୋକା ଓ ସାମାଜିକ ମନୋବିଜ୍ଞାନ ଉପରେ ଆଧାରିତ ଯାହାର ହୋଷ୍ଟ ହେଉଛନ୍ତି କରଣ ଜୋହର। ଏଥିରେ ୨୦ ଜଣ ପ୍ରତିଯୋଗୀ ଏକା ସହିତ ଗୋଟିଏ ସ୍ଥାନରେ ରହନ୍ତି। ଏହି ପ୍ରତିଯୋଗୀମାନେ ପୁରସ୍କାର ରାଶି ନେବା ପାଇଁ ଦିନ ସମୟରେ ବିଭିନ୍ନ ଆହ୍ୱାନଗୁଡ଼ିକରେ ଭାଗ ନିଅନ୍ତି। ରାତିରେ ଗଦ୍ଦାରମାନେ ବଫାଦାର ପ୍ରତିଯୋଗୀମାନଙ୍କୁ ମାରି ଦିଅନ୍ତି। ପ୍ରତି ରାତିରେ ପ୍ରତିଭାଗୀମାନେ ଏକ ଗୋଲମେଜ ମତଦାନରେ ଭାଗ ନିଅନ୍ତି ଯେଉଁଥିରେ ସେମାନେ ଗଦ୍ଦାରମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରିଥାନ୍ତି। ଏହା ଏକ ଅନ୍ତଃରାଷ୍ଟ୍ରୀୟ ଶୋ' ଯାହାର ଭାରତୀୟ ରୂପାନ୍ତରଣ ଆମାଜନ୍ ପ୍ରାଇମ୍ ଭିଡିଓରେ ୧୨ ଜୁନ୍‌ରେ ପ୍ରିମିଅର ହେବାକୁ ଯାଉଛି।

## ଏମ୍ଏସ୍ ଏକାଡେମୀରେ ପରିବେଶ ଦିବସ

# ବିଶ୍ୱ ସୁରକ୍ଷା ଆମ ପାଇଁ ଆହ୍ୱାନ: ଜଷ୍ଟିସ୍ ଶତପଥୀ



**କଟକ,୯।୬/ଏନ୍ଏନ୍ଏସ୍:** ତିର୍ତ୍ତୋଲସ୍ଥିତ ଏମ୍ଏସ୍ ଏକାଡେମୀରେ ବିଶ୍ୱ ପରିବେଶ ଦିବସ- ୨୦୨୫ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ତଥା ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ ଆଦି ବହୁସଂଖ୍ୟକ ଚାରା ରୋପଣ କରିଥିଲେ। ପ୍ରାକ୍ତନ ଛାତ୍ର ବିମଳ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଜଷ୍ଟିସ୍ ଶତପଥୀ କହିଲେ ଯେ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇଛି। ଏଭଳି ଜନହିତ କାର୍ଯ୍ୟକ୍ରମରେ ଆଜିର ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଗ୍ରହଣ ସାଙ୍ଗକୁ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହେବାର ଆବଶ୍ୟକତା ରହିଛି। ବରିଷ୍ଠ ଆଇନଜୀବୀ ଜୟଦୀପ ପାଲ, ମଳୟ କେତନ ବଳବନ୍ତରାୟ, ବାବାଜୀ ସାହୁ, ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ପ୍ରଧାନଶିକ୍ଷୟିତ୍ରୀ ବିମଳା ସେଠୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଉଲ୍ଲାସ ଚନ୍ଦ୍ର ମହାନ୍ତି, ଦିଲ୍ଲୀପ କୁମାର ମହାପାତ୍ର, ମହେନ୍ଦ୍ର କୁମାର ସାହୁ, ପ୍ରଭୁ ପ୍ରସନ୍ନ ବେହେରା, ସୌଭାଗ୍ୟ ସୁନ୍ଦର ଦେବ ଦାସ, ତରୁଣ କାନ୍ତ ପଟ୍ଟନାୟକ, ଦୁର୍ଗେଶ ନାରାୟଣ ରଥ, ଦିଲ୍ଲୀପ ରାୟ ଓ ଅରୋଲିନା ପାଲ ପ୍ରମୁଖ ବହୁ ଆଇନଜୀବୀ ସମେତ ଅନୁଷ୍ଠାନର ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାକ୍ତନ ଛାତ୍ର ପ୍ରଶାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ସଂଗୀତ ପରିବେଷଣ ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା। ଜଷ୍ଟିସ୍ ଶତପଥୀଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ ସମୟରେ ଜିଲ୍ଲା ଜଜ୍ ଶ୍ରୀନିବାସ ପ୍ରତିହାରୀଙ୍କ ପୌରୋହିତ୍ୟରେ ଆୟୋଜିତ ରଘୁନାଥପୁର ଗ୍ରାମୀଣ ନ୍ୟାୟାଳୟ, ତିର୍ତ୍ତୋଲ ଜେଏମ୍ଏଫ୍ସି ନ୍ୟାୟାଳୟ, କୁଜଙ୍ଗ ଏଡିଜେ ନ୍ୟାୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଜଷ୍ଟିସ୍ ଶତପଥୀ ସେଠାରେ ଚାରାରୋପଣ କରିଥିଲେ। ଏଡିଜେ ଦୀପ୍ତି ପ୍ରକାଶ ବ୍ରହ୍ମା, ରେଜିଷ୍ଟ୍ରାର ବିଶ୍ୱକଳ୍ପିତା ମହାନ୍ତି, ସବଜଜ୍ ଅବକାଶ ଚୌଧୁରୀ, ମୁନସିଫ୍ ବିଶ୍ୱଭୂଷଣ ନାୟକ, ଜେଏମ୍ଏଫ୍ସି ପ୍ରକାଶ ପାଢ଼ୀ, ଜଜ୍ ତନ୍ମୟୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନେଚର୍ କେୟାର୍ ଇନିସିଏଟିଭ୍ (ଏନ୍ସିଆଇ) ନୂଆଦିଲ୍ଲୀ ତରଫରୁ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ପରିସରରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜଷ୍ଟିସ୍ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ପଦ୍ମଶ୍ରୀ ଯମୁନା ଟୁଡୁ ପ୍ରମୁଖ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପରିବେଶ ବିଶେଷଜ୍ଞ ତଥା ବରିଷ୍ଠ ସାମ୍ବାଦିକ ଶକ୍ତି ପ୍ରସାଦ ନାୟକ, ବାବାଜୀ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଓମ୍ ପ୍ରକାଶ ଗୁରୁ ଧନ୍ୟବାଦ୍ ଦେଇଥିଲେ।

# କବିତା ଆସର ଓ ଆଲୋଚନାଚକ୍ର



**କଟକ,୯।୬/ଏନ୍ଏନ୍ଏସ୍:** ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ତଥା ଶିକ୍ଷାବିତ୍ ଚୈତନ୍ୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ଉଦ୍‌ଘାଟକ ଭାବେ ପଣ୍ଡିତ ଡ. ନୀଳକଣ୍ଠ ରାଉତ, ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଡ.ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପତିତ ପାବନ ମହାପାତ୍ର ଯୋଗଦେଇ ସାହିତ୍ୟ ମାଧ୍ୟମରେ ସମାଜ ପରିବର୍ତ୍ତନ ହୋଇପାରେ ବୋଲି କହିଥିଲେ। କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ବ୍ରହ୍ମାନନ୍ଦ ବିଶ୍ୱାଳ, ବଂଶୀଧର ମହାପାତ୍ରଙ୍କ ସଂଯୋଜନାରେ କବି ଭୀମସେନ ସାହୁ, ଉତ୍ତମ ଚରଣ ପ୍ରଧାନ, ଆଶିଷ ରଞ୍ଜନ ଦାଶ, ସୁରେନ୍ଦ୍ର ଜେନା, ବ୍ରଜବନ୍ଧୁ ପୃଷ୍ଟି, ବିନୋଦିନୀ ମିଶ୍ର, ପ୍ରିୟମ୍ବଦା ପ୍ରିୟଦର୍ଶିନୀ ସାହୁ, କ୍ଷୀରୋଦ ଜେନା, ଶ୍ରୀମ୍ୟାଶ୍ରୀ ସ୍ୱାଇଁ, ତୁଷାରକାନ୍ତ ସ୍ୱାଇଁ, ପ୍ରଭାତ ରାଣୀ ମହାନ୍ତି, ତିଲୋତ୍ତମା ପାଣିଗ୍ରାହୀ, ପ୍ରଭାକର ଦାସ, ରତନ କୁମାର ମହାନ୍ତି, ସରୋଜ କାନ୍ତ ରଥ, ଛବିରାମ ସେଠୀ, ବସନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ କର, ସଂଯୁକ୍ତା ଦାଶ, ଉପାସନା ସ୍ୱାଇଁ, ସୁଶୀଲ କୁମାର ରାଉତ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ଆଦିତ୍ୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ରାଜୀବ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କବି ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ୧୩ରେ ନିଖିଳ ଭାରତ ସେବା ସଂଘର ବୈଠକ

**କଟକ,୯।୬/ଏନ୍ଏନ୍ଏସ୍:** ନିଖିଳ ଭାରତ ସେବା ସଂଘର ଏକ ବିଶେଷ ସାଧାରଣ ସଭା ଜୁଲାଇ ୧୩ ତାରିଖରେ ବାଖରାବାଦ, ସନସାଇନ ଫିଲଡ଼୍ ନିକଟସ୍ଥ ଗାନ୍ଧୀ ଭବନ ପରିସରରେ ଅନୁଷ୍ଠିତ ହେବ। ଏହି ବୈଠକ ସମ୍ବିଧାନର ଧାରା-୧୨ ଓ ଉପଧାରା-ଖ (ବାଇ-ଲ) ଅନୁସାରେ ସଂଘର ସମସ୍ତ ସଦସ୍ୟଙ୍କୁ ସମ୍ବିଧାନ ସମ୍ବନ୍ଧରେ ଅବଗତ କରାଯିବା ସହ ଏହାର କାର୍ଯ୍ୟକାରିତା ପାଇଁ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ତେଣୁ ସମସ୍ତ ସଭ୍ୟମାନେ ଜୁନ ୩୦ ତାରିଖ ମଧ୍ୟରେ ସେମାନଙ୍କ ସଭ୍ୟପଦ ନବୀକରଣ କରିବା ନିମନ୍ତେ ସଂଘ କାର୍ଯ୍ୟାଳୟରୁ ୧୦୦ଟଙ୍କା ବିନିମୟରେ ନିର୍ଦ୍ଧାରିତ ଫର୍ମ ପୂରଣ କରିବା ସହ ଆବଶ୍ୟକୀୟ ନଥିପତ୍ର ସଂଲଗ୍ନ କରି ସଭ୍ୟପଦ ନବୀକରଣ କରାଇପାରିବେ। ଏହି ବୈଠକ ପରେ ନୂତନ ସଭ୍ୟ ଗ୍ରହଣ ଅଭିଯାନ ଆରମ୍ଭ ହେବ। ଯେଉଁମାନେ ସଭ୍ୟପଦ ନବୀକରଣ କରାଇନଥିବେ ଏବଂ ଉପରୋକ୍ତ ସାଧାରଣ ସଭାରେ ଅନୁପସ୍ଥିତ ରହିବେ, ସେମାନଙ୍କ ସଭ୍ୟପଦ ରଦ୍ଦ କରାଯିବ ବୋଲି ସଂଘର ସଭାପତି ଭାସ୍କର ଚନ୍ଦ୍ର ନାୟକ ଜଣାଇଛନ୍ତି।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଘଟଣା, ନର୍ସିଂହୋମ୍ ମାଲିକଙ୍କୁ ଜେରା

**କଟକ,୯।୬/ଏନ୍ଏନ୍ଏସ୍:** କଟକର ଏକ ଘରୋଇ ହସ୍‌ପିଟାଲ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାମଲାର ଯାଞ୍ଚ ଆରମ୍ଭ ହୋଇଛି। ହସପିଟାଲରେ ଏଡିଏମଓ ଓ ପୁଲିସ ପହଞ୍ଚି ହସ୍‌ପିଟାଲର କାଗଜପତ୍ର ମଧ୍ୟ ଯାଞ୍ଚ କରାଯିବା ସହ ହସପିଟାଲର ମାଲିକଙ୍କୁ ବି ଜେରା କରାଯାଇଛି। ସୂଚନାଯୋଗ୍ୟ ଉକ୍ତ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରି ଜଣେ ଯବାନଙ୍କ ପତ୍ନୀଙ୍କ ମଳନଳୀ କାଟି ଦିଆଯାଇଥିଲା। ଏଭଳି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାମଲାର ତଦନ୍ତ ପାଇଁ ଏକ ଟେକନିକାଲ ଟିମ ମଧ୍ୟ ଗଠନ କରାଯାଇଛି। ଏହି ଟିମ ପୀଡ଼ିତା ଦୀପ୍ତିମୟୀ ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ଓ ରିପୋର୍ଟ ଯାଞ୍ଚ କରିଥିଲେ। ଟିମର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍ଓ ଡାକ୍ତର ପ୍ରଶାନ୍ତ ହୋତା କହିଛନ୍ତି। ଟେକନିକାଲ କମିଟି ରିପୋର୍ଟ ଆଧାରରେ ସେଥିରେ ଯାହାର ଭୁଲ ଥିବ ସେ ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ସିଡିଏମ୍ଓ ପ୍ରକାଶ କରିଛନ୍ତି। ଦୀପ୍ତିମୟୀଙ୍କ ପୂର୍ବରୁ ୨ଟି ସନ୍ତାନ ଥିବାରୁ ପରିବାରର ସହମତିରେ ଗର୍ଭପାତ କରିବାକୁ ସ୍ଥାନୀୟ ରାଣୀହାଟର ଜନନୀ ନାମକ ଏକ ଘରୋଇ ନର୍ସିଂହୋମକୁ ଆସିଥିଲେ। ଏଠାରେ ଅସ୍ତ୍ରୋପଚାର ସମୟରେ ତାଙ୍କର ମଳ ନଳୀକୁ କାଟି ଦିଆଯାଇଥିବାରୁ ସେ ଗୁରୁତର ହୋଇଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତ୍ରୁଟପୂର୍ଣ୍ଣ ଅପରେସନ କରଥିବା ନର୍ସିଂହୋମ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ବିରୋଧରେ ପୀଡ଼ିତା ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଏତଲା ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



**କଟକ,୯।୬/ଏନ୍ଏନ୍ଏସ୍:** କଟକ ମିଡ୍‌ଟାଉନ୍ କ୍ଲବ ଆନୁକୂଲ୍ୟରେ ସଭାପତି ରୋଟାରୀଆନ ଡକ୍ଟର ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତିନିକୋଣିଆ ବସ୍ତି ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଏବଂ ବିସ୍କୁଟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀଆନ୍ ବିଭୂତି ଭୂଷଣ ରାଉତ, ରମେଶ ଚନ୍ଦ୍ର ସିଂ, କାହ୍ନୁଚରଣ ଦାସ, ଚୌଧୁରୀ ରାମାରାଓ, ତରୁଣକାନ୍ତି ବୋଷ, ଇନରହୁଇଲ୍ ସଭାପତି ଡକ୍ଟର ମିତା ଦେବତା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି ଶିକ୍ଷିକା କ୍ରିଷ୍ଣପ୍ରଭା ନାୟକ, କେ.କମଳା, ହିମାଂଶୁ, ତପନ ଦାସ, ଧଡ଼ିଆ ବେହେରା ପ୍ରମୁଖ ସହଯୋଗରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୯।୬/ଏନ୍ଏନ୍ଏସ୍:** ବାଙ୍କୀ-ଡମପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୮ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୫୪ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଏନ୍‌ଡିଆର୍‌ଏଫ୍‌ଠାରେ ‘ରୁଚି’ର ପ୍ରେରଣାଦାୟୀ କାର୍ଯ୍ୟକ୍ରମ





**କଟକ,୯।୬/ଏନ୍ଏନ୍ଏସ୍:** ଓଡ଼ିଶାର ସୁପରିଚିତ ରୁଚି ଉଦ୍ୟୋଗ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଣ୍ଡୁଳିସ୍ଥିତ ଏନ୍‌ଡିଆର୍‌ଏଫ୍ ପରିସରରେ ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ସମୟରେ ସେବା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏହି ଅନୁଷ୍ଠାନର ଅଧିକାରୀମାନଙ୍କ ପାଇଁ ପ୍ରେରଣା ଯୋଗାଉଥିବା ଦୁଇ ଶହରୁ ଅଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ମହିଳା ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ‘ରୁଚି’ର ନିର୍ଦ୍ଦେଶକ ଅରବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସଶକ୍ତୀକରଣ ଏବଂ ପିଲାମାନଙ୍କର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏନ୍‌ଡିଆର୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନ, ସାଗର ଚୌହ୍ୱାନ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲାବେଳେ ରୁଚି କର୍ପୋରେଟ ସେଲ୍ସ ବିଭାଗ ବିଶେଷଜ୍ଞ ସାଇ ସସ୍ମିତା ନାୟକ ଓ ବିଜିନେସ୍ ଏକ୍‌ଜିକ୍ୟୁଟିଭ ସୋନାଲି ସାହୁ ଏହାକୁ ପରିଚାଳନା କରିଥିଲେ। ‘ରୁଚି’ର ବିଭିନ୍ନ ନୂତନ ଉତ୍ପାଦ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା।

# ଚାନ୍ଦିନୀଚୌକ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**କଟକ,୯।୬/ଏନ୍ଏନ୍ଏସ୍:** ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ରାଧାଶାନ୍ତି ପ୍ୟାଲେସ ଠାରେ ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି। ଭିକାରୀ ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ଚଳିତବର୍ଷ ଜୁନ ୨୭ ତାରିଖ ଦିନ ରଥଯାତ୍ରା ନେତ୍ର ଉତ୍ସବ ଅନୁଷ୍ଠିତ ହେବ। ସେହିଭଳି ଜୁନ ୨୬ ତାରିଖ ଦିନ ପ୍ରଭୁ ଜଗନ୍ନାଥଙ୍କର ନବଯୌବନ ବେଶ ଆରମ୍ଭ ହୋଇ ଜୁଲାଇ ୮ ତାରିଖ ନିଳାଦ୍ରି ବିଜୟ ପରେ ଚଳିତ ବର୍ଷର ରଥଯାତ୍ରା ସମ୍ପନ୍ନ ହେବ। ଗୁଣ୍ଡିଚା ମନ୍ଦିରର ତଳ ପଡ଼ିଆଠାରେ ବାହୁଡ଼ା ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରସ୍ତୁତି ବୈଠକରେ ସିଏମ୍‌ସି ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ସମେତ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଯୋବ୍ରା ରଥଯାତ୍ରା ପାଇଁ ଶେଷ ପ୍ରସ୍ତୁତି ବୈଠକ



**କଟକ,୯।୬/ଏନ୍ଏନ୍ଏସ୍:** ଯୋବ୍ରା ନୂଆସାହି ସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଯୋବ୍ରା ରଥର ଶେଷ ପ୍ରସ୍ତୁତି ବୈଠକ ରଥ ଖଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ଚୌଦ୍ୱାର - କଟକର ବିଧାୟକ ସୌଭିକ ବିଶ୍ୱାଳ ଯୋବ୍ରା ସାତ ସାହିର ସଭାପତି, ସମ୍ପାଦକ, ମହନ୍ତ, ଅଧିକାରୀ, ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଶ୍ରୀମନ୍ତ ଦାସ ଓ କୋଷାଧ୍ୟକ୍ଷ ମଳୟ ବେହେରା ଯୋଗ ଦେଇଥିଲେ। ଏହି ବୈଠକରେ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ହିମାଂଶୁ ମହାରଣା, ଶୁଭେନ୍ଦୁ ମହାନ୍ତି, ଭରତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ନାୟକ, ରମେଶ ମହାରଣା, ଶଙ୍କର ନାୟକ, ଅଜିତ ସ୍ୱାଇଁ, ଶୁଭମ ପଟ୍ଟନାୟକ, ଆଶିଷ ମହାନ୍ତି,ପ୍ରସନ୍ନ ନାୟକ, ଆଲୋକ ନାୟକ,ଅଶୋକ ବେହେରା, ବିଦ୍ୟାଧର ନାୟକ, ସୀମାଞ୍ଚଳ ରେଡ୍ଡି, ଚନ୍ଦନ ନାୟକ, ଭାବଗ୍ରାହୀ ନାୟକ, ସଭାପତି ତନୟ କୁମାର ବେହେରା ମନ୍ଦିର ପରିଚାଳନା କମିଟିର ମହନ୍ତ ଶିବେନ୍ଦ୍ର ନାୟକ, ଅଧିକାରୀ କାଶୀନାଥ ନାୟକ ପ୍ରମୁଖ ଉପସ୍ଥିତି ଥିଲେ। ପରେ ଅନୁଷ୍ଠାନର ସଭାପତିତ୍ୱ କରିଥିବା ଅନୁଷ୍ଠାନର ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ସଭା ପରିଚାଳନା କରିଥିଲେ।

# ୭ ବାଇକ୍ ଜବତ, ୩ ଗିରଫ



**କଟକ,୯।୬/ଏନ୍ଏନ୍ଏସ୍:** ବାଇକ ଚୋରି ଅଭିଯୋଗରେ ପୁରୀଘାଟ ଥାନା ପୁଲିସ ୩ ପେସାଦାର ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡାମୁହାଣ ଗ୍ରାମର ଚନ୍ଦନ ବେହେରା (୨୫), ପୁରୀଘାଟ ଥାନା ଅନ୍ତର୍ଗତ ଗୋପାଳଜୀଉ ଲେନର ମହାଦେବ ନାୟକ (୩୦) ଓ ବାରଙ୍ଗ ଥାନା ଅନ୍ତର୍ଗତ ପଟାପୁର ଗ୍ରାମର ଶିବାନୀ ଓରଫ ଶିବ ଜେନା (୨୯)। ସେମାନଙ୍କଠାରୁ ପୁଲିସ ୭ଟି ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ଦୀପଙ୍କର ପଲାଇ ଗତ ୬ ତାରିଖରେ ଥାନାରେ ଏକ ଏତଲା ଦେଇଥିଲେ। ଏତଲାରେ ସେ ଦର୍ଶାଇଥିଲେ ଯେ, ସେ ତାଙ୍କ ପ୍ୟାସନ ପ୍ରୋ ମଟର ସାଇକେଲରେ ସନ୍‌ସାଇନ୍ ପଡ଼ିଆକୁ ପ୍ରାତଃ ଭ୍ରମଣରେ ଆସି ଖେଳ ପଡ଼ିଆର ଗେଟ ପାଖରେ ସକାଳ ୬ଟାରେ ତାଙ୍କ ଗାଡ଼ି ପାର୍କିଂ କରିଥିଲେ। ସକାଳ ୭ଟା ୪୫ରେ ସେ ଫେରିଲା ପରେ ତାଙ୍କ ଗାଡ଼ିକୁ ଖୋଜି ପାଇନଥିଲେ। ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁକରି ଛାନ୍‌ବିନ୍ ଆରମ୍ଭ କରିଥିଲା। ପ୍ରଥମେ ପୁଲିସ ଅଭିଯୁକ୍ତ ଚନ୍ଦନକୁ ଧରିବାରେ ସକ୍ଷମ ହୋଇଥିଲା। ଚନ୍ଦନଠାରୁ ପୁଲିସ ଚୋରି ହୋଇଥିବା ମୋଟରସାଇକେଲ୍ ଉଦ୍ଧାର କରିବା ସହିତ ପଚରାଉଚୁରା ପରେ ଆଉ ୨ଟି ଚୋରି ମୋଟରସାଇକେଲ ମଧ୍ୟ ଉଦ୍ଧାର କରିଥିଲା। ଏହାପରେ ପୁଲିସ ଅଭିଯୁକ୍ତ ଚନ୍ଦନଠାରୁ ସୁରାକ୍ ପାଇ ଅନ୍ୟ ଜଣେ ଅଭିଯୁକ୍ତ ମହାଦେବକୁ ଧରିବାରେ ସକ୍ଷମ ହୋଇଥିଲା। ତାହାଠାରୁ ୩ଟି ମୋଟର ସାଇକେଲ ଜବତ କରାଯାଇଥିଲା। ପରେ ଶିବକୁ ପୁଲିସ ଧରି ତାଠାରୁ ପୁଲିସ ଗୋଟିଏ ମଟର ସାଇକେଲ ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନାଁରେ କଟକର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟିମ୍ ଇଣ୍ଡିଆର ଘରୋଇ ସିଜନ୍ ଭେନ୍ୟୁରେ ପରିବର୍ତ୍ତନ

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ମ୍ୟାଚ୍ କୋଲ୍‌କାତାରୁ ଦିଲ୍ଲୀ ସ୍ଥାନାନ୍ତର

## ବାରବାଟୀରେ ସାଉଥ୍ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ଡିସେମ୍ବର ୯ରେ



**ମୁମ୍ବାଇ,୯/୬/ଏଜେନ୍ସି:** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଅନ୍ତର୍ଜାତୀୟ ଘରୋଇ ସିଜନ୍ ଏବଂ ସାଉଥ୍ ଆଫ୍ରିକା-ଏ' ଟିମ୍‌ର ଭାରତ ଗସ୍ତର ଭେନ୍ୟୁରେ ପରିବର୍ତ୍ତନ କରିଛି। ଟିମ୍ ଇଣ୍ଡିଆ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ୱେଷ୍ଟଇଣ୍ଡିଜ୍ ଏବଂ ସାଉଥ୍ ଆଫ୍ରିକା ସହ ସିରିଜ୍ ଖେଳିବ। ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ୍‌ର ସିରିଜ୍ ଅକ୍ଟୋବରରେ ଆୟୋଜିତ ହେବ। ସେହିପରି ସାଉଥ୍ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆ ୨ ଟେଷ୍ଟ, ୩ ଦିନିକିଆ ଏବଂ ୫ ଟି-୨୦ ମ୍ୟାଚ୍‌ର ସିରିଜ୍ ନଭେମ୍ବର-ଡିସେମ୍ବରରେ ଖେଳିବ।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ଯାହା ପୂର୍ବରୁ କୋଲ୍‌କାତାରେ ହେବାର ଥିଲା ଏବେ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ମଧ୍ୟରେ ନଭେମ୍ବର ୧୪ରୁ ଆରମ୍ଭ ହେବାକୁ ଥିବା ସାଉଥ୍ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ନୂଆଦିଲ୍ଲୀରୁ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସ ସ୍ଥାନାନ୍ତର କରାଯାଇଛି।

ଟିମ୍ ଇଣ୍ଡିଆର ଘରୋଇ ସିଜନ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆରମ୍ଭ ହେବ। ଅକ୍ଟୋବର ୨ର ଦୁଇ ଟିମ୍ ମଧ୍ୟରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ଖେଳାଯିବ। ଅକ୍ଟୋବର ୧୦ରୁ ଦ୍ୱିତୀୟ ଟେଷ୍ଟ କୋଲ୍‌କାତାରେ ଖେଳାଯିବାର ଥିଲା, ମାତ୍ର ଏହା ଏବେ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି)ର ଅଂଶବିଶେଷ। ଏହାପରେ ଟିମ୍ ଇଣ୍ଡିଆ ଅକ୍ଟୋବର ୧୯ର ୨୫ ମଧ୍ୟରେ ଅଷ୍ଟ୍ରେଲିଆରେ ୩ ଦିନିକିଆ ମ୍ୟାଚ୍‌ର ସିରିଜ୍ ଖେଳିବ। ଏହାପରେ ଦୁଇ ଟିମ୍ ଅକ୍ଟୋବର ୨୯ରୁ ନଭେମ୍ବର ୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ୫ ଟି-୨୦ ସିରିଜ୍ ମଧ୍ୟ ଖେଳିବେ।

ଅଷ୍ଟ୍ରେଲିଆର ଫେରିବା ପରେ ଟିମ୍ ଇଣ୍ଡିଆ ସାଉଥ୍ ଆଫ୍ରିକା ବିପକ୍ଷରେ ତିନୋଟି ଯାକ ଫର୍ମାଟ୍‌ର ସିରିଜ୍ ଖେଳିବ। ନଭେମ୍ବର ୧୪ରୁ କୋଲ୍‌କାତାରେ ପ୍ରଥମ ଟେଷ୍ଟ ଏବଂ ନଭେମ୍ବର ୨୨ରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଟେଷ୍ଟ ପୂର୍ବରୁ ଦିଲ୍ଲୀରେ ଖେଳାଯିବାର ଥିଲା। ଗୁଆହାଟୀରେ ବରସାପାରା ଷ୍ଟାଡିୟମ୍‌ରେ ପ୍ରଥମ ଥର ରେଡ୍ ବଲ୍‌ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଏଠାରେ ୧୨ଟି ଅନ୍ତର୍ଜାତୀୟ ସୀମିତ ଓଭର୍ (ଦିନିକିଆ ଓ ଟି-୨୦) ମ୍ୟାଚ୍ ଖେଳାଯାଇଛି। ଟେଷ୍ଟ ସିରିଜ୍ ପରେ ଦୁଇ ଟିମ୍ ମଧ୍ୟରେ ନଭେମ୍ବର ୩୦ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡ଼ିକ ରାଞ୍ଚି, ରାୟପୁର ଏବଂ ଭାଇଜାଗ୍‌ରେ ଆୟୋଜିତ ହେବ। ଏହା ପରେ ଡିସେମ୍ବର ୯ରୁ ୧୯ ମଧ୍ୟରେ ଦୁଇ ଟିମ୍ ୫ ଟି-୨୦ ମ୍ୟାଚ୍ ଖେଳିବେ। ସିରିଜ୍‌ର ପପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ବାକି ମ୍ୟାଚ୍‌ଗୁଡ଼ିକର ମୁଲ୍ଲାନ୍‌ପୁର, ଧର୍ମଶାଳା, ଲକ୍ଷ୍ନୌ ଏବଂ ଅହମ୍ମଦାବାଦ୍‌ରେ ଖେଳାଯିବ।

### ଭାରତ-ଏ' ମ୍ୟାଚ୍ ରାଜକୋଟ୍‌ରେ ଖେଳାଯିବ


ଭାରତ-ଏ ଓ ସାଉଥ୍ ଆଫ୍ରିକା -ଏ ମଧ୍ୟରେ ଅକ୍ଟୋବର ୩୦ରୁ ଦୁଇଟି ମଲ୍ଟି-ଡେ ଏବଂ ତିନିଟି ଦିନିକିଆ ମ୍ୟାଚ୍ ଖେଳାଯିବ। ମଲ୍ଟି-ଡେ ମ୍ୟାଚ୍ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ (ସିଓଇ)ରେ ଆୟୋଜିତ ହେବ। ତିନିଟି ଦିନିକିଆ ଯାହା ପୂର୍ବରୁ ବେଙ୍ଗାଲୁରୁ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାର ଥିବା ଏବେ ରାଜକୋଟର ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍ ସ୍ଥାନାନ୍ତର କରାଯାଇଛି।

### ମହିଳା ସିରିଜ୍‌ର ମ୍ୟାଚ୍ ମଧ୍ୟ ସ୍ଥାନାନ୍ତରିତ

ଏହି ସିଜନ୍‌ରେ ଭାରତୀୟ ମହିଳା ଟିମ୍ ଅଷ୍ଟ୍ରେଲିଆ ମହିଳା ଟିମ୍ ବିପକ୍ଷରେ ଘରୋଇ ସିରିଜ୍ ଖେଳିବାର ଅଛି। ଏହି ମ୍ୟାଚ୍ ମଧ୍ୟ ସ୍ଥାନାନ୍ତରିତ ହୋଇଛି। ଏହାର ପ୍ରଥମ ଦୁଇଟି ଦିନିକିଆ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବାର ଥିଲା। ଏବେ ଏହା ନ୍ୟୁ ଚଣ୍ଡିଗଡ଼ର ପିସିଏ ଷ୍ଟାଡିୟମ୍‌ରେ ହେବ। ସେହିପରି ତୃତୀୟ ଏବଂ ଅନ୍ତିମ ଦିନିକିଆ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଖେଳାଯିବ। ସୂଚନାଯୋଗ୍ୟ, ଏମ୍‌ଏ ଷ୍ଟାଡିୟମ୍‌ର ଆଉଟ୍‌ଫିଲ୍ଡ ଓ ପିଚ୍‌ର ରିନୋଭେସନ୍ କାର୍ଯ୍ୟ ଚାଲିଛି।

## ଟେନିସ୍ ର୍ୟାଙ୍କିଙ୍ଗ୍: ଶୀର୍ଷରେ ସିନର୍ ସ୍ଥିର

# ବୋଇସୋଁଙ୍କ ୨୯୬ ସ୍ଥାନର ଲମ୍ବା ଲମ୍ଫ



**ନୂଆଦିଲ୍ଲୀ,୯/୬/ଏଜେନ୍ସି:** ଫ୍ରେଞ୍ଚ ଓପନ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଲୋଇସ୍ ବୋଇସୋଁ ସୋମବାର ଜାରି ସଦ୍ୟତମ ଡବ୍ଲୁଟିଏ ର୍ୟାଙ୍କିଙ୍ଗ୍‌ରେ ୨୯୬ ସ୍ଥାନର ଲମ୍ଫ ପ୍ରଦାନ ସହିତ ୬୫ତମ ସ୍ଥାନରେ ପହଞ୍ଚିଛନ୍ତି। ଫ୍ରାନ୍ସର ବୋଇସୋଁ ଫ୍ରେଞ୍ଚ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ୩୬୧ତମ ସ୍ଥାନରେ ଥିଲେ। ମାତ୍ର ଗତ ସପ୍ତାହରେ ଏହି କ୍ଲେ କୋର୍ଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିବା ଫଳରେ ର୍ୟାଙ୍କିଙ୍ଗ୍‌ରେ ସେ ଜବରଦସ୍ତ ଲମ୍ଫ ପ୍ରଦାନ କରିବାରେ ସଫଳ ହୋଇଛନ୍ତି। କୋକୋ ଗଫ୍ ସେମିଫାଇନାଲ୍‌ରେ ବୋଇସୋଁଙ୍କୁ ହରାଇବା ସହିତ କ୍ୟାରିୟର୍‌ର ପ୍ରଥମ ଫ୍ରେଞ୍ଚ ଓପନ୍ ଟାଇଟଲ୍ ଜିତିଥିଲେ।

### ଡବ୍ଲ୍ୟୁଟିଏ ଶୀର୍ଷରେ ସାବାଲେଙ୍କାଙ୍କ ଆଧିପତ୍ୟ କାଏମ୍

ସୋମବାର ପ୍ରକାଶିତ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ଶୀର୍ଷରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆର୍ଯ୍ୟନା ସାବାଲେଙ୍କା ଶୀର୍ଷରେ କାଏମ୍ ଥିବାବେଳେ ଗଫ୍ ଓ ତାଙ୍କ ସାଥୀ ଆମେରିକୀୟ ଜେସିକା ପେଗୁଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସାବାଲେଙ୍କା ରୋଲାଣ୍ଡ ଗାରୋସ୍ ଫାଇନାଲ୍‌ରେ ଗଫ୍‌ଙ୍କଠାରୁ ପରାଜିତ ହୋଇଥିଲେ। ୱାଇଲ୍ଡ କାର୍ଡଧାରୀ ବୋଇସୋଁ ତୃତୀୟ ର୍ୟାଙ୍କ୍‌ର ପେଗୁଲାଙ୍କୁ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଏହାପରେ ନଂ.୬ ଖେଳାଳି ମୀରା ଆନ୍ଦ୍ରିଭାଙ୍କୁ ହରାଇଥିଲେ।

ରୋଲାଣ୍ଡ ଗାରୋସ୍‌ରେ ସବୁଠୁ ଦୀର୍ଘ ଫାଇନାଲ୍ ମ୍ୟାଚ୍‌ରେ ଶୀର୍ଷ ସିଡ୍ ଜାନିକ୍ ସିନର୍‌ଙ୍କୁ ହରାଇ ଟାଇଟଲ୍ ଡିଫେଣ୍ଡ କରିଥିବା କାର୍ଲୋସ୍ ଅଲ୍‌କାରାଜ୍ ପୁରୁଷ ଏଟିପି ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ କାଏମ ରହିଛନ୍ତି। ଇଟାଲୀୟ ଖେଳାଳି ସିନର୍ ଫାଇନାଲ୍‌ରେ ପରାଜୟ ସତ୍ତ୍ୱେ ଶୀର୍ଷରେ ରହିଛନ୍ତି। ଅଲ୍‌କାରାଜ୍‌ଙ୍କଠାରୁ ସିନ୍‌ର ୨୦୩୦ ପଏଣ୍ଟରେ ଆଗୁଆ ରହିଛନ୍ତି। ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ତୃତୀୟ ସ୍ଥାନରେ ଥିବାବେଳେ ବ୍ରିଟିଶ୍ ଖେଳାଳି ଜ୍ୟାକ୍ ଡ୍ରାପର୍ ଚତୁର୍ଥ ଏବଂ ନୋଭାକ୍ ଜୋକୋଭିଚ୍ ପଞ୍ଚମ ସ୍ଥାନରେ ରହିଛନ୍ତି।

# ଭାରତ-ଏ'-ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଟେଷ୍ଟ ଡ୍ର'

## କୋଟିୟାନ-କମ୍ବୋଜ୍‌ଙ୍କ ଚମତ୍କାର ପ୍ରଦର୍ଶନ



**ନର୍ଥମ୍ପଟନ୍,୯/୬/ଏଜେନ୍ସି:** ଭାରତ-ଏ' ଏବଂ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଚତୁର୍ଥ ତଥା ଅନ୍ତିମ ଦିନ ଡ୍ର'ରେ ସମାପ୍ତ ହୋଇଛି। ତନୁଷ କୋଟିୟାନ୍‌ଙ୍କ ଚମତ୍କାର ବ୍ୟାଟିଂ ଏବଂ ଅଂଶୁଲ କମ୍ବୋଜଙ୍କ ସହ ଅଷ୍ଟମ ୱିକେଟ୍ ପାଇଁ ୧୪୯ ରନ୍‌ର ପାର୍ଟନରଶିପ୍ ଦମ୍‌ରେ ଭାରତ-ଏ' ଇଂଲଣ୍ଡ ଲାୟନ୍ସ ଆଗରେ ୪୩୯ ରନ୍‌ର ଲକ୍ଷ୍ୟ ଦେଇଥିଲା। ଦିନର ଖେଳ ଶେଷ ବେଳକୁ ଇଂଲଣ୍ଡ ଲାୟନ୍ସ ଟିମ୍ ୩ ୱିକେଟ୍ ବିନିମୟରେ ୩୨ ରନ୍ କରିଥିଲା। ଖେଳ ଶେଷ ବେଳକୁ ବେନ୍ ମାକ୍‌କିନି ୧୬ ଏବଂ ଜେମ୍ସ ରିଉ (୦) ଅପରାଜିତ ଥିଲେ। ଏହା ପୂର୍ବରୁ ଡମ୍ ହେନ୍ସ ୭, ଏମିଲୋ ଗେ ୫ ଓ ଜୋର୍ଡାନ୍ କକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଦ୍ୱିତୀୟ ଇନିଂସ୍‌ରେ ଅଂଶୁଲ କମ୍ବୋଜ ୨ଟି ଏବଂ ତୁଷାର ଦେଶପାଣ୍ଡେ ଗୋଟିଏ ୱିକେଟ୍ ନେଇଥିଲେ।

ତନୁଷ-କମ୍ବୋଜ୍‌ଙ୍କ ଚମତ୍କାର ପାର୍ଟନରଶିପ୍ ସହାୟତାରେ ଭାରତ-ଏ' ଦ୍ୱିତୀୟ ଇନିଂସ୍ ୪୧୭/୭ ସ୍କୋର୍‌ରେ ଘୋଷଣା କରିଥିଲା। ଏହା ସହିତ ଟିମ୍ ୪୩୮ ରନ୍‌ର ଅଗ୍ରଣୀ ଲାଭ ସହିତ ଲାୟନ୍ସ ଟିମ୍ ଆଗରେ ବିଜୟ ପାଇଁ ୪୩୯ ରନ୍‌ର ଲକ୍ଷ୍ୟ ରଖିଥିଲା। କୋଟିୟାନ୍ ଶତକ ଆଡ଼କ ଅଗ୍ରସର ହେଉଥିବା ବେଳେ ତୃତୀୟ ସେସନ୍ ଆରମ୍ଭ ପୂର୍ବରୁ ହିଁ ଭାରତ-ଏ' ଇନିଂସ୍ ଘୋଷଣାର ନିଷ୍ପତ୍ତି ନେଇଥିଲା। କୋଟିୟାନ୍ ୧୦୮ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୯୦ ରନ୍ ଏବଂ ଅଂଶୁଲ କମ୍ବୋଜ ୮୬ ବଲ୍‌ରେ ପାଞ୍ଚ ଚୌକା ଓ ଗୋଟିଏ ଛକା ସହାୟତାରେ ୫୧ ରନ୍ କରି ଅପରାଜିତ ଫେରିଥିଲେ। ଏହି ଦୁଇ ବ୍ୟାଟର୍ ଚମତ୍କାର ପାର୍ଟନରଶିପ୍ କରିବା ସହିତ ଦ୍ୱିତୀୟ ସେସନ୍‌ରେ ଇଂଲଣ୍ଡ ଲାୟନ୍ସକୁ ଗୋଟିଏ ବି ସଫଳତା ହାସଲ କରିବାକୁ ଦେଇନଥିଲେ। ଲାୟନ୍ସ ପକ୍ଷରୁ ଜର୍ଜ ହିଲଙ୍କ ୩ ୱିକେଟ୍ ନେଇଥିବା ବେଳେ କ୍ରିସ୍ ୱକ୍ସ ଓ ଏଡି ଜ୍ୟାକ୍‌ଙ୍କୁ ୨-୨ ସଫଳତା ମିଳିଥିଲା।

ଏହା ପୂର୍ବରୁ ଭାରତ-ଏ'ର ୩୪୮ ରନ୍ ଜବାବରେ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ୍‌ରେ ୩୨୭ ରନ୍ କରିଥିଲା। ଭାରତ-ଏ ପକ୍ଷରୁ ଧ୍ରୁବ ଜୁରେଲ୍ ଓ ନୀତୀଶ କୁମାର ରେଡ୍ଡୀ ଚତୁର୍ଥ ଦିନ ଖେଳର ଆରମ୍ଭ କରିଥିଲେ। ଦୁହିଁଙ୍କ ମଧ୍ୟରେ ପଞ୍ଚମ ୱିକେଟ୍ ପାଇଁ ୪୬ ରନ୍‌ର ପାର୍ଟନରଶିପ୍ ହୋଇଥିବା ବେଳେ ଜୁରେଲ୍‌ଙ୍କୁ ଆଉଟ୍ କରି ଏଡି ଜ୍ୟାକ୍ ପାର୍ଟନରଶିପ୍ ଭାଙ୍ଗିଥିଲେ। ଜୁରେଲ୍ ୨୮ ରନ୍ କରି ବିଦାୟ ନେବାପରେ ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ନୀତୀଶ ରେଡ୍ଡୀଙ୍କୁ ଜର୍ଜ ହିଲ୍ ବୋଲ୍ଡ କରିଥିଲେ। ନୀତୀଶ ୭୮ ବଲ୍‌ରେ ଚାରି ଚୌକା ଓ ଗୋଟିଏ ଛକା ବଳରେ ୪୨ ରନ୍ କରିଥିଲେ। ହିଲ୍ ଏହାପରେ ଶାର୍ଦ୍ଦୁଳ ଠାକୁରଙ୍କୁ ନିଜର ଦ୍ୱିତୀୟ ଶିକାର କରିଥିଲେ। ଶାର୍ଦ୍ଦୁଳଙ୍କ ଆଉଟ୍ ପରେ ଲଞ୍ଚ ବ୍ରେକ୍ ହୋଇଥିଲା। ଶାର୍ଦ୍ଦୁଳ ୪୭ ବଲ୍‌ରେ ୩୪ ରନ୍ କରି ଆଉଟ୍ ହୋଇଥିଲେ।

# ଦ୍ୱିତୀୟ ଟି-୨୦ରେ ଜିତିଲା ଇଂଲଣ୍ଡ

**ବ୍ରିଷ୍ଟଲ,୯/୬/ଏଜେନ୍ସି:** ବ୍ରିଷ୍ଟଲ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ୪ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ଦେଇଛି। ଏହା ସହିତ ତିନି ମ୍ୟାଚ୍‌ର ସିରିଜ୍‌ରେ ୨-୦ ଅପରାଜେୟ ଅଗ୍ରଣୀ ଲାଭ କରିଛି। ୱେଷ୍ଟଇଣ୍ଡିଜ୍ ପ୍ରଥମେ ୬ ୱିକେଟ୍‌ରେ ୧୯୬ ରନ୍ କରିଥିବା ବେଳେ ଇଂଲଣ୍ଡ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓେଷ୍ଟଇଣ୍ଡିଜ୍ ପ୍ରଥମ ବଲ୍‌ରେ ଏଭିନ୍ ଲୁଇସ୍‌ଙ୍କ ୱିକେଟ୍ ହରାଇଥିଲା। ଏହାପରେ କ୍ୟାପ୍‌ଟେନ୍ ଶାଇ ହୋପ୍ ଅନ୍ୟତମ ଓପ୍ନର୍ ଜନ୍‌ସନ୍ ଚାର୍ଲସ୍‌ଙ୍କ ସହ ଇନିଂସ୍ ସମ୍ଭାଳି ୯୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ହୋପ୍ ୪୯ ରନ୍ କରି ଆଉଟ୍ ହେବା ପରେ ଶେରଫେନ୍ ରଦରଫୋର୍ଡ (୬) ଓ ଚାର୍ଲସ୍ (୪୭) ମଧ୍ୟ ଶୀଘ୍ର ପ୍ୟାଭିଲିୟନ୍ ଫେରିଥିଲେ। ପଞ୍ଚମ ୱିକେଟ୍ ପାଇଁ ରୋମାରିଓ ଶେଫର୍ଡ ଓ ରୋଭ୍‌ମାନ୍ ପାଓ୍ୱେଲ୍ (୩୪)ଙ୍କ ମଧ୍ୟରେ ୩୧ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ପାଓ୍ୱେଲ୍‌ଙ୍କ ଆଉଟ୍ ପରେ ଶେଫର୍ଡ (୧୯) ୬ଷ୍ଠ ୱିକେଟ୍ ପାଇଁ ଜେସନ୍ ହୋଲ୍ଡର (୨୯*)ଙ୍କ ସହ ୧୪ ବଲ୍‌ରେ ୪୨ ରନ୍ ଉଠାଇ ସ୍କୋର୍ ୧୯୦ ପାର୍ କରାଇଥିଲେ।

୧୯୧ ରନ୍‌ର ପିଛା କରୁଥିବା ଇଂଲଣ୍ଡ ୯ ରନ୍‌ର ସ୍କୋର୍‌ରେ ଜେମି ସ୍ମିଥ୍‌ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଜୋସ୍ ବଟ୍‌ଲର (୪୭) ଓ ବେନ୍ ଡକେଟ୍ (୩୦) ଦ୍ୱିତୀୟ ୱିକେଟ୍ ପାଇଁ ୬୩ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ବଟ୍‌ଲର୍ ତୃତୀୟ ୱିକେଟ୍ ପାଇଁ ହ୍ୟାରୀ ବ୍ରୁକ୍(୩୪)ଙ୍କ ସହ ୪୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହାପରେ ଟମ୍ ବାଣ୍ଟନ୍ (୩୦*) ଓ ଜ୍ୟାକବ୍ ବେଥେଲ୍ (୨୬) ୬ଷ୍ଠ ୱିକେଟ୍ ପାଇଁ ୧୫ ବଲ୍‌ରେ ୪୩ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିଜୟ ଦେଇଥିଲେ। ଇଣ୍ଡିଜ୍ ପକ୍ଷରୁ ଅଲ୍‌ଜାରୀ ଯୋସେଫ୍ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍: ଅଭିଷେକଙ୍କୁ ୫ ୱିକେଟ୍

# କଟକ-ବି' ୧୫୮ ରନ୍‌ରେ ବିଜୟୀ



**କଟକ,୯/୬/ଏନ୍‌ଏନ୍‌ଏସ୍:** ଓସିଏ ପକ୍ଷରୁ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଛଅଟି ମ୍ୟାଚ୍ ଖେଳାଯିବାର ଥିବାବେଳେ ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ସ୍ଥଗିତ ହୋଇଛି। ବାକି ଚାରିଟି ମ୍ୟାଚ୍‌ରେ ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଏବଂ କଟକ-ବି' ବିଜୟୀ ହୋଇଛନ୍ତି। ରେଭେନ୍ସା-୨ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର ୧୦୧ ରନ୍‌ରେ କଳାହାଣ୍ଡିକୁ ହରାଇ ଦେଇଛି। ସମ୍ବଲପୁର ପ୍ରଥମେ ଅମରମାନ୍ ବହିଦାରଙ୍କ ୯୦ ଏବଂ ଏସ୍‌କେ ମୌସିନ୍‌ଙ୍କ ୫୦ ରନ୍ ବଳରେ ୨୮.୩ ଓଭର୍‌ରେ ୨୦୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କଳାହାଣ୍ଡି ୨୭.୨ ଓଭର୍‌ରେ ମାତ୍ର ୧୦୧ ରନ୍ କରି ସୀମିତ ହୋଇଯାଇଥିଲା। ୪ ୱିକେଟ୍ ନେଇଥିବା ସମ୍ବଲପୁରର ସେଖ୍ ତନ୍‌ବୀର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଡ଼ଶପୁର ପଡ଼ିଆରେ ବଲାଙ୍ଗିର ପ୍ରଥମେ ବ୍ୟାଟିଂ ନେଇ ୩୬.୩ ଓଭର୍‌ରେ ୧୨୬ ରନ୍ କରିଥିବା ବେଳେ ସୁନ୍ଦରଗଡ଼ ୩୦.୨ ଓଭର୍‌ରେ ୮ ୱିକେଟ୍ ହରାଇ ଡିଏଲ୍‌ଏସ୍ ମେଥଡ୍‌ରେ ଲକ୍ଷ୍ୟ ହାସଲ କରିନେଇଥିଲା। କଳାହାଣ୍ଡିର ସଞ୍ଜୀବ ବଡ଼ାଇକ ଶ୍ରେଷ୍ଠ ପ୍ରଦର୍ଶନ ସହ ୪ଟି ୱିକେଟ୍ ନେଇଥିଲେ। ଡ୍ରିମ୍ସ ପଡ଼ିଆରେ ମୟୂରଭଞ୍ଜ ପ୍ରଥମେ ୪୩ ଓଭର୍‌ରେ ୯ ୱିକେଟ୍ ହରାଇ ୨୦୧ ରନ୍ କରିଥିବା ବେଳେ ଗଜପତି ୨୧ ଓଭର୍‌ରେ ୫ ୱିକେଟ୍ ହରାଇ ୫୪ ରନ୍ କରିଥିଲା। ଡିଏଲ୍‌ଏସ୍ ମେଥଡ୍‌ରେ ମୟୂରଭଞ୍ଜ ୬୩ ରନ୍‌ରେ ବିଜୟୀ ହୋଇଥିଲା ୩ ୱିକେଟ୍ ନେଇଥିବା ମୟୂରଭଞ୍ଜର ପ୍ରିୟାଙ୍କ ପଟ୍ଟନାୟକ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ। ରେଭେନ୍ସା-୧ ପଡ଼ିଆରେ ପ୍ରଥମେ ବ୍ୟାଟିଂ ନେଇ କଟକ-ବି' ରଞ୍ଜନ ସାମଲଙ୍କ ୮୧ ଏବଂ ଅଭିଷେକ କାଲିଆଙ୍କୁ ୫୩ ରନ୍ ବଳରେ ୪୭ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୨୪୯ ରନ୍ କରିଥିଲା। ଜବାବରେ ମାଲକାନଗିରି ୨୯.୨ ଓଭର୍‌ରେ ୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ୧୫ ରନ୍ ଦେଇ ୫ ୱିକେଟ୍ ହାସଲ କରିଥିବା କଟକ-ବି'ର ଅଭିଷେକ ସେନାପତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ପର୍ତ୍ତୁଗାଲ୍ ୟୁଇଏଫ୍‌ଏ ନେସନ୍ସ ଲିଗ୍ ଚାମ୍ପିଅନ୍

## ସ୍ପେନ୍‌କୁ ୫-୩ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହରାଇଲା




**ମ୍ୟୁନିକ୍,୯/୬/ଏଜେନ୍ସି:** ପର୍ତ୍ତୁଗାଲ୍ ୟୁଇଏଫ୍‌ଏ ନେସନ୍ସ ଲିଗ୍ ଫାଇନାଲ୍‌ରେ ସ୍ପେନ୍‌କୁ ୫-୩ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଦ୍ୱିତୀୟ ଥର ପାଇଁ ଟାଇଟଲ୍ ହାସଲ କରିଛି। ମ୍ୟୁନିକ୍‌ରେ ରବିବାର ଖେଳାଯାଇଥିବା ଟାଇଟଲ୍ ମୁକାବିଲା ନିୟମିତ ସମୟ ମଧ୍ୟରେ ୨-୨ରେ ଡ୍ର' ରହିଥିଲା। ଏହାପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା। ମ୍ୟାଚ୍‌ରେ ଷ୍ଟାର୍ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ମହତ୍ତ୍ୱପୂର୍ଣ୍ଣ ଗୋଲ୍ ଦେଇ ସ୍ଥିତି ସମାନ କରିଥିଲେ। ମାତ୍ର ପରେ ଆହତ ହୋଇ ପଡ଼ିଆ ବାହାରକୁ ଚାଲିଯାଇଥିଲେ।

ମ୍ୟାଚ୍ ଆରମ୍ଭରୁ ଦୁଇଟି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ୨୧ତମ ମିନିଟ୍‌ରେ ମାର୍ଟିନ୍ ଜୁବିମେଣ୍ଡିଙ୍କ ଗୋଲ୍‌ରେ ସ୍ପେନ୍ ଅଗ୍ରଣୀ ଲାଭ କରିଥିଲା। ଏହାର ପାଞ୍ଚ ମିନିଟ୍ ପରେ ନୁନୋ ମେଣ୍ଡେସ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ଗୋଲ୍ ବଳରେ ସ୍ପେନ୍ ସ୍ଥିତି ସମାନ କରିଥିଲା। ହାଫ୍ ଟାଇମ୍ ପୂର୍ବରୁ ୪୫ତମ ମିନିଟ୍‌ରେ ପେଡ୍ରୋଙ୍କ ପାସ୍‌କୁ ମିକେଲ୍ ଓୟାର୍ଜାବଲ୍ ଗୋଲ୍‌ରେ ପରିଣତ କରି ସ୍ପେନ୍ ସପକ୍ଷରେ ସ୍ଥିତି ୨-୧ କରିଥିଲେ। ଦ୍ୱିତୀୟ ହାଫ୍‌ରେ ରୋନାଲ୍ଡୋ ମ୍ୟାଚ୍‌ର ୬୧ତମ ମିନିଟ୍‌ରେ ମେଣ୍ଡେସ୍‌ଙ୍କଠାରୁ ପାଇଥିବା ପାସ୍‌କୁ ଭଲି ଜରିଆରେ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ସ୍କୋର୍ ଲାଇନ୍ ୨-୨ କରିଥିଲେ। ଏହା ରୋନାଲ୍ଡୋଙ୍କ କ୍ୟାରିୟର୍‌ର ୯୩୮ତମ ଗୋଲ୍ ଥିଲା। ଅତିରିକ୍ତ ସମୟରେ ଆଉ କୌଣସି ଗୋଲ୍ ନହେବାର ମ୍ୟାଚ୍ ପେନାଲ୍ଟି ଶୁଟ୍‌ଆଉଟ୍‌କୁ ଯାଇଥିଲା। ଅଲ୍‌ଭାରୋ ମୋରାଟାଙ୍କ ପେନାଲ୍ଟି ଶଟ୍‌କୁ ପର୍ତ୍ତୁଗାଲ୍ ଗୋଲ୍‌କିପର୍ ଡିଆଗୋ କୋଷ୍ଟା ବଞ୍ଚାଇବା ଫଳରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ନିର୍ଣ୍ଣାୟକ ମୋଡ଼ ଆସିଥିଲା। ରୁବେନ୍ ନେଭେସ୍ ଅନ୍ତିମ ପେନାଲ୍ଟି ଗୋଲ୍ କରି ପର୍ତ୍ତୁଗାଲ୍‌କୁ ଐତିହାସିକ ବିଜୟ ଦେଇଥିଲେ। ଏହା ସହିତ ପର୍ତ୍ତୁଗାଲ୍ ନେସନ୍ସ ଲିଗ୍‌ରେ ଦୁଇଥର ଟାଇଟଲ୍ ବିଜେତା ପ୍ରଥମ ଟିମ୍ ହୋଇଛି।

# କାର୍ଲୋସ୍ ଅଲ୍‌କାରାଜ୍ ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍



## ପାଞ୍ଚ ସେଟ୍‌ର ଫାଇନାଲ୍‌ରେ ହାରିଲେ ସିନର୍

**ପ୍ୟାରିସ୍,୯/୬/ଏଜେନ୍ସି:** ସ୍ପେନ୍‌ର ୨୨ ବର୍ଷୀୟ ଟେନିସ୍ ଖେଳାଳି କାର୍ଲୋସ୍ ଅଲ୍‌କାରାଜ୍ ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍ ହୋଇଛନ୍ତି। ରବିବାର ୫ ଘଣ୍ଟାର ସଂଘର୍ଷପୂର୍ଣ୍ଣ ଟାଇଟଲ୍ ମୁକାବିଲାରେ ଅଲ୍‌କାରାଜ୍ ବିଶ୍ୱ ନଂ.୧ ଖେଳାଳି ଇଟାଲୀର ଜାନିକ୍ ସିନର୍‌ଙ୍କୁ ୪-୬, ୬-୭, ୭-୬, ୭-୬ରେ ମାତ୍ ଦେଇଛନ୍ତି। ପ୍ୟାରିସ୍‌ରେ ଏହା ଅଲ୍‌କାରାଜ୍‌ଙ୍କ ଲଗାତାର ଦ୍ୱିତୀୟ ଟାଇଟଲ୍ ବିଜୟ। ଏହା ସହିତ ଅଲ୍‌କାରାଜ୍ ଗ୍ରାଣ୍ଡସ୍ଲାମ୍ ନିଜ ରେକର୍ଡ ୫-୦ କରିଛନ୍ତି। ଅର୍ଥାତ୍ ଏହା ତାଙ୍କର ପଞ୍ଚମ ଗ୍ରାଣ୍ଡସ୍ଲାମ୍ ଫାଇନାଲ୍ ଥିବାବେଳେ ସେ ପଞ୍ଚମ ଥର ବିଜେତା ହୋଇଛନ୍ତି। ଚାମ୍ପିଅନ୍‌ଙ୍କୁ ୨୫ କୋଟି ଟଙ୍କାର ପୁରସ୍କାର ରାଶି ମିଳିଥିବା ବେଳେ ରନରଅପ୍‌କୁ ୧୩ କୋଟି ଟଙ୍କା ମିଳିଛି।

ଉଲ୍ଲେଖଯୋଗ୍ୟ, ଫାଇନାଲ୍‌ରେ ପ୍ରାରମ୍ଭିକ ଦୁଇଟି ସେଟ୍ ହାରିବା ପରେ କେହି ଚାମ୍ପିଅନ୍ ହେବା ଏହା ଓପନ୍ ଏରାରେ ୬ଷ୍ଠ ଘଟଣା। ସେହିପରି ଚଳିତ ଥର ଫ୍ରେଞ୍ଚ ଓପନ୍‌ର ସିଙ୍ଗଲ୍ସ ବର୍ଗର ଉଭୟ ଟାଇଟଲ୍ ନଂ.୨ ଖେଳାଳିଙ୍କ ଖାତାକୁ ଯାଇଛି। ଏହା ପୂର୍ବରୁ ଶନିବାର ବିଶ୍ୱ ନଂ.୨ କୋକୋ ଗଫ୍ ନଂ.୧ ଆର୍ଯ୍ୟନା ସାବାଲେଙ୍କାଙ୍କୁ ମହିଳା ମହିଳା ଚାମ୍ପିଅନ୍ ହୋଇଥିଲେ। ସେହିପରି ରବିବାର ବିଶ୍ୱ ନଂ.୨ ଅଲ୍‌ଜାରାଜ୍ ନଂ.୧ ସିନର୍‌ଙ୍କୁ ହରାଇ ଚାମ୍ପିଅନ୍ ହୋଇଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra